R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୯
ତିଥି : ଚତୁର୍ଥୀ
୨୭ ଅଗଷ୍ଟ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 319
27 Aug 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟାଜଳ ହ୍ରାସ, ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ୁଛି

ଭଦ୍ରକ/ଆରଡି, ୨୬।୮ (ସବ୍ୟୁ): ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଉଛି ହେଲେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି। ବୈତରଣୀ ତଳ ମୁଣ୍ଡରେ ବିପନ୍ନଙ୍କ ଦୁଃଖ, ଦୁର୍ଦ୍ଦଶା ବଢ଼ିବାରେ

### ୨୦ନଂ ଜାତୀୟ ରାଜପଥରେ ୩ ଫୁଟ ଉଚ୍ଚର ପାଣି

ଲାଗିଛି। ମଙ୍ଗଳବାର ଦିନ ସ୍ଥିତି ମଧ୍ୟ ଅପରିବର୍ତ୍ତିତ ରହିଛି। ଧାମନଗରରେ ଦୁର୍ଦ୍ଦଶା ବଢ଼ିଥିବାବେଳେ ୩ ପଞ୍ଚାୟତର ଶତାଧିକ ପରିବାର ହନ୍ତସନ୍ତ ହେଉଛନ୍ତି। ଗୋଖାଦ୍ୟ ମିଳୁନଥିବାରୁ ନଦୀବନ୍ଧରେ ଗାଈଗୋରୁମାନେ ଭୋକିଲା ଅବସ୍ଥାରେ



ରହିଛନ୍ତି। ଗାଁ ଦାଣ୍ଡ ଓ ଘରେ ବନ୍ୟା ପାଣି ପଶୁଥିବାରୁ ବିପନ୍ନମାନେ କୋଠାଘର ଛାତ, ବୈତରଣୀ ସେତୁ ଓ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି।

ଚାନ୍ଦବାଲି ବ୍ଲକର ତଳିଆ ଅଂଚଳ ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିବା ଫଳରେ ବୋଡକ ନିକଟରେ ୩ଦିନ (୯ ପୃଷ୍ଠାରେ)

### ସ୍ଥିତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ସଂପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଅଗଷ୍ଟ ୨୬ ତାରିଖ ଦିନ ରାଜଭବନର ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପୁଜିଥିବା ବନ୍ୟା ପରିସ୍ଥିତି ଏବଂ ପ୍ରଭାବିତ ଜିଲ୍ଲାମାନଙ୍କର (୯ ପୃଷ୍ଠାରେ)

## ନୂଆଁଖାଇ ଲାଗି ୨୯ ତାରିଖ ସରକାରୀ ଛୁଟି

ଭୁବନେଶ୍ୱର, ୨୬।୮ (ସବ୍ୟୁ) : କୃଷି ଭିତ୍ତିକ ଗଣପର୍ବ ନୂଆ ଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡିଶା ବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟ ସ୍ୱଜନ ମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ ଅଟେ।

ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ନୂଆଖାଇର ପରଦିନ ଅର୍ଥାତ ୨୯.୦୮.୨୦୨୫ (୯ ପୃଷ୍ଠାରେ)

### 'ଆମ ଶାସନ' ବ୍ୟବସ୍ଥା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ



ଭୁବନେଶ୍ୱର, ୨୬।୮ (ସବ୍ୟୁ) : ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ, ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ । ତେଣୁ ଲୋକଙ୍କ ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ। ଏହାଦ୍ୱାରା ଶାସନ ବ୍ୟବସ୍ଥା ଦକ୍ଷ ହୋଇପାରିଥାଏ। (୯ ପୃଷ୍ଠାରେ)

## ଓଡ଼ିଶାକୁ ୨୪୦ କୋଟିର ଅନୁଦାନ

ନୂଆଦିଲ୍ଲୀ, ୨୬।୮ : ଆର୍ଥିକ ବର୍ଷ ଲାଗି ଓଡ଼ିଶା ସମେତ ତିନୋଟି ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ଜାରି କରିଛନ୍ତି। ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼କରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଜାରି କରାଯାଇଛି । ଓଡ଼ିଶାକୁ ୨୪୦.୮୧୪୯ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ ଏବଂ ୬୩ଟି ବ୍ଲକ୍ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ମିଜୋରାମକୁ ୧୪.୨୭୬୧ କୋଟି ଏବଂ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ଆବଣ୍ଟନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି ।

କେନ୍ଦ୍ର ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳ (୯ ପୃଷ୍ଠାରେ)

## ବୈଷ୍ଣୋଦେବୀ ମାର୍ଗରେ ଭୂସ୍ଖଳନ : ୬ ମୃତ, ୧୪ ଆହତ

ନୂଆଦିଲ୍ଲୀ, ୨୬।୮ : ମାତା ବୈଷ୍ଣୋ ଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ହୋଇଛି। ଏହି ଭୂସ୍ଖଳନରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି। ଜମ୍ମୁ-କାଶ୍ମୀରର ରିୟାସୀ ଜିଲ୍ଲାର ତ୍ରିକୁଟା ପାହାଡରେ ମାତା ବୈଷ୍ଣୋଦେବୀଙ୍କ ପାହାଡ ରହିଛି। ଏବେବି କିଛି ଶ୍ରଦ୍ଧାଳୁ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି। ସେହିଭଳି ଜମ୍ମୁ-କାଶ୍ମୀରର ଡୋଡାରେ ବାଦଲଫଟା ବର୍ଷା (୯ ପୃଷ୍ଠାରେ)



## ଅମଲା ସଂଘ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ରାଜ୍ୟ ଅମଲା ସଂଘର ଆନ୍ଦୋଳନ ସ୍ଥଗିତ ରହିଛି। ଆଜିଠୁ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦୀର୍ଘ ୧୫ ଦିନ ଧରି ଆନ୍ଦୋଳନ ସଂଘ ପକ୍ଷରୁ ଚାଲିଥିଲା। ସଂଘ ସଭାପତିଙ୍କ ସୂଚନା ଅନୁଯାୟୀ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସେ କହିଛନ୍ତି। ଗତକାଲି ମୁଖ୍ୟ ସଚିବଙ୍କ ସହ ସଂଘର ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିନଥିଲା। ସମୂହ ଛୁଟିରେ ଯାଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିଠି ଲେଖିଥିଲେ। ସମୂହ ଛୁଟି ଦରଖାସ୍ତକୁ ଗ୍ରହଣ ନକରି ଏହାକୁ ଅନୁପସ୍ଥିତ ଭାବେ ଗ୍ରହଣ କରିବାକୁ କୁହାଯାଇଥିଲା। କାମ ନ କଲେ ଦରମା ମିଳିବ ନାହିଁ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଥିଲା। ଗତ ୧୧ ତାରିଖରୁ ଆନ୍ଦୋଳନ ଚାଲିଥିଲେ ବି ସରକାରଙ୍କ ସହ ସଂଘର କୌଣସି ଆଲୋଚନା ହୋଇନଥିଲା। ତେବେ ଗତକାଲି ମୁଖ୍ୟ ସଚିବଙ୍କ (୯ ପୃଷ୍ଠାରେ)





# ଚଟଣି

ସମୟ
ବୁଧବାର, ୨୭ ଅଗଷ୍ଟ ୨୦୨୫

**ଅଗ୍ରପୂଜ୍ୟ ଭାବେ ସର୍ବତ୍ର ପୂଜା ପାଇଥାଆନ୍ତି ପ୍ରଭୁ ଶ୍ରୀଗଣେଶ । ବିଦ୍ୟା ବୁଦ୍ଧିର ଦେବ ଗଜାନନଙ୍କ ପୂଜାକୁ ସମସ୍ତେ ବେଶ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି । ଗାଁ ଠାରୁ ସହର ସବୁସ୍ଥାନ ଗଜାନନଙ୍କ ଆଗମନରେ ଉତ୍ସବମୁଖର ହୋଇଉଠେ । ପୁରପଲ୍ଲୀ ବାସିନ୍ଦା ବେଶ୍ ଜାକଜମକରେ ପାଳନ୍ତି ଗଣେଶ ଚତୁର୍ଥୀ ।**

# ଗଣେଶ ଚତୁର୍ଥୀ





ପବିତ୍ର ଗଣେଶ ପୂଜା ଉତ୍କଳରେ ନୁହେଁ, ସମଗ୍ର ଭାରତ ବର୍ଷରେ ପାଳିତ ହେଉଛି । ଗଣେଶ ଜ୍ଞାନଦାତା, ବିଦ୍ୟାଦାତା, ବିଘ୍ନ ବିନାଶକାରୀ ପ୍ରଭୁ ଗଣନାଥ ଭାବେ ସର୍ବବିଦିତ । ଆବାଳବୃଦ୍ଧ ବନିତା ସମସ୍ତେ ତାଙ୍କୁ ପୂଜା କରନ୍ତି । ଗଣେଶ ହେଉଛନ୍ତି ଜ୍ଞାନ ଓ ପ୍ରଜ୍ଞାର ପ୍ରତୀକାତ୍ମକ ବିଗ୍ରହ । ଛାତ୍ରଛାତ୍ରୀ, ପଣ୍ଡିତ ଓ ବୁଦ୍ଧିଜୀବୀମାନେ ହାତ ଯୋଡି ତାଙ୍କ ପାଖରେ ଜ୍ଞାନ ଭିକ୍ଷା କରନ୍ତି । ଭାଦ୍ରବ ମାସର ଚତୁର୍ଥୀ ଥିତିରେ ପବିତ୍ର ଶ୍ରୀଗଣେଶ ଚତୁର୍ଥୀ । ବାଳକବାଳିକାମାନଙ୍କ ନୂତନ ବିଦ୍ୟାରମ୍ଭର ଏହି ଦିନ ହୋଇଥାଏ । ହିନ୍ଦୁ ଗୃହରେ ଅନ୍ନପ୍ରାଶନ, ବିଦ୍ୟାରମ୍ଭ, ଗୃହପ୍ରବେଶ, ଉପନୟନ, ବିବାହାଦି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କୁ ଅର୍ଚ୍ଚନା କରାଯାଇ ତା'ପରେ ଶୁଭକାର୍ଯ୍ୟ ଆରମ୍ଭ ହୁଏ । ଶିବ ପାର୍ବତୀ ଗଣେଶଙ୍କର ଜନକ ଜନନୀ ହେଲେ ମଧ୍ୟ ଗଣେଶ ହେଉଛନ୍ତି ଆଦିଦେବ । ସେ ସର୍ବଦେବ ତାଙ୍କ ଦ୍ୱାରା ପୂଜିତ, ଅଗ୍ରପୂଜା ଗଣଦାତା ଶୁଭଦ ଓ ବରଦ ଅଟନ୍ତି । ମଙ୍ଗଳଦାୟକ ଶ୍ରୀଗଣେଶ । ବ୍ୟାସଦେବଙ୍କ କଥିତ ଶାସ୍ତ୍ରକୁ ଲେଖନୀ ଧରି ଭକ୍ତମାନଙ୍କ ପାଇଁ ଗଣେଶ ହିଁ ସର୍ବଶାସ୍ତ୍ର ଲେଖିଥିଲେ । ତେଣୁ ତାଙ୍କୁ ପୂଜା କରିବା ଦ୍ୱାରା ସର୍ବବିଘ୍ନ ନିବାରଣ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ଗଜାନନଙ୍କ ପୂଜାକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ । ପ୍ରତିଟି ସ୍କୁଲ କଲେଜ ସହିତ ବିଭିନ୍ନ ଅନୁଷ୍ଠାନରେ ଗଜାନନଙ୍କୁ ଖୁବ ଶ୍ରଦ୍ଧାର ସମସ୍ତେ ପୂଜାଅର୍ଚ୍ଚନା କରିଥାଆନ୍ତି । ଏହାସହ ଦୁର୍ଗାପୂଜା ଭଳି ବିଭିନ୍ନ ପେଣ୍ଡାଲ ମାନଙ୍କରେ ମଧ୍ୟ ଗଣେଶଙ୍କ ପୂଜାର ଆୟୋଜନ କରାଯାଇଥାଏ । ଏଥିପାଇଁ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏଠାରେ ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ସହିତ ବଡବଡ ଉଚ୍ଚ ତୋରଣ ଶୋଭା ପାଇଥାଏ । ପାଖାପାଖି ସାତ ଦିନ ଧରି ପ୍ରତିଟି ମଣ୍ଡପରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥାଏ । ପ୍ରତିଦିନ ସନ୍ଧ୍ୟାରେ ଭଜନ ଆସର ଯମିଥାଏ । ବିଶେଷଭାବେ ଓଡ଼ିଶାର ଜଟଣୀରେ ଖୁବ ଜାକଜମକରେ ଗଣେଶ ପୂଜାର ପାଳନ ହୋଇଥାଏ । ଜଟଣୀ ବଜାରରେ ଉଚ୍ଚଉଚ୍ଚ ତୋରଣ ସହିତ ମେଢ ପ୍ରସ୍ତୁତ ହୋଇଥାଆନ୍ତି, ଯାହାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କର ଭିଡ ଯମିଥାଏ । ତେବେ କେବଳ ସାର୍ବଜନୀନ ସ୍ଥାନ ନୁହେଁ ଘରେଘରେ ମଧ୍ୟ ଛୋଟଛୋଟ ଗଣେଶଙ୍କ ମୂର୍ତ୍ତି ପୂଜା ହେଉଥିବାର ଦେଖିବାକୁ ମିଳିଥାଏ ।



## ସଜାନ୍ତୁ ପେଣ୍ଡାଲ୍

ଗଣେଶ ପୂଜା କେବଳ ମନ୍ଦିର କିମ୍ବା ବାହାରେ ହେଉଥିବା ପେଣ୍ଡାଲରେ ହୋଇନଥାଏ । ଏହି ପୂଜା ଘରେଘରେ ମଧ୍ୟ ହୋଇଥାଏ । ତେବେ ଘରେ ପୂଜା କରିବା ପୂର୍ବରୁ କିଛିଟା ଦିଗ ପ୍ରତି ଧ୍ୟାନ ଦେଲେ ପୂଜା ବେଶ୍ ସୁନ୍ଦର ସହ ଆକର୍ଷଣୀୟ ହୋଇପାରିବ । ଖୁବ ଛୋଟଛୋଟ ଜିନିଷକୁ ସଜାଇ ପାରିଲେ ଏହା ବେଶ୍ ଭଲ ସୁନ୍ଦର ଗଣେଶ ପେଣ୍ଡାଲ ହୋଇପାରିବ ।

ପୂଜା ଘର ସଜାଇବା ପାଇଁ ବିଭିନ୍ନ ପ୍ରକାରର ଫୁଲର ବ୍ୟବହାର କରନ୍ତୁ । ଏଭଳି ଫୁଲକୁ ତାଲିକାରେ ରଖନ୍ତୁ, ଯାହା ଶୀଘ୍ର ମଉଳି ନଥାଏ । ତେଣୁ ପ୍ରଥମ ପ୍ରାଥମିକତା ଗେଣ୍ଡୁ ଫୁଲକୁ ଦିଅନ୍ତୁ । ଶାସ୍ତ୍ରରେ ବର୍ଣ୍ଣନା ଅନୁସାରେ ଗଣେଶଙ୍କୁ ହଳଦିଆ ରଙ୍ଗ ଭଲ ଲାଗିଥାଏ । ତେଣୁ ପୂଜାଘର ସଜାଇବା ସମୟରେ ହଳିଦିଆ ରଙ୍ଗର ଫୁଲ ବ୍ୟବହାର କଲେ ଭଲ । ସେହିଭଳି ଯଦି ଆପଣ ଇକୋଫ୍ରେଣ୍ଡଲି ଗଣେଶ ପୂଜା ପାଳନ କରିବାକୁ ଚାହୁଁଛନ୍ତି, ତେବେ ପୂଜା ଘରେ ଗଛ ମଧ୍ୟ ସଜାଇପାରିବେ । ଏହି ଗଛରେ ସଜାଇବା ପାଇଁ ଆବଶ୍ୟକ ହେଉଥିବା ଲାଇଟ୍, ବେଲୁନ୍, ଚୁନି ଆଦିକୁ ସଜାଇପାରିବେ । ସେହିଭଳି ଘରର କାନ୍ଥକୁ ଫୁଲ ମାଳ, ବେଲୁନ୍, ରଙ୍ଗବେରଙ୍ଗ ଲାଇଟ୍, ଚୁନି, ଝାଲର ଆଦିରେ ସଜାଇପାରିବେ । ସେହିଭଳି କିଛି ବି ପର୍ବ ବିନା ରଙ୍ଗୋଲିରେ ଅଧୁରା ଲାଗିଥାଏ । ତେଣୁ ବିଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରି ସୁନ୍ଦର ରଙ୍ଗୋଲି କରନ୍ତୁ, ଯାହା ପୂଜାଘରକୁ ବେଶ୍ ଆକର୍ଷଣୀୟ କରିବ । ଏହି ରଙ୍ଗୋଲିରେ ଦୀପ ଥୋଇପାରିବେ ।



## ପୂଜା ଭୋଗ





## ଭିନ୍ନ ସ୍ଥାନରେ ଗଜାନନ ପୂଜା

**ପୂରା ଭାରତରେ ଗଣେଶ ପୂଜା ସବୁ ସ୍ଥାନରେ ପାଳନ ହୋଇଥାଏ । ବିଭିନ୍ନ ରାଜ୍ୟରେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରନ୍ତି । ଗଣେଶ ଚତୁର୍ଥୀର ଅନେକ ଦିନ ପୂର୍ବରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ । ମହାରାଷ୍ଟ୍ର,ଦିଲ୍ଲୀ, ଗୋଆ, କର୍ଣ୍ଣାଟକ ଭଳି ଅନେକ ସ୍ଥାନରେ ଶ୍ରଦ୍ଧାଳୁ ମାନେ ଏହାକୁ ଖୁବ୍ ଧୁମଧାମ୍‌ରେ ପାଳନ କରନ୍ତି । ତେବେ ଆସନ୍ତୁ ଜାଣିବା କେଉଁଠି କିଭଳି ପାଳନ ହୁଏ ଗଜାନନଙ୍କ ପୂଜା ।**





**ମହାରାଷ୍ଟ୍ର–** ମହାରାଷ୍ଟ୍ରରେ ସବୁଠାରୁ ବେଶି ଧୁମ୍‌ଧାମରେ ଗଣେଶ ପୂଜା ପାଳନ ହୋଇଥାଏ । ଗଣେଶ ପୂଜାର ପ୍ରାୟ ୧୦ ଦିନ ପୂର୍ବରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ମହାରାଷ୍ଟ୍ର ଅନେକ ସ୍ଥାନରେ ଗଣେଶଙ୍କର ବଡ ମୂର୍ତ୍ତି ସହ ବଡବଡ ମେଢ ବସିଥାଏ । ଏହି ସ୍ଥାନରେ ଖୁବ୍ ବଡବଡ ମୂର୍ତ୍ତି ପୂଜା ହୋଇଥାଏ । ସମସ୍ତେ ଶ୍ରଦ୍ଧା ଓ ଉତ୍ସାହର ସହ ପୂଜାର ମଜାନେଇଥାଆନ୍ତି । ଏହି ଦିନ ସିଦ୍ଧିବିନାୟକ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥାଏ । ଶ୍ରଦ୍ଧାଳୁମାନେ ଗଣେଶଙ୍କୁ ପୂଜା କରିବା ସହିତ ନୃତ୍ୟରେ ନିଜର ଭକ୍ତି ପ୍ରଦର୍ଶନ କରନ୍ତି । ଏଠି ଗଣେଶଙ୍କର ପ୍ରିୟ ମୋଦକକୁ ପ୍ରସାଦ ଭାବେ ଦିଆଯାଇଥାଏ । ଏହାସହିତ ମହାରାଷ୍ଟ୍ରରେ ତିଆରି ହୋଇଥିବା ମେଢକୁ ପଟୁଆରରେ ନିଆଯାଇ ଭସାଣି ଦିନ ଭସାଣି କରାଯାଇଥାଏ । ଯାହାକୁ ଦେଖିବାକୁ ଅନେକ ଲୋକ ରାସ୍ତା କଡରେ ରୁଣ୍ଡ ହୋଇଥାଆନ୍ତି ।

**ଦିଲ୍ଲୀ–** ଦିଲ୍ଲୀର ଗଣେଶ ପୂଜା ନିଜର ବଡଆକାରର ପାଳନ ପାଇଁ ପୂରା ଭାରତରେ ପରିଚିତ । ମହାରାଷ୍ଟ୍ର ପରେ ଦିଲ୍ଲୀରେ ହିଁ ଖୁବ୍ ଧୁମ୍‌ଧାମରେ ଗଣେଶ ପୂଜା ପାଳନ ହୋଇଥାଏ । ବଡବଡ ମୂର୍ତ୍ତି ପୂଜା ପାଇଁ ସ୍ଥାପନ କରାଯାଇଥାଏ । ଏହାସହ ସ୍ଥାନେସ୍ଥାନେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥାଏ । ବାହାରେ ମେଢ ସହିତ ସମସ୍ତ ମନ୍ଦିରରେ ମଧ୍ୟ ପୂଜା କରାଯାଇଥାଏ । ବିଭିନ୍ନ ସୁସ୍ୱାଦୁ ପ୍ରସାଦ ଭକ୍ତମାନଙ୍କୁ ବଣ୍ଟା ଯାଇଥାଏ ।

**ଗୋଆ–** ମହାରାଷ୍ଟ୍ର ଓ ଦିଲ୍ଲୀ ଭଳି ଗୋଆରେ ମଧ୍ୟ ବେଶ୍ ଜାକଜକମରେ ଗଣେଶ ପୂଜା ପାଳନ କରାଯାଇଥାଏ । ଗଣେଶ ପୂଜା ପୂର୍ବରୁ ଲୋକମାନେ ସେମାନଙ୍କ ଘର ସଫା କରିବା ଆରମ୍ଭ କରିଥାଆନ୍ତି । ପ୍ରତିଘରେ ଘରେ ଏହି ପୂଜାକୁ ପାଳନ କରାଯାଇଥାଏ । ଏହାସହ ସ୍ଥାନୀୟ କାରିଗରଙ୍କ ହାତରେ ପ୍ରସ୍ତୁତ ମୂର୍ତ୍ତିକୁ ପେଣ୍ଡାଲରେ ବସାଯାଇ ପୂଜା କରାଯାଇଥାଏ । ଗୋଆରେ ପ୍ରସ୍ତୁତ ପେଣ୍ଡାଲ ଗୁଡିକୁ ବିଭିନ୍ନ କଳାତ୍ମକ ସାମଗ୍ରୀ ଯେପରି ବାଉଁଶ, ନଡିଆ ଖୋଳ, ଆଖୁ ଆଦିରେ ସଜାଯାଇଥାଏ । ଏହାସହ ଏଠାରେ ଥିବା ମନ୍ଦିରରେ ମଧ୍ୟ ଗଣେଶଙ୍କୁ ପୂଜା କରାଯାଇଥାଏ ।

**କର୍ଣ୍ଣାଟକ–** କର୍ଣ୍ଣାଟକରେ ଗଣେଶ ପୂଜାକୁ ବିଭିନ୍ନ ପରମ୍ପରା ହିସାବରେ ପାଳନ କରାଯାଇଥାଏ । ଏଠାରେ ଗଣେଶ ପୂଜାକୁ ସ୍ଥାନୀୟ ଭାଷାରେ ଗଣେଶ ହବ୍ବା ବୋଲି କୁହାଯାଇଥାଏ । ଏଠାରେ ଗଣେଶଙ୍କ ସହିତ ପାର୍ବତୀଙ୍କୁ ମଧ୍ୟ ପୂଜା କରାଯାଇଥାଏ ।

**ତାମିଲନାଡୁ–** ଗଣେଶପୂଜା ଦିନ ତାମୁଲନାଡୁରେ ଥିବା ସମସ୍ତ ମନ୍ଦିରରେ ପୂଜାର ଆୟୋଜନ କରାଯାଇଥାଏ । ଏଠାରେ ପୂଜା ଦିନ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ମୋଦକର ବ୍ୟବସ୍ଥା କରାଯାଇଥାଏ । ସମସ୍ତଙ୍କୁ ପ୍ରସାଦ ବଣ୍ଟାଯାଇଥାଏ । ଅଲଗା ରାଜ୍ୟ ଭଳି ଏଠାରେ ମଧ୍ୟ ବଡବଡ ମୂର୍ତ୍ତିସହ ପେଣ୍ଡାଲ କରାଯାଇଥାଏ ।

### ଅମିନି କୋଝୁକଟ୍ଟାଇ

**ସାମଗ୍ରୀ–** ଚାଉଳ ଗୁଣ୍ଡ, ପାଣି, ଲୁଣ, ରାଶି ତେଲ, ସୋରିଷ, ଶୁଖିଲା ଲଙ୍କା, କଞ୍ଚା ଲଙ୍କା, ହେଙ୍ଗୁ, ଭୃସଙ୍ଗ ପତ୍ର, ନଡିଆ କୋରା, ହରଡ ଡାଲି ।

**ପ୍ରଣାଳୀ–** ପ୍ରଥମେ ଲୁଣ ଓ ତେଲ ଦେଇ ଚାଉଳ ଗୁଣ୍ଡକୁ ସିଝାଇ ନିଅନ୍ତୁ । ଏହାକୁ ଥଣ୍ଡା କରି ଅଟା ଭଳି ଚକଟି ନିଅନ୍ତୁ । ଏହାପରେ ଏଥିରୁ ଛୋଟଛୋଟ ବଲ ଆକାରର ପ୍ରସ୍ତୁତ କରନ୍ତୁ । ଏହି ଗୋଲଗୋଲ ଗୁଡିକୁ ଆଉଥରେ ପିଠା ସିଝାଇବା ଭଳି ସିଝାଇ ନିଅନ୍ତୁ । ଏହାପରେ ଏକ ପ୍ୟାନରେ ରାଶି ତେଲ ଗରମ କରି ଏଥିରେ ସୋରିଷ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା, କଞ୍ଚାଲଙ୍କା, ହେଙ୍ଗୁ, ହରଡ ଡାଲି ଓ ଅଳ୍ପ ଲୁଣ ପକାଇ ଭାଜନ୍ତୁ । ଏହି ମିଶଣରେ ପୂର୍ବ ପ୍ରସ୍ତୁତ ଛୋଟଛୋଟ ଗୋଲ ଗୁଡିକ ପକାଇ ଅଳ୍ପ ଭାଜିନିଅନ୍ତୁ । ଶେଷରେ କୋରା ନଡିଆ ପକାଇ ଗୋଳାଇ ଦିଅନ୍ତୁ , ପ୍ରସ୍ତୁତ ହୋଇଯିବ ଅମିନି କୋଝୁକଟ୍ଟାଇ ।

### ମୋଦକ

**ସାମଗ୍ରୀ–** ନଡିଆ କୋରା,ଗୁଡ, ଗୁଜୁରାତି ଗୁଣ୍ଡ, ଘିଅ, ବିଭିନ୍ନ କଟା ବାଦାମ, ଚାଉଳ ଗୁଣ୍ଡ, ପାଣି, ଲୁଣ, ଗୋଲ ମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ପାଣି ଗରମ କରନ୍ତୁ । ସେଥିରେ ଅଳ୍ପ ଲୁଣ ଓ ଘିଅ ପକାନ୍ତୁ । ଏହାପରେ ଏଥିରେ ଧୀରେଧୀରେ ଚାଉଳ ଗୁଣ୍ଡ ପକାଇ ଗୋଳାନ୍ତୁ । ଅଳ୍ପସମୟ ସିଝାନ୍ତୁ ଏହାପରେ ଏହାକୁ ଥଣ୍ଡା ହେବାକୁ ରଖି ଦିଅନ୍ତୁ । ଏହାପରେ ନଡିଆ,ଗୁଣ୍ଡ, ଗୁଜୁରାତି ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ମିଶାଇ ଏକ ପୁରପ୍ରସ୍ତୁତ କରନ୍ତୁ । ଏହାପରେ ଏହି ଚକଟାରୁ ଛୋଟଛୋଟ ମୋଦକ ଗଢନ୍ତୁ । ମୋଦକ ଗଢିବା ସମୟରେ ଏଥିରେ ପୁର ଭାବେ ନଡିଆ କୋରା ଓ ଗୁଡର ମିଶ୍ରଣକୁ ଦିଅନ୍ତୁ । ଏହାପରେ ମଣ୍ଡାପିଠା ଭଳି ଏହି ମୋଦକ ଗୁଡିକୁ ସିଝାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ମୋଦକ ।

### ଲଡ୍ଡୁ

**ସାମଗ୍ରୀ–** ଛୋଟ ଦାନା ସୁଜି ଏକ କପ୍, ଘିଅ ଅଧାକପ୍, ଖୁଆ ସ୍ୱାଦ ଅନୁସାରେ, ଅଳ୍ପ ଗୁଜୁରାତି ଗୁଣ୍ଡ, ସଜାଇବା ପାଇଁ କିସମିସ, ଗୁଣ୍ଡ ଚିନି ଏକ କପ୍

**ପ୍ରଣାଳୀ–** ପ୍ୟାନ୍‌ରେ ଅଧାକପ୍ ଘିଅ ଗରମ କରନ୍ତୁ । ଏଥିରେ ଏକ କପ୍ ସୁଜି ପକାନ୍ତୁ (ଛୋଟ ଦାନା ସୁଜି) । ସୁଜିକୁ କିଛି ସମୟ ପର୍ଯ୍ୟନ୍ତ କମ ଆଞ୍ଚରେ ଭାଜନ୍ତୁ । ସୁଜିକୁ ଅଳ୍ପ ଗୋଲ୍ଡେନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ସମସ୍ତ ଘିଅ ସୁଜିରେ ମିଶିଯିବା ପରେ ଏଥିରେ ଗ୍ରେଟେଡ୍ ଖୁଆ ମିଶାନ୍ତୁ । ଏହାପରେ ଏହାକୁ ଭଲକରି ଗୋଳାନ୍ତୁ । ଖୁଆ ମିଶିବା ପର୍ଯ୍ୟନ୍ତ ସୁଜିକୁ ଭାଜନ୍ତୁ । ଏଥିରେ ବର୍ତ୍ତମାନ ଅଧା ଚାମଚ ଗୁଜୁରାତି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରିନିଅନ୍ତୁ । ଏକ ପ୍ଲେଟ୍‌କୁ କାଢି ଥଣ୍ଡା କରନ୍ତୁ । ହାତରେ ଧରିହେଉଥିବା ଭଳି ଗରମ ଥିବା ଅବସ୍ଥାରେ ଏଥିରେ ଗୁଣ୍ଡ ଚିନି ଏକ କପ୍ ମିଶାନ୍ତୁ । ହାତରେ ଭଲକରି ମିଶାଇ ନିଅନ୍ତୁ । ଏହାପରେ ହାତରେ ଘିଅ ମାରି ଏହି ମିଶ୍ରଣକୁ ଲଡ୍ଡୁ ଆକାରରେ ଗଢନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଖୁଆ ଲଡ୍ଡୁ ।



ଉପସ୍ଥାପକ
JAY BHARAT FOUNDATION
BHARAT
ODISHA
ପ୍ରାୟୋଜକ
BHARAT
MASALA
The Taste of New India
ଭାରତ ଯେଉଁଠି, ପ୍ରତିଭା ସେଇଠି
୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ
୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫
ଉଦ୍‌ଘାଟକ
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଓଡିଶା ସରକାର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ
ମାନ୍ୟବର ସାଂସଦ, ରାଜ୍ୟସଭା
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ
ମାନ୍ୟବର ବାଙ୍କୀ ବିଧାୟକ
ସମ୍ମାନିତ ଅତିଥି
ଶ୍ରୀମତୀ ସୋଫିଆ ଫିର୍ଦୋଷ
ମାନ୍ୟବର ବାରବାଟୀ-କଟକ ବିଧାୟିକା
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)
ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର
ସମ୍ମାନିତ ଅତିଥି
ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା
ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ, ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ
ଭାରତ ଗୌରବ ସମ୍ମାନ
ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି
(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)
ସେବା ଭାରତ ସମ୍ମାନ
ଡ. କେଶବ ଚନ୍ଦ୍ର ଶତପଥୀ
(ଡି.ଏ. ଭି ସ୍କୁଲ ନିର୍ଦ୍ଦେଶକ, ଓଡିଶା)
କଥା ଭାରତ ସମ୍ମାନ
ଡ. ଅରବିନ୍ଦ ବେହେରା
(ଆଇ.ଏ.ଏସ୍.)
ସଂସ୍କୃତି ଭାରତ ସମ୍ମାନ
ଡ. ଶ୍ୱେତ କୁମାର ଦାଶ
(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)
କ୍ରୀଡ଼ା ଭାରତ ସମ୍ମାନ
ଶ୍ରୀ କିଶୋର ଚନ୍ଦ୍ର ଜେନା
(ଏସିଆନ ରୌପ୍ୟ ବିଜୟୀ)
ବିଦ୍ୟା ଭାରତ ସମ୍ମାନ
ତପେଶ୍ୱର ବାଗ
(+୨ ବିଜ୍ଞାନ)
ବିଦ୍ୟା ଭାରତ ସମ୍ମାନ
ଆର୍ଚ୍ଛି ଚିନ୍ମୟୀ ପ୍ରଧାନ
(+୨ ବାଣିଜ୍ୟ)
ବିଦ୍ୟା ଭାରତ ସମ୍ମାନ
ପ୍ରିୟଦର୍ଶିନୀ ଗଡ଼ନାୟକ
(+୨ କଳା)
ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା
Required Sales Executive. Both Male and Female can apply at: info@bharatmasala.in

**ମେଡିକାଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇଥିବା ଦିଦାୟୀ (ପିଭିଟିଜି) ସମ୍ପ୍ରଦାୟର ପ୍ରଥମ ଛାତ୍ରୀ**

# ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର କୁମାରୀ ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ କୁମାରୀ ଚମ୍ପାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କୁ ଏକ ଲାପ୍‌ଟପ୍ ଉପହାର ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଚମ୍ପାଙ୍କୁ ଆଶୀର୍ବାଦ କରି ଆଗକୁ ଆହୁରି ଭଲ ପାଠ ପଢ଼ିବାକୁ କହିଥିଲେ । ଭଲ ପାଠପଢ଼ି, ଭଲ ଡାକ୍ତର ହୋଇ, ଲୋକଙ୍କ ସେବା କରିପାରିଲେ ତାହା ହେବ ଜୀବନର ସାର୍ଥକତା ହେବ ବୋଲି ମୁଖ୍ୟମନ୍ତ୍ରୀ ଚମ୍ପାକୁ ଉପଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କର ସାରା ଜୀବନ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି କୃତଜ୍ଞତା ପ୍ରକାଶ କରି ଚମ୍ପା କହିଥିଲେ ।

ସୂଚନାଯୋଗ୍ୟ ଯେ, କୁମାରୀ ଚମ୍ପା ହେଉଛନ୍ତି ପିଭିଟିଜି ଦିଦାୟୀ ବର୍ଗର ତଥା ମାଲକାନଗିରି ଜିଲ୍ଲା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ପ୍ରଥମ ଛାତ୍ରୀ । ୨୦୨୫-ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୁମାରୀ ଚମ୍ପା ଚିତ୍ରକୋଣ୍ଡା ଏସ୍.ଏସ୍.ଡି ସ୍କୁଲରୁ ଦଶମ ଶ୍ରେଣୀ ଓ ଗୋବିନ୍ଦପାଲି ହାୟର ସେକେଣ୍ଡାରୀ ଏସ୍.ଏସ୍.ଡି ସ୍କୁଲରୁ ଯୁକ୍ତ ଦୁଇ ପାସ୍ କରିଛନ୍ତି । ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୁମାରୀ ଚମ୍ପା ବର୍ତ୍ତମାନ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ପାଠ ପଢ଼ିବେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀଲଙ୍କା ପ୍ରତିନିଧି ଦଳ

ଭୁବନେଶ୍ୱର (ସବ୍ୟୁ) : ଶ୍ରୀଲଙ୍କାରୁ ଆସିଥିବା ୩୦ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି । ଏହି ପ୍ରତିନିଧି ଦଳରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ପ୍ରେସ୍ ଅଫିସରଙ୍କ ସମେତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ସୂଚନା ବିଭାଗର ଅଧିକାରୀମାନେ ଅଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀଲଙ୍କା ଓ ଓଡ଼ିଶା ଅତିତରୁ ଏକାଠି ଅଛନ୍ତି । ଶାନ୍ତି, ବନ୍ଧୁତ୍ୱ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକାଠି ହୋଇ କାମକରିବା ।



ମୁଖ୍ୟମନ୍ତ୍ରୀ ଏହି ପ୍ରତିନିଧି ଦଳଙ୍କୁ ସ୍ୱାଗତ କରିଛନ୍ତି ଓ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଶୁଭେଚ୍ଛା ଜଣାଇବାକୁ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଅତିତ କେବଳ ଇତିହାସ ସହ ନୁହେଁ ପୌରାଣିକ ସଂପର୍କ ସହ ଜଡିତ । ଆମର ସଂପର୍କ, ପଡୋଶୀ ସଦିଚ୍ଛା ଓ ଭାଇଚାରା ବନ୍ଧୁତ୍ୱ ଏକ ଜ୍ୱଳନ୍ତ ନିର୍ଦ୍ଦସନ । ଆମର ନୌ ବାଣିଜ୍ୟର ଅତିହ୍ୟ ସୁଦୁର ପ୍ରଶାରୀ । କଳିଙ୍ଗର ନାବିକମାନେ ଶ୍ରୀଲଙ୍କା ଯାଇ ସେଠାକୁ ଚାଉଳ, ଘୋଡା ଓ ହାତୀ ଆଣୁଥିଲେ । ଏହି ଇତିହାସକୁ ମନେପକାଇ କଟକରେ ବାଲିଯାତ୍ରା କରାଯାଉଛି । ଆଶା କରୁଛି ଯେ, ଆମର ସହଯୋଗ ଆଗକୁ ବଢ଼ିବ । ବିଶେଷ କରି ପର୍ଯ୍ୟଟନ, ସଂସ୍କୃତି, ଶିକ୍ଷା, କ୍ରୀଡା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ବଢ଼ିବ । ଓଡ଼ିଶା ଏବେ କ୍ରୀଡା ଓ ପୁଞ୍ଜି ନିବେଶର ହବ୍ ହୋଇଛି । ଆମର ବିପର୍ଯ୍ୟୟ ପରିଚାଳନା ସବୁଠୁ ଉତ୍କୃଷ୍ଟ । ଆମେ ବାତ୍ୟା ସମୟରେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛୁ । ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତିର ଆକାର ଏବେ ୧୧୦ ଆମେରିକୀୟ ଡଲାର ଓ ୨୦୩୬ ସୁଦ୍ଧା ଏହାକୁ ୫୦୦ ବିଲିୟନ ଡଲାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଶ୍ରୀଲଙ୍କାର ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବା ସହ କୋଣାର୍କ, ଧଉଳୀ, କଳିଙ୍ଗା ଷ୍ଟାଡିୟମ ଓ ଚିଲିକା ହ୍ରଦ ପରିଦର୍ଶନରେ ଯିବେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ସ୍ୱାମୀ ସ୍ତ୍ରୀ ଙ୍କୁ ଦଳି ଦେଲା ବଣୁଆ ହାତୀ

ପଦ୍ମପୁର,(ସବ୍ୟୁ): ଫସଲ ଜଗିଥିଲା ବେଳେ ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ଅନ୍ତର୍ଗତ ଧାନ୍ଦୁପାଲି ଗାଁର ବଳରାମ ରଣା(୫୫) ଓ ଶଶୀ ରଣା(୫୦) ଗୋଟିଏ ବଣୁଆ ହାତୀ ଆସି ଫସଲ ନଷ୍ଟ କରିଲରେ ଥିବା କୁଡ଼ିଆ କୁ ଆକ୍ରମଣ କରିବା ସହ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ଦଳି ଦେଇଥିଲା ।ମଙ୍ଗଳବାର ସକାଳୁ ତାଙ୍କ ପରିବାର ଲୋକେ ଏ ବିଷୟରେ ପାଇକମାଳ ବନବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଶବବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହ ପ୍ରାରମ୍ଭିକ କ୍ଷତି ପୂରଣ ପ୍ରଦାନ କରାଯାଇଛି ।

# ପୁରୀ ଜିଲ୍ଲା ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରତୀକ ସିଂ

ପୁରୀ (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପୁରୀ ଜିଲ୍ଲା ନୂତନ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୧୪ ବ୍ୟାଚର ଆଇପିଏସ ପ୍ରତୀକ ସିଂ । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ନୂତନ ଏସ୍‌ପିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ପୂର୍ବତନ ଏସପି ପିନାକ ମିଶ୍ର । ଏହି ଅବସରରେ ଏସପି ଶ୍ରୀ ସିଂ ସାମ୍ବାଦିକ ମାନଙ୍କୁ କହିଛନ୍ତି ମହାପ୍ରଭୁଙ୍କ ସୌଭାଗ୍ୟରୁ ସେ ପୁରୀ ଜିଲ୍ଲା ଏସପି ଭାବେ ନିଯୁକ୍ତ ହୋଇଛନ୍ତି । ସେ ନିଷ୍ଠାର ସହ ପୁରୀ ଜିଲ୍ଲା ବାସୀଙ୍କ ସେବା କରିବେ । ବୁଦ୍ଧିଜୀବି, ସେବାୟତ ଓ ପୁରୀ ସହର ବାସୀଙ୍କ ସହଯୋଗରେ ପୋଲିସ କାର୍ଯ୍ୟ କରିବ । ପୁରୀ ଏକ ଧାର୍ମିକ ଓ ଆଧାତ୍ମିକ କ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳ । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅବସ୍ଥାନ କରୁଛନ୍ତି । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୁରୀକୁ ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ଭକ୍ତ ଆସୁଛନ୍ତି । ଭକ୍ତଙ୍କ ସୁରକ୍ଷା ଓ ନିରାପଦ ଶୃଙ୍ଖଳିତ ଦର୍ଶନ ଉପରେ ପୋଲିସ ଗୁରୁତ୍ୱ ଦେବ । ଭକ୍ତମାନେ ଯେପରି ବିନା ବାଧା ବିଘ୍ନରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେ ଦିଗରେ ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ । ଶ୍ରୀ ମନ୍ଦିର ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ା କଡି କରାଯିବ ।



ସେହିପରି ବାହାରୁ ପୁରୀ ସମୁଦ୍ର କୂଳକୁ ଭ୍ରମଣ ପାଇଁ ଆସୁ ଥିବା ପର୍ଯ୍ୟଟକମାନଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ସମୁଦ୍ରରେ ସ୍ନାନ କରିବା ସମୟରେ ଯେପରି ପର୍ଯ୍ୟଟକମାନେ ବୁଡି ନ ଯିବେ ଓ ଦୁର୍ଘଟଣାର ଶିକାର ନ ହେବେ ସେଥିପାଇଁ ନିରାପଦ ସ୍ନାନ ନିମନ୍ତେ ସେଠାରେ ମୃତୟନ୍ ଲାଇଫ ଗାର୍ଡଙ୍କ ସହାୟତା ନେବା ପାଇଁ ସଚେତନ କରାଯିବ । ଆଗକୁ ଦୁର୍ଗା ପୂଜା, ଦଶହରା ଓ ଦୀପାବଳୀ ଆସୁଛି । ଦଶହରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାକୁ ଦିଆ ଯିବ ନାହିଁ । ଜିଲ୍ଲାରେ ଅପରାଧ ଘଟାଇବାକୁ ପ୍ରଶୟ ଦିଆ ଯିବ ନାହିଁ । ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ । ସେହିପରି ଅପରାଧ ଦମନ କ୍ଷେତ୍ରରେ ପୋଲିସ ପକ୍ଷରୁ ଶୂନ୍ୟ ସହନ ଶୀଳତା ଗ୍ରହଣ କରାଯିବ । ଅପରାଧ ଘଟାଉ ଥିବା ଅପରାଧୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ଏସପି ଶ୍ରୀ ସିଂ କହିଛନ୍ତି । ପୁରୀ ସହରବାସି ପୋଲିସକୁ ସହଯୋଗ କରିବା ପାଇଁ ଶ୍ରୀ ସିଂ ନିବେଦନ କରିଛନ୍ତି ।

# ପୁସ୍ତକ ଚତୁର୍ଥ ଶିଳ୍ପ ବିପ୍ଳବ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ପ୍ରଖ୍ୟାତ ଶିକ୍ଷାବିତ୍, ଜଣାଶୁଣା ଲେଖିକା ଓ କବି ମାଧୁରୀ ଅଧିକାରୀଙ୍କ ଦ୍ୱାରା ଶିଳ୍ପ ସଂପର୍କିତ ପୁସ୍ତକ ଚତୁର୍ଥ ଶିଳ୍ପ ବିପ୍ଳବ ଉନ୍ମୋଚିତ ହୋଇଯାଇଛି । ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଶିଳ୍ପ ଜଗତ ଉପରେ ଓଡ଼ିଆରେ ପୁସ୍ତକ ପ୍ରକାଶ ପାଇବା କ୍ଷେତ୍ରରେ ଏହା ପ୍ରଥମ । ଆଧୁନିକ ଶିଳ୍ପାୟନ ଓ ବୈଷୟିକ ଶିକ୍ଷା ଉପରେ ୪୦ଟି ଦିଗ ଉପରେ ଏହି ପୁସ୍ତକରେ ଆଲୋକପାତ କରାଯାଇଛି । ପୁସ୍ତକଟି ବୈଷୟିକ ଛାତ୍ରଛାତ୍ରୀ ଓ ଶିଳ୍ପ ସହିତ ଜଡିତ ପେଶାଦାରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ । କେବଳ ସେତିକି ନୁହେଁ ଇଣ୍ଡଷ୍ଟ୍ରି ଲାଇବ୍ରେରୀ ଓ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ ଅମୂଲ୍ୟ ସଂପଦ ହେବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶିଳ୍ପାୟନ ସଂପର୍କିତ ଓଡ଼ିଆରେ ପ୍ରକାଶିତ ଏଭଳି ପୁସ୍ତକ ପ୍ରକାଶନକୁ ସ୍ୱାଗତ କରିବା ସହିତ ପାଠକମାନଙ୍କ ନିକଟରେ ଏହା ଯେପରି ସହଜରେ ପହଞ୍ଚିପାରିବ ସେ ଦିଗରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍, ସାହିତ୍ୟିକ ଓ ଶିଳ୍ପ ସଂସ୍ଥା ଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ ।



# ଜନଶୁଣାଣି ଶିବିର, ୯୭ ଅଭିଯୋଗ ଆଗତ

ଭଦ୍ରକ/ତିହିଡି,(ସବ୍ୟୁ): ତିହିଡି ବ୍ଲକ ନୀଳମଣି ସଭାଗୃହରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ଆଗତ ହୋଇଥିଲା । ଅଭିଯୋଗ ଗୁଡିକ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା । ଏଥିମଧ୍ୟରୁ ୬ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ୨୭ ହଜାର ଟଙ୍କାର ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ, ଏସପି ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସିଡିଏମଓ ଡା.ଉମାପ୍ରସାଦ ବିଶ୍ୱାଳ, ବିଡିଓ ନିରଞ୍ଜନ ବାରିକ ଅତିରିକ୍ତ ତହସିଲଦାର ନମିତା ଧଳ ଓ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ ।

## ଡ଼ ନାରାୟଣ ମହାପାତ୍ରଙ୍କୁ ମା ଭାରତୀ ସେବା ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଡ଼ ନାରାୟଣ ମହାପାତ୍ର ଙ୍କୁ ସଙ୍ଗମ ଏକାଡେମୀ ରାଜସ୍ଥାନ ପକ୍ଷରୁ ମା ଭାରତୀ ସେବା ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରା ଯାଇଛି । ସମାଜ ସେବାରେ ନିଜକୁ ନିୟୋଜିତ କରି ଥିବା ଡ଼ ମହାପାତ୍ର ଅବହେଳିତ ବରିଷ୍ଠ ନାଗରିକ ଓ ଅବହେଳିତ ଛୋଟ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଦୀର୍ଘ ଦିନରୁ କରି ଆସୁଛନ୍ତି । ରକ୍ତଦାନ କାର୍ଯ୍ୟକ୍ରମ ଓ ଅବହେଳିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସମୟ ଦାନ କରି ଉଲ୍ଲେଖନିୟ କାର୍ଯ୍ୟ କରିଛନ୍ତି । ପୂର୍ବରୁ ମଧ୍ୟ ରାଜ୍ୟ, ଦେଶ ଓ ଦେଶ ବାହାରୁ ମାନବ ମଙ୍ଗଳ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ଼ ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧିତ କରିଥିବାରୁ ସଙ୍ଗମ ଏକାଡେମୀର ପ୍ରତିଷ୍ଠାତା ଓ ଅନ୍ୟ ସଦସ୍ୟମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ଡ. ମହାପାତ୍ର ।

**କିମ୍‌ସ ଓ ଶୁଭ୍ରା ଫାଉଣ୍ଡେସନ୍ ବୁଝାମଣାପତ୍ର**

# ବେତନଟୀରେ ଖୋଲିବ କିମ୍‌ସ-ଶୁଭ୍ରା ରୁରାଲ୍ ହସ୍‌ପିଟାଲ୍

ଭୁବନେଶ୍ୱର, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅନ୍ତର୍ଗତ କୁଂଚିଶୋଳ ଗ୍ରାମରେ ଏକ ରୁରାଲ ହସ୍‌ପିଟାଲ୍ ଚଳାଇବା ପାଇଁ ଭୁବନେଶ୍ୱରର କିମ୍‌ସ ଓ ଗୁଜରାଟର ଶୁଭ୍ରା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକ ସ୍ମିତା ମୁର୍ମୁଙ୍କ ଉପସ୍ଥିତରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ବଦ୍ରି ମହାପାତ୍ର ଓ କିମ୍‌ସ ପକ୍ଷରୁ ଏହାର ଗ୍ରୁପ୍ ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ବୁଝାମଣା ଅନୁଯାୟୀ ହସ୍‌ପିଟାଲ୍ ପାଇଁ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ସମସ୍ତ ଭିତିଭୂମି ଯୋଗାଇ ଦିଆଯାଇଛି । କିମ୍‌ସ ହସ୍‌ପିଟାଲ୍‌ର କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଂଟ, ଅପରେସନ୍ ଓ ସମସ୍ତ ପ୍ରଶାସନିକ ଦାୟିତ୍ୱ ବହନ କରିବ । ସ୍ମିତା ମୁର୍ମୁ ଏକ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ବେଳେ ଗତ ୩୦ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ବେତନଟୀ ସମେତ ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟସେବା ତଥା ଅନ୍ୟାନ୍ୟ ସମାଜ ମଙ୍ଗଳ କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । କିମ୍‌ସ ଓ ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ହେଲେ ଏହା ଦ୍ୱାରା ବେତନଟୀ ତଥା ସ୍ଥାନୀୟ ଅଂଚଳର ଜନଜାତି ଓ ବହୁ ଜନସାଧାରଣ ଉପକୃତ ହୋଇପରିବେ । ବେତନଟୀର କୁଂଚିଶୋଳ ଗ୍ରାମ ହେଉଛି ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ ଜମ୍ମୁ କାଶ୍ମୀରର ପ୍ରଥମ ଏଲ୍‌ଜି ତଥା ଭାରତର ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଜନ୍ମିତ ଗ୍ରାମ । ଏଥିରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଆମେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରିଆସୁଛୁ । କିମ୍‌ସ-ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି ।



**ଐତିହ୍ୟ ସ୍ମାରକ ଗୁଡ଼ିକର ସଂରକ୍ଷଣ ଓ ଉନ୍ନତିକରଣ ନେଇ ସମୀକ୍ଷା ବୈଠକ**

# ଆସିବ ନୂଆ ଐତିହ୍ୟ ନୀତି, ୭୫ଟି ଐତିହ୍ୟ ସ୍ଥଳୀର ବିକାଶ ପାଇଁ ନିଆଯିବ ପଦକ୍ଷେପ

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ବହୁ ପୁରାତନ । ଐର ଖାରବେଳଙ୍କ ସମୟରୁ ଆରମ୍ଭ କରି ପାଇକ ବିଦ୍ରୋହ ପର୍ଯ୍ୟନ୍ତ ଅନେକ କୀର୍ତ୍ତିରାଜି ଆଜିବି ଲୋକଲୋଚନ ଆଢୁଆଳରେ ରହିଯାଇଛି । ଏହି ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତ କରିବା ସହ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କରାଇବାର ଆବଶ୍ୟକତା ରହିଛି ବୋଲି ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଛି । ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ରାଜ୍ୟରେ ଥିବା ପୁରାତନ ଐତିହ୍ୟ ସ୍ମାରକ ସବୁର ସୁରକ୍ଷା, ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।



ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ ଯେ ଓଡ଼ିଶାର ଐତିହ୍ୟ ବହୁ ପୁରୁଣା । ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ଅନେକ ଐତିହ୍ୟସ୍ଥଳ ଲୁକାୟିତ ହୋଇ ପଡ଼ିରହିଛି । ଏସବୁକୁ ହିସାବ କଲେ ଓଡ଼ିଶାରେ ଏହାର ସଂଖ୍ୟା ୩ ହଜାରରୁ ଅଧିକ ହେବ । ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି । ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାର ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି । ତେଣୁ ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ସେହିଭଳି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଶ୍ରୀଜଗନ୍ନାଥଙ୍କ ଦେଶ ଭାବେ ପରିଚିତ ଓଡ଼ିଶା ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର । ଏହାର ପ୍ରତ୍ୟେକ କୋଣ ଅନୁକୋଣରେ ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜି ଭରି ରହିଛି । ଏହିସବୁ କୀର୍ତ୍ତିରାଜିର ସୁରକ୍ଷା ସହିତ ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜରୁରୀ । ଫଳରେ ଲୋକଲୋଚନ ଆଢୁଆଳରେ ଥିବା ଓଡ଼ିଶାର ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକ ଆସିବାର ସମ୍ଭାବନା ସୃଷ୍ଟି ହୋଇପାରିବ । ସବୁ ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ ହେବ । ଏଥି ସହିତ ରାଜ୍ୟରେ ଥିବା ତାରା-ତାରେଣୀ ମନ୍ଦିରଠାରୁ ଆରମ୍ଭ କରି ବିରଜା କ୍ଷେତ୍ର ପର୍ଯ୍ୟନ୍ତ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡ଼ର ନିର୍ମାଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥି ଲାଗି ସବୁ ପୁରାତନ ଐତିହ୍ୟ ସ୍ଥଳୀର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ମତ ରଖିଥିଲେ । ଏହି ବୈଠକରେ ଓଡ଼ିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ଇଆଇସି (ସିଭିଲ୍) ସତ୍ୟବ୍ରତ ବେହେରା, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ-୧) ପ୍ରିୟବ୍ରତ ସାମନ୍ତରାୟ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସ, ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**୩ ହଜାରରୁ ଊର୍ଦ୍ଧ୍ୱ ସ୍ମାରକର ସଂରକ୍ଷଣ ପାଇଁ ଗଠିତ ହେବ ଟାସ୍କଫୋର୍ସ**



ଶତାବ୍ଦୀର କଳାକାର ଦ୍ୱାରା ପ୍ରଯୋଜିତ ନାଟକ 'ଆପଣମାନେ ଖୁସି ତ ' ନାଟକ ମଞ୍ଚସ୍ଥ ।
ନିର୍ଦ୍ଦେଶକ ଧୀର ମଲ୍ଲିକ ଓ ବିଜୟ ଦାସ । ଅତିଥି ଡକ୍ଟର ରବିନାରାୟଣ ସେନାପତି ଓ ପ୍ରଦୋଷ ପଟ୍ଟନାୟକ ।

# ବଜ୍ରାଘାତରେ ଗଲା ୩ ମହିଳାଙ୍କ ଜୀବନ




ଛତ୍ରପୁର, (ସବ୍ୟୁ): ବଜ୍ରପାତରେ ଗଲା ୩ ମହିଳାଙ୍କ ଜୀବନ । ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ମଙ୍ଗଳବାର ବଜ୍ରାଘାତରେ ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର ବିଲରେ କାମ କରୁଥିବା ବେଳେ ହଠାତ ବିଜୁଳି ଘଡଘଡି ମାରିଥିଲା । ସେଥିରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା । ମୃତ ମହିଳା ଦ୍ୱୟ ହେଲେ କୁନି ଗୌଡ଼ ଓ ନିରୁପମା ଗୌଡ଼ । ଉଭୟ ନଣନ୍ଦ ଓ ଭାଉଜ ବୋଲି ସୂଚନା ମିଳିଛି । ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମରେ ବଜ୍ରାଘାତରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ରାଉଳିବନ୍ଧ ଗ୍ରାମର ମିନି ଗୌଡ଼ ମଧ ବିଲରେ ଧାନ ରୋଇବା ସମୟରେ ହଠାତ ଘଡଘଡି ମାଡ଼ ହୋଇଥିଲା । ସେ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ । ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ନିଆ ଯାଇଥିଲା, ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଛତ୍ରପୁର ମେଡିକାଲରେ ପହଂଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଲାଗି ଚେଷ୍ଟା କରିବେ ବୋଲି କହିଥିଲେ ।

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମାକୁ ଖିଲାପ କରି ଫାର୍ମାସୀ ଅଫିସରଙ୍କ ବଦଳି ଅଭିଯୋଗ

ବାରିପଦା, (ସବ୍ୟୁ) : ରାଜ୍ୟ ସରକାର ଫାର୍ମାସିଷ୍ଟ କ୍ୟାଡର ପୁନଃଗଠନ ଗତ ନଭେମ୍ବର ୨୦୨୩ ମସିହାରେ କରିଥିଲେ । ଫାର୍ମାସିଷ୍ଟରୁ ଫାର୍ମାସୀ ଅଫିସର ପଦବୀ ନାମକରଣ କରିବା ସହିତ ୪୦୭୨ପଦବୀରୁ ୫୦୦୯ପଦବୀକୁ ବୃଦ୍ଧି କରି ବେସ୍ ଲେଭୁଲ ପଦବୀରେ ୭୯୨ପଦବୀ ଉଚ୍ଛେଦ କରିଥିଲେ। ଏହାପରେ ସରକାରଙ୍କ ତରଫରୁ ୨୦/୦୪/୨୪ରେ ଜିଲ୍ଲାଓ୍ୱାରୀ କେତେ କେତେ ପଦବୀ ରହିବ ରାଜ୍ୟ ପ୍ରମୁଖ ଏକାଉଣ୍ଟ ଜେନେରାଲଙ୍କ ପାଖକୁ ଏକପତ୍ର କରିଥିଲେ, ପୁଣି ୨୭/୦୧/୨୫ ରେ ବିଭିନ୍ନ ଡାକ୍ତରଖାନାରେ ଫାର୍ମାସି ଅଫିସର ପଦବୀରେ କେତେଜଣ ରହିବେ ସ୍ୱାସ୍ଥ୍ୟ ସଚିବ ଏକାଉଣ୍ଟ ଜେନେରାଲଙ୍କୁ ଜଣାଇଥିଲେ । ସେହି ସମୟରେ କୌଣସି ଫାର୍ମାସି ଅଫିସର ମାନଙ୍କୁ ତଳପଦବୀରେ ଉଚ୍ଛେଦ କରାଯାଇଥିବା ଫାର୍ମାସି ଅଫିସର ମାନଙ୍କୁ ଯେ ପର୍ଯ୍ୟନ୍ତ ପଦୋନ୍ନତି କାର୍ଯ୍ୟକାରୀ ନହୋଇଥିବ ସେ ପର୍ଯ୍ୟନ୍ତ କୌଣସି ଫାର୍ମାସି ଅଫିସର ମାନଙ୍କୁ ଦରମାପାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଚିଠି ନଂ ୩୮୭୩/ ଏଚ୍/୦୯/୦୨/୨୦୨୪ ଅନୁସାରେ ସ୍ୱାସ୍ଥ୍ୟସଚିବ ଉଲ୍ଲେଖ କରିଛନ୍ତି । ଏବେ ସୁଦ୍ଧା ରାଜ୍ୟର ଅନ୍ୟ ୨୯ଗୋଟି ଜିଲ୍ଲାରେ କୌଣସି ଫାର୍ମାସି ଅଫିସର ମାନଙ୍କୁ ସ୍ଥାନାନ୍ତର କରାଯାଇନଥିବା ସ୍ଥଳେ ହଠାତ୍ ମୟୂରଭଞ୍ଜ ଜିଲ୍ଲାରେ ୦୩/୦୭/୨୦୨୫ ଏବଂ ୦୮/୦୭/୨୦୨୫ ରେ କ୍ରିଏସନ୍/ ଏବୋଲିସନ୍/ଆପ୍ ଗ୍ରେଡେସନ୍ ଆଳରେ ମନ୍ଦ ଉଦ୍ଦେଶ୍ୟ ରଖି ୧୨ଜଣଙ୍କୁ ବଦଳୀ କରିଲେ । ଯାହାକି ସାଧାରଣ ପ୍ରଶାସନ ବିଭାଗର ଚିଠି ନଂ ୧୨୬୮/ ତା ୧୬/୦୪/୨୫କୁ ବିରୁଦ୍ଧାଚରଣ କରୁଛି ।

ଏହି ୧୨ଜଣଙ୍କୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅଫିସ୍‌ରୁ ଫୋନ ଯୋଗେ ଦେଖା କରିବା ପାଇଁ କଲ୍ କରାଯାଇଥିଲା । ଯିଏ ଦେଖାକଲେ ନାହିଁ ତାଙ୍କୁ ଦୁର ଯାଗାକୁ ବଦଳୀ କରାଗଲା । ମୟୂରଭଞ୍ଜ ସିଡିଏମ୍‌ଓ ସାଧାରଣ ବଦଳୀ କରିବା ପାଇଁ ଏକ କମିଟି ଜୁନ ୪ତାରିଖରେ କରିଥିଲେ ଏବଂ ୧୨/୦୬/୨୫ ରେ ଉକ୍ତକମିଟି ବଦଳୀ ସମ୍ବନ୍ଧୀୟ ନିଷ୍ପତି ନେଇଥିଲେ । କିନ୍ତୁ ଫାର୍ମାସି ଅଫିସରଙ୍କ କୌଣସି ବଦଳୀ ପ୍ରସ୍ତାବ ଏହି କମିଟିରେ ରଖାଯାଇନଥିଲା । ଏହି ବେଆଇନ୍ ବଦଳୀକୁ ସଂଘ ତରଫରୁ ପ୍ରତିବାଦ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟନିର୍ଦ୍ଦେଶକଙ୍କ ପାଖକୁ ଏକ ସ୍ପଷ୍ଟି କରଣ ଚିଠି ବଦଳୀ ବାବଦରେ କରିଥିଲେ । ସ୍ପଷ୍ଟି କରଣ ଚିଠି ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପାଖରୁ ନଆସିଥିଲେ ମଧ ପୁଣି ହଠାତ୍ ସଦର ଡାକ୍ତରଖାନାର ୧୦ଜଣ ଫାର୍ମାସି ଅଫିସରମାନଙ୍କୁ ବିଭିନ୍ନ ଯାଗାକୁ ୫୦-୬୦ କି.ମି ଦୂର ଯାଗାକୁ ବଦଳୀ କରିଲେ ।

ଏହାପରେ ପୁଣି ଜିଲ୍ଲାପାଳ, ନଗର ଉନ୍ନୟନମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଠାରେ ପ୍ରତିବାଦ କରିବାରୁ ମାନ୍ୟବର ମନ୍ତ୍ରୀଙ୍କ ନିର୍ଦ୍ଦେଶରରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଦୁଇ ଜଣଙ୍କ ରିଲିଫ୍ ଆଦେଶକୁ ୧୮/୦୮/୨୫ରେ ରଦ୍ଦ କରିଛନ୍ତି । କିନ୍ତୁ ବଦଳୀ ଆଦେଶ ଗୁଡିକ ଏ ପର୍ଯ୍ୟନ୍ତ ରଦ୍ଦ ହୋଇନାହିଁ । ଇତି ମଧ୍ୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଠାରୁ ଏକ ଚିଠି ଆସିଛି ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସିଧାସଳଖ ସରକାରଙ୍କ ନିୟମକୁ ଉଲଂଘନ କରାଯାଇଥିବା ଦର୍ଶାଇଛନ୍ତି । ଜିଲ୍ଲାପାଳ କିମ୍ବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଠାରୁ ମଞ୍ଜୁରୀ ନିଆ ନଯାଇ କିପରି ବଦଳୀ କରାଗଲା ପ୍ରଶ୍ନବାଚି କରିଛନ୍ତି ।

ସେହିପରି ଗତ ଜୁଲାଇ ୩୧ତାରିଖରେ ନୂତନ ଭାବେ ଫାର୍ମାସି ଅଫିସର ମାନଙ୍କ ନିଯୁକ୍ତି ପାଇଁ ସ୍ଥାନନିରୁପଣ ନିମନ୍ତେ କାଉଁସେଲିଙ୍ଗ୍ କରାଯାଇଥିଲା । ହେଲେ ସେଥିରେ ମଧ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିଲା । ଯେଉଁ ୧୩ଜଣ କାଉଁସେଲିଙ୍ଗ୍ ପାଇଁ ଆସିଥିଲେ ତାଙ୍କୁ ଦୁଇଦିନ ପୂର୍ବରୁ ଖାଲି ଥିବା ସ୍ଥାନ ଗୁଡିକ ସୂଚନା ଦେବା ନିୟମ ଥିଲେ ମଧ କୌଣସି ସୂଚନା ଦିଆଯାଇନଥିଲା । ଜିଲ୍ଲାପାଳ ଓ ନଗରଉନ୍ନୟନ ମନ୍ତ୍ରୀଙ୍କ ଠାରେ ଏହି ବେଆଇନ୍ ବଦଳୀକୁ ରଦ୍ଦ କରି ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ ତୁରନ୍ତ ସ୍ଥାନାନ୍ତର କରାଯିବାକୁ ସଂଘ ତରଫରୁ ଦାବୀ କରାଯାଇଛି ।

# ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ସମ୍ପର୍କିତ ପ୍ରସ୍ତୁତି ବୈଠକ



ବାରିପଦା, (ସବ୍ୟୁ) : ଆଗାମୀ ସେପେଟମ୍ବର ମାସ ୮ତାରିଖରୁ ସେପେଟମ୍ବର ୧୦ତାରିଖ ପର୍ଯ୍ୟନ୍ତ ବାରିପଦାର ଷ୍ଟେସନ ବଜାର ନିକଟସ୍ଥ ବିବାହ ମଣ୍ଡପ ଠାରେ ମୟୂରଭଞ୍ଜ ଅବସର ପ୍ରାପ୍ତ ସୈନିକ ସଙ୍ଘ, ଭାରତୀୟ ସୈନ୍ୟ ବାହିନୀ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ୩ଦିନ ବ୍ୟାପି ଏକ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଚାନ୍ଦିପୁର ଷ୍ଟେସନ ହେଡ୍‌କ୍ୱାର୍ଟର ପ୍ରଶାସନିକ କମାଣ୍ଡର ଲେଫଟ ଟେଣ୍ଟ କର୍ଣ୍ଣେଲ ସନ୍ତୋଷ ପଣ୍ଡା, ଓଡିଶା ଝାରଖଣ୍ଡ ସବ ଏରିଆ କମାଣ୍ଡର କର୍ଣ୍ଣେଲ ମନିଷ ପାଣ୍ଡେ, ଏଡିଏମଓ ଡ଼ଃ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସନ୍ତୋଷ ପଣ୍ଡା ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏହି ଶିବିରର ସଫଳ ରୂପାୟନ ପାଇଁ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା,ପୌରପାଳିକା, ଅଗ୍ନିଶମ, ପୋଲିସ, ପରିବହନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଇତ୍ୟାଦି ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ଯୋଗାଯୋଗ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କ ମିଳିତ ପ୍ରୟାସରେ ଶିବିର ଉଦେଶ୍ୟ ନିଶ୍ଚିତ ଫଳପ୍ରସୂ ହେବ ବୋଲି ଆଶା ପୋଷଣ କରି ସମସ୍ତଙ୍କ ସହଯୋଗ କାମନା ସହିତ ଧନ୍ୟବାଦ ଜଣାଇ ଥିଲେ ।

## ବାରହା ଆକ୍ରମଣରେ ଜଣେ ଗୁରୁତର

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ଥାନା ଅଧୀନ ବରକନ୍ଧା ପଂଚାୟତ ଅନ୍ତର୍ଗତ ତେନ୍ତୁଳିକନ୍ଧା ଗାଁ ଅବିନାଶ ରାଉତ ବାରହା ଆକ୍ରମଣ ରେ ଗୁରୁତର ହୋଇଥିବାର ଜଣାପଡିଛି। ଅବିନାଶ ସବୁଦିମ ଭଳି ମଙ୍ଗଳବାର ସନ୍ଧ୍ୟାରେ ଗୁପ୍ତ ଗିରି ନଦୀରେ ଏକାକୀ ଜାଲ ଫିଙ୍ଗିବା ବେଳେ ଆକ୍ରମଣର ଶୀକାର ହୋଇଛନ୍ତି। ଜାଲ ପକାଳୀଙ୍କ ଆର୍ତ୍ତ ଚିତ୍କାର ଶୁଣି ବାଟ ଦେଇ ଯାଉଥିବା ଚାଷୀ ଦୌଡ଼ି ଆସିଥିଲେ। ଲୋକେ ଆସିବାରୁ ଜଙ୍ଗଲୀ ବାରହା ଖସି ଯାଇଥିଲା ସିନା ଅବିନାଶ ଗୁରୁତର ଆହତ ହୋଇଥିବାର ଦେଖି ଲୋକେ ପ୍ରଥମେ ମହାକାଳପଡ଼ା ଓ ପରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି ।

## ପ୍ରଦୂଷଣ ରୋକିବାକୁ ସତ୍ୟଙ୍କ ନିଆରା ପ୍ରୟାସ

# ପୁରୁଣା ଖବରକାଗଜରେ ନିର୍ମାଣ କଲେ ଗଣେଶ ମୂର୍ତ୍ତି



ବ୍ରହ୍ମପୁର, (ସବ୍ୟୁ): ଗଣେଶ ପୂଜା ଅବସରରେ ପୁରୁଣା ଖବର କାଗଜରେ ଗଣେଶ ମୂର୍ତ୍ତି ନିର୍ମାଣ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା । ସେ ନିଜ କଳା କୃତି ମାଧ୍ୟମରେ ଏକ ଗଣେଶ ମୂର୍ତ୍ତି ତିଆରି କରିଛନ୍ତି । ପୁରୁଣା ଖବର କାଗଜରେ ତିଆରି କରିଥିବା ଏହି ଗଣେଶ ମୂର୍ତ୍ତିର ଉଚ୍ଚତା ୩ ଇଞ୍ଚ, ଓସାର ସାଢେ ଚାରି ଇଞ୍ଚ ରହିଛି । କାଗଜରେ ଏହି ଛୋଟ ଗଣେଶ ମୂର୍ତ୍ତି ତିଆରି କରିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା । ପରିବେଶ ସନ୍ତୁଳନ ଓ ସୁରକ୍ଷା ସହିତ ଜଳ ପ୍ରଦୂଷଣ ରୋକିବା ପାଇଁ ଏଭଳି ଏକ ନିଆରା ପ୍ରୟାସ କରିଛନ୍ତି ସତ୍ୟ । ମାଟିରେ ତିଆରି ଗଣେଶ ମୂର୍ତ୍ତି ନିର୍ମାଣରେ ମାତ୍ରାଧିକ କେମିକାଲ ବ୍ୟବହାର ହେଉଛି । ତେଣୁ ବିସର୍ଜନ ପରେ ଜଳ ପ୍ରଦୂଷିତ ହେଉଛି । ଏଣୁ କାଗଜରେ ତିଆରି ଗଣେଶ ମୂର୍ତ୍ତି କେମିକାଲ ମୁକ୍ତ ବୋଲି ସେ କହିଛନ୍ତି ।

## ପୂର୍ବତନ ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ନାୟକଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତ ପ୍ରଫୁଲ୍ଲ ନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, କଂଗ୍ରେସ ନେତା ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ନରହରି ରେଡ୍ଡୀ, ଛତ୍ରପୁର ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ଛାତ୍ର ନେତା ଇଙ୍କୁ ଆମିନ ଖାନ ଓ ମହେଶ କୁମାର ଗୌଡ଼, ପୂର୍ବତନ ପ୍ରଧାନ ଶିକ୍ଷକ ସୁବାଷ ଜେନା ଓ କୁମୁଦ ବେହେରା, ଆଇନଜୀବୀ ବାବୁ ନାହାକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇ ପ୍ରଫୁଲବାବୁଙ୍କ ଜନ କଲ୍ୟାଣ କାର୍ଯ୍ୟ ଓ ଏହି ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ ଗୋଲକ ନାୟକ, ମନୁ ନାୟକ, ପ୍ରଧାନ ଶିକ୍ଷକ ସୌରା ନାହାକ, ଧରିତ୍ରୀ ପାଣିଗ୍ରାହୀ, ସୋମେୟା ପାତ୍ର, ଅଶୋକ ପଟ୍ଟନାୟକଙ୍କ ସମେତ ବହୁ ଗ୍ରାମବାସୀମାନେ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ ।

## ମୂଲ୍ୟବାନ ଗଛକାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ

# ଭଞ୍ଜସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, (ସବ୍ୟୁ) : ବିଗତ କିଛି ବର୍ଷ ଧରି ବାରିପଦା ସହର ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଉଅଛି ତା ସତ୍ତ୍ୱେ ବହୁ ସରକାରୀ ଜମି ଥାଇ ସହର ମଧ୍ୟରୁ ୨ହଜାରରୁ ଅଧିକ ମୂଲ୍ୟବାନ ଗଛକାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାର ପ୍ରତିବାଦରେ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ବିଡ଼ମ୍ବନାର ବିଷୟ ଏହିକି ଯେ, ପ୍ରସ୍ତାବିତ ଜାଗାର ଠିକ, ୩୦୦ମିଟର ଦୂରରେ ଅଛି ୧୨ଏକର ସରକାରୀ ଜମି, ଲେଡି ହେମିଲଟନ ଗାର୍ଲସ ହାଇସ୍କୁଲ ପଛପଟେ ପାଖାପାଖି ୭ଏକର ଜମି, ପୁଣି ଉକ୍ତ ଜମିରେ ନା ଅଛି ଜବରଦଖଲ ନା ଅଛି ବହୁତ ଗଛ, ତାସତ୍ତ୍ୱେ ବି ସେଭଳି ଜାଗାରେ ବସଷ୍ଟାଣ୍ଡ ନକରି ୨ ହଜାରରୁ ଊର୍ଦ୍ଧ୍ୱର୍ ଗଛକାଟି ନୂତନ ବସଷ୍ଟାଣ୍ଡ ତିଆରି କରି ସବୁଦିନ ପାଇଁ ବାରିପଦାବାସୀଙ୍କୁ ଗରମ ଦିନରେ ପୂର୍ବାପେକ୍ଷା ଅଧିକ ଉତ୍ତାପ ପ୍ରଦାନ କରିବାର ଘୃଣା ପ୍ରଚେଷ୍ଟା କାହିଁକି କରୁଛନ୍ତି ବୋଲି ଭଞ୍ଜସେନା ପ୍ରତିଷ୍ଠାତା ଆଶ୍ଚର୍ଯ୍ୟ ପ୍ରକାଶ କରି ତୁରନ୍ତ ଏଭଳି ଜନବିରୋଧୀ କାର୍ଯ୍ୟ ବନ୍ଦ କରିବା ପାଇଁ ସାମାଜିକ ଗଣମାଧମ "ଏକ୍ସ"(ଟ୍ୱିଟ୍) ଯୋଗେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବାରିପଦା ସହର ସଭାପତି ରାକେଶ ମହାନ୍ତି, ରାକେଶ ଆଚାର୍ଯ୍ୟ, ଦୀପକ କୁମାର ବେହେରା, ଆକାଶ ବାରିକ ଓ ଚୈତନ୍ୟ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଯଦି ଏଭଳି ଜନବିରୋଧୀ କାର୍ଯ୍ୟକୁ ବନ୍ଦ ନକରନ୍ତି ତେବେ ବାଧ ହୋଇ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଡିଏଫଓ ବାରିପଦାଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

## ଅମିତାଭ ମିଶ୍ର ଯଶୋଦା ସାହିତ୍ୟ ସଂସଦର ସଭାପତି



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଯଶୋଦା ସାହିତ୍ୟ ସଂସଦର ସଭାପତି ଭାବେ ଯୁବକବି ଅମିତାଭ ମିଶ୍ର ସଂସଦର କର୍ମକର୍ତ୍ତା ମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଶ୍ରୀ ମିଶ୍ରଙ୍କ ଲିଖିତ ବହୁ କବିତା ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିଛି । ଜଣେ ଦୃଢ ସାରସ୍ୱତ ସଙ୍ଗଠକ ଭାବେ ତାଙ୍କ ନେତୃତ୍ୱରେ ସଂସଦର କାର୍ଯ୍ୟଧାରା ଆଗାମୀ ଦିନରେ ବହୁମାତ୍ରାରେ କ୍ରିୟାଶୀଳ ହେବ ବୋଲି ସମସ୍ତ ସଦସ୍ୟ ଆଶାପ୍ରକାଶ କରିବା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ ସ୍ୱର୍ଗତ ଯଶୋଦା ମିଶ୍ରଙ୍କ ସ୍ମୃତିରେ ଗଢି ଉଠିଥିବା ଏହି ସାହିତ୍ୟ ସଂସଦ ଦ୍ୱାରା ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ ।

# ଡ୍ରିମ୍‌ସ ନର୍ସିଂ ଛାତ୍ରୀଙ୍କ ବିୟୋଗରେ ଶୋକସଭା



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂର ଜିଏନ୍‌ଏମ୍ (ଦ୍ୱିତୀୟ ବର୍ଷ) ଛାତ୍ରୀ ଶ୍ରେୟା ବିଶ୍ୱାସଙ୍କର ଗତ ୨୧ତାରିଖରେ ଅକାଳ ବିୟୋଗ ଘଟିଛି । ସେ ନିମୋନିଆଁରେ ଆକ୍ରାନ୍ତ ଥିଲେ ଓ ନିଜ ଘର ପଶ୍ଚିମବଙ୍ଗର ସୋନାରପୁର ଗ୍ରାମରେ ଚିକିସିତ ହେଉଥିଲେ । ଶ୍ରେୟାଙ୍କ ଅକାଳ ବିୟୋଗରେ ଶୋକସଭା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍‌ଙ୍କ ପୋରୋହିତ୍ୟରେ ସୋମବାର ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ଶ୍ରେୟାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ଉପାଧକ୍ଷା ଏନ୍ ପ୍ରେମଲତା ଦେବୀ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ଦୁଃଖଦ ଖବର ପାଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧାପକ ଲୋକନାଥ ବେହେରା ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଡ୍ରିମ୍‌ସ ନର୍ସିଂ ବୃତ୍ତି ପ୍ରତି ଉତ୍ସର୍ଗୀକୃତ ମନୋଭାବ ଥିବା ଜଣେ ମେଧାବୀ ଛାତ୍ରୀଙ୍କୁ ହରାଇଲା ବୋଲି କହିଥିଲେ ।




## ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚର

# ୮ମ ବାର୍ଷିକ ଉତ୍ସବ ଉପଲକ୍ଷେ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ



ଛତ୍ରପୁର, (ସବ୍ୟୁ): ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚରର ୮ମ ବାର୍ଷିକ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଛି । ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯକ୍ରମରେ ଛତ୍ରପୁର ଏନଏସି ଓ ବ୍ଲକସ୍ତରୀୟ ଦିନତମାମ କଳାକାର ମାନଙ୍କଦ୍ୱାରା ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ମୋ ପ୍ରତିଭା ମୋ ପରିଚୟ ପ୍ରତିଯୋଗିତା ହୋଇଥିଲା । ସକାଳ ଅତିଥିଭାବେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥି, ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ସଭାପତି କେ.ସତ୍ୟନାରାୟଣ ରେଡ୍ଡୀ, ଓଡିଶୀ ନୃତ୍ୟ ଶିଳ୍ପୀ ଅଳକା ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

ସନ୍ଧ୍ୟା ଉଦଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ଅମୀୟ କୁମାର ଧଳ, ଛତ୍ରପୁର ବାର ଆସୋସିସନର ସଭାପତି ପ୍ରଦୀପ କୁମାର ପାଢ଼ୀ, କେନ୍ଦ୍ରୀୟ ବିସ୍ମିଲା ଖାଁ ଯୁବପୁରସ୍କାରପ୍ରାପ୍ତ ଯୁବ ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚରର ସଦସ୍ୟ ତଥା ଅଭିନୟନୃତ୍ୟ ଶିଳ୍ପୀ ରାମେଶ୍ୱର ପଣ୍ଡା ମଞ୍ଚାସୀନ ହେବାସହ ସବୁବେଳେ ସ୍ଥାନୀୟ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରୟାସ ରଖିଛି ବୋଲି ପ୍ରଶଂସା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ, କେନ୍ଦରା, ଦଣ୍ଡନାଚ ଗାହାଣୀ, ଗୁରୁ ସମୀର କୁମାର ବେହେରାଙ୍କ କାଠ ପାଦ ନୃତ୍ୟ, ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତରେ ରାମେଶ୍ୱର ପଣ୍ଡାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ, ଶେଷରେ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି କଳାକାରମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ଏସ୍‌ପି ଅଫିସ ଘେରିଲେ ଆଶାୟୀ ହୋମଗାର୍ଡ ପରୀକ୍ଷାର୍ଥୀ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ହୋମ ଗାର୍ଡ ପରୀକ୍ଷାରେ ଅନିୟମିତତା ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ସେମାନେ ଏସପି ଅଫିସ ଘେରାଉ କରିଥିବାର ଜଣାପଡିଛି । ରାଜ୍ୟ ତଥା ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ହୋଇଥିଲା ।ହଜାର ହଜାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ବେଳେ ଆଶାୟୀ ମାନେ ଲିଖିତ ଓ ମୌଖିକ ପରୀକ୍ଷା ଦେଇଥିଲେ । ଆଜି ସକାଳ ନଅଟା ସମୟରେ ଗୃହରକ୍ଷୀ କାର୍ଯ୍ୟାଳୟରୁ କେତେକ ପିଲାଙ୍କୁ ଫୋନ ଯୋଗେ ୧୧ଟା ସୁଦ୍ଧା ନିଯୁକ୍ତି ପତ୍ର ନେବାକୁ କହିଥିଲେ । ଏହାକୁ ନେଇ ଆଶାୟୀ ମାନଙ୍କ ମଧ୍ୟରେ ଦ୍ୱନ୍ଦ ଏବଂ ସନ୍ଦେହ ସୃଷ୍ଟି ହେବାରୁ ପରୀକ୍ଷାଦେଇଥିବା ପ୍ରାର୍ଥୀମାନେ ଏସପି ଅଫିସନିକଟକୁ ଆସି ପରୀକ୍ଷାରେ ଅନିୟମିତତା ହୋଇଥିବାର ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁସାରେ ସେମାନେ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଚୟନ କରାଯାଇଥିବା କଟ ଅଫ ମାର୍କ ପ୍ରଦର୍ଶନ କରାଯାଇନଥିବା ବେଳେ ମାର୍କ ପ୍ରଦାନ କରାଯାଇନାହିଁ । ମୌଖିକ ପରୀକ୍ଷା ସମୟରେ ଅଧିକାରୀମାନେ ପେନସିଲରେ ମାର୍କ ଦେଉଥିବାର ଅଭିଯୋଗ କରିବା ସହିତ ଏହା ଦ୍ୱାରା ସେମାନେ ଲିଭାଇ ପୁଣି ଥରେ ଅନ୍ୟମାନଙ୍କୁ ଭଲ ମାର୍କ ଦେବାର ଅଭିଯୋଗ କରିଥିଲେ । ଏହାକୁ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ବେଳେ ସେମାନେ ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ ।

# ହାତୀ ଉପଦ୍ରବ ଯୋଗୁଁ ବଙ୍ଗୁରେ ଶହ ଶହ ଏକର ଚାଷ ଜମି ପଡ଼ିଆ, ଚିନ୍ତାରେ ଚାଷୀ



ହିନ୍ଦୋଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗୁଳେହି ପଞ୍ଚାୟତ ଅନ୍ତର୍ଗତ ବଙ୍ଗୁ ଗ୍ରାମରେ ବିଗତ ତିନି ଚାରି ବର୍ଷ ହେବ ବଣୁଆ ହାତୀ ପଲଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହେଉଥିବାରୁ ଗ୍ରାମର ଅଧିକାଂଶ ଚାଷୀ ଚାଷ କାର୍ଯ୍ୟରୁ ଦୂରେଇ ରହି ଦିନ ମଜୁରିଆ ଭାବେ ଖଟୁ ଥିବାବେଳେ କେତେକ ବାହାରେ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଚାଷ କାର୍ଯ୍ୟ ହୋଇ ନପାରି ଅଧିକାଂଶ ଚାଷ ଉର୍ବର କ୍ଷମ ଚାଷଜମି ପଡ଼ିଆ ପଡ଼ିଥିବା ଦେଖା ଯାଉଛି।

ସେହି ଜମି ପାର୍ଶ୍ୱରେ ନାଳ ପ୍ରବାହିତ ହୋଇ ଚାଷକାର୍ଯ୍ୟ ପାଇଁ ଆବଶ୍ୟକ ଜଳ ଯୋଗାଇବାର କ୍ଷମତା ଥିଲେ ମଧ୍ୟ ଗାଁ ର କୃଷକମାନେ ଜାଣି ଶୁଣି ଚାଷ କାର୍ଯ୍ୟରୁ ନିବୃତ୍ତ ରହୁଛନ୍ତି। ଗ୍ରାମରେ ଚାଷ ଏବଂ ସେଥିରୁ ଉତ୍ପାଦିତ ଶସ୍ୟ ବିକ୍ରୟ କରି ଚାଷୀ ଟିଏ ତାର ପରିବାର ପ୍ରତି ପୋଷଣ କରୁଥିବା ବେଳେ ହାତୀ ଉପଦ୍ରବଜନିତ ଆତଙ୍କ ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। ଗ୍ରାମାଞ୍ଚଳରେ ଚାଷ ମୁଖ୍ୟତଃ ଜନ ସାଧାରଣଙ୍କ ଜୀବନ ଜୀବିକା ହୋଇଥିବା ବେଳେ ବଣୁଆ ହାତୀ ପଲଙ୍କ ଉପଦ୍ରବ ସାଙ୍ଗକୁ ବାରା, ମାଙ୍କଡ ପଲଙ୍କ ଉପଦ୍ରବ ଚାଷ କାର୍ଯ୍ୟକୁ ଆଗେଇ ନେବାରେ ବାଧକ ସାଜିଛନ୍ତି। ବନ୍ୟ ଜନ୍ତୁଙ୍କୁ ରୋକିବା ପାଇଁ ସ୍ଥାନୀୟ ବନବିଭାଗ ପକ୍ଷରୁ ନାମକୁ ମାତ୍ର ପାଟ୍ରୋଲିଂ କରାଯାଇ ସମୟେ ସମୟେ ଶବ୍ଦ ଭେଦି ବାଣ ପ୍ରୟୋଗ କରାଯାଉ ଥିଲେ ମଧ୍ୟ ତାହା ନିଳ ହେଉଛି। ଅପର ପକ୍ଷେ ବଣୁଆ ହାତୀ ହିଂସ୍ର ହୋଇ ଯାଇ ଜନ ଜୀବନକୁ ସୁଣ୍ଢରେ ଗୁଡ଼ାଇ ତଳେ ଚାପି ମାରି ଦେଉଛି।

ଏଭଳି ଅଘଟଣ ହିନ୍ଦୋଳ ବନାଞ୍ଚଳରେ ସର୍ବାଗ୍ରେ ରହି ରେକର୍ଡ ସୃଷ୍ଟି କରିଛି। ବନ୍ୟଜନ୍ତୁଙ୍କ ଉପଦ୍ରବଜନିତ କ୍ଷୟ କ୍ଷତି ଭରଣା ପାଇଁ ପ୍ରତି ବର୍ଷ ଶହ ଶହ ଚାଷୀ ଆବେଦନ କରିଥିଲେ ମଧ୍ୟ କିଞ୍ଚିତ ଚାଷୀ ଏଥିରୁ ଉପକୃତ ହେଉଛନ୍ତି। ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳକୁ ଲାଗି ସଂଲଗ୍ନ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳରେ ହାତୀ କରିଡ଼ରନିର୍ମାଣ କରା ଗଲେ ସମ୍ଭବତଃ କ୍ଷତିଗ୍ରସ୍ତ ଚାଷୀମାନେ ଏଥିରୁ ଲାଭବାନ ହୁଅନ୍ତେ ।

# ମହିଧରପୁର ଫାଣ୍ଡି ପୋଲିସକୁ ବଡ଼ ସଫଳତା

ବଅଁରପାଳ,(ସବ୍ୟୁ) :ବଅଁରପାଳ ବ୍ଲକ ମହିଧରପୁର ଫାଣ୍ଡି ପୋଲିସର ନିଦ ହଜେଇ ଦେଇଥିବା ଗ୍ୟାଙ୍ଗର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ସୂଚନା ଅନୁଯାୟୀ ତଳମୂଳ ପାଟଣା ସାହିର ରୀତା ନାଏକଙ୍କ ପାଣି ପମ୍ପଟି ଦୁଇ ଦିନ ତଳେ ଚୋରି ହୋଇଥିବା ନେଇ ମହିଧରପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ତଦନ୍ତ କରି ଚାରିଜଣିଆ ଗ୍ୟାଙ୍ଗର ମୁଖ୍ୟ ଗୋପବନ୍ଧୁ ସାହୁ(୫୦) କୁ ଧରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ଘରୁ ୫ଟି ବାଇକ ,ଗୋଟିଏ ଜେନେରେଟର ଜବତ କରିଥିଲେ। ଗୋପବନ୍ଧୁ ଠାରୁ ସୂଚନା ପାଇଁ ଅନ୍ୟ ୩ ଅଭିଯୁକ୍ତ ମାନଙ୍କ ଘରେ ଚଢ଼ାଉ କରି ୩ ଟି ପାଣି ପମ୍ପ ଜବତ କରିଥିଲେ। ଚୋରୀରେ ସଂପୃକ୍ତ ଥିବା ଅନାଦି ନାଏକ(୨୪) ,ଜାପାନୀ ନାଏକ(୩୦),ସୁନୀଲ ନାଏକ(୩୦)କୁ ଗିରଫ କରିଥିଲେ। ଏସମସ୍ତ ଅଭିଯୁକ୍ତ ମାନେ ତଳମୂଳ ଗ୍ରାମର। ଏମାନେ ୪ ଜଣିଆ ଗ୍ୟାଙ୍ଗ ତିଆରି କରି ବିଭିନ୍ନ ସ୍ଥାନରୁ ଚୋରୀ ଡକାୟତି କରି ପୋଲିସକୁ ଚକମା ଦେଖାଇ ଖସି ଯାଉଥିଲେ। ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ନେତୃତ୍ୱରେ ଏକ ଟିମ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚାରି ଜଣିଆ ଗ୍ୟାଙ୍ଗ କୁ ଧରିବାରେ ସଫଳ ହୋଇଥିଲେ।

# ତିନି ବୁଲେଟ ଜବତ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସନ୍ଧ୍ୟାରେ ହଣ୍ଡପା ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୩ ଟି ବୁଲେଟ ଜବତ କରାଯାଇଛି। ଏଥିସହ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ କିଛି ମାସ ହେବ ଉକ୍ତ ବୁଲେଟ ଗୁଡିକରେ ବିକଟାଳ ଶବ୍ଦର ସାଇଲେନ୍ସର ଲଗାଇଥିବା ବେଳେ ସାଧାରଣ ଲୋକେ ଏହି ଶବ୍ଦରେ ଅତିଷ୍ଠ ହୋଇଥିଲେ। ସଚେତନ କରାଯାଉଥିଲେ ମଧ୍ୟ ଉକ୍ତ ସାଇଲେନ୍ସର ଗୁଡିକ ବଦଳଉ ନଥିବା ଯୋଗୁଁ ପୋଲିସ ଚଢଉ କରି ଜବତ କରିଛି। ଚଢଉକୁ ନେଇ ବୁଲେଟ ଚଳାଳି ଛାନିଆ ହୋଇ ପଡିଛନ୍ତି ।

# ପ୍ରଭୂ ଗଜାନନଙ୍କ ପାଇଁ ଆଜିଠାରୁ ଚଳଚଞ୍ଚଳ ତାଳଚେର

ତାଳଚେର, (ସବ୍ୟୁ) : ଭାଦ୍ରବ ମାସ ଶୁକ୍ଳପକ୍ଷ ଚର୍ତୁଥି ତିଥିକୁ ତାଳଚେର ଅଂଚଳବାସୀଙ୍କ ସମେତ କୁନିକୁନି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭକରି ବୟସ୍କ, ବୟସ୍କା ପର୍ଯ୍ୟନ୍ତ ପ୍ରଭୂ ଗଜାନନ ଆଶିର୍ବାଦ ଭିକ୍ଷା ପାଇଁ ଅନାଇ ବସିଥାନ୍ତି । ଏଥିନେଇ ତାଳଚେର ସହର ଆଜି ଠାରୁ ଚଳଚଂଚଳ ହୋଇପଡ଼ିଛି । ବଡ଼ଦାଣ୍ଡ ସାହି ଠାରୁ ଆରମ୍ଭ କରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ୨୧ଗୋଟି ୱାର୍ଡ଼ରେ ବଡ଼ବଡ଼ ତୋରଣ ସହିତ ପୂଜାମଣ୍ଡପ ଉପରେ ଗଜାନନଙ୍କୁ ବସାଇବା ଆରମ୍ଭ କରିଦେଲେଣି । ତେଣୁ ତାଳଚେର ସହର ଠାରୁ ଆରମ୍ଭକରି ଗ୍ରାମାଂଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟ ଅନୁଷ୍ଠାନ, ପ୍ରତିଷ୍ଠାନ ଗୁଡ଼ିକରେ ପ୍ରଭୂ ଗଜାନନଙ୍କ ପୂଜାପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



ଫହଚିଥିବା ଦେଖାଯାଇଛି । ସହର ମଧ୍ୟରେ ଛୋଟବଡ଼ କରି ପ୍ରାୟ ଶହେରୁ ଉର୍ଦ୍ଧ୍ୱର୍ ପୂଜାମଣ୍ଡପରେ ଆସନ୍ତାକାଲି ଠାରୁ ପୂଜା ପାଇବାକୁ ଯାଉଛନ୍ତି ।

ଏଥିନେଇ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆଜିଠାରୁ ଆରମ୍ଭ ହୋଇଥିବା ଦେଖା ଦେଇଛି । ସବୁ ଛକ ଓ ପୂଜାମଣ୍ଡପ ସ୍ଥାନ ଗୁଡ଼ିକରେ ପୋଲିସ୍ ମୂତୟନ କରାଯାଇଛି ଏବଂ ୪ଟି ଅସ୍ଥାୟୀ କ୍ୟାମ୍ପ ନିର୍ମାଣ କରାଯାଇଛି । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମନୋହରି ଠାରୁ ଆରମ୍ଭକରି ଖେଳନା, ଘରକରଣା ସାମଗ୍ରୀ, ବିଭିନ୍ନ ଆସବାବ ପତ୍ର, ଭିନ୍ନ ଭିନ୍ନ ଖାଦ୍ୟ ପଦାର୍ଥ ଦୋକି, ମୀନା ବଜାରର ଆସର ଜମିବାରେ ଲାଗିଛି । ମାତ୍ର ୧୧ଦିନ ବ୍ୟାପି ଏହି ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ପାଣିପାଗ ୩ଦିନ ଶୃଙ୍ଖଳା ରହିଥିବା ବେଳେ ବିଭାଗ ସୂଚନା ଅନୁଯାୟୀ ଯଦି କାଲି ଠାରୁ ଲଘୁଚାପ ଜନିତବର୍ଷା ଦେଖାଦିଏ ତେବେ ଏଡି ପ୍ରସିଦ୍ଧ ଗଣେଶପୂଜା ଫିକା ପଡ଼ିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ପ୍ରକାଶ ଥାଉକି ଆସନ୍ତା କାଲିଠାରୁ ଜାତୀୟ ରାଜପଥରେ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରାଯିବା ସହ ଚଳିତବର୍ଷ ହାଟତୋଟା ଠାରେ ପ୍ରଜାମଣ୍ଡଳ ଭବନ ନିର୍ମାଣ କାର୍ଯ୍ୟ ଚାଲୁ ରହୁଥିବାରୁ ସେଠାରେ ପ୍ରତିବର୍ଷ ମୀନାବଜାର ତାଳଚେର କଲେଜ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଇଛି ।

# ଅଏଡା ସେବା ସମବାୟ ସମିତିକୁ ସାର ଯୋଗାଇ ଦେବାକୁ ଦାବି

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡା ପଞ୍ଚାୟତ ରେ ଥିବା ଅଏଡା ସେବା ସମବାୟ ସମିତି କୁ ରାସାୟନିକୟୁରିଆ ସାର ଯୋଗେଇ ଦେବାକୁ ସମିତି ସଭାପତି ଚିତ୍ତ ରଞ୍ଜନ କର୍ଣ୍ଣ ଜିଲ୍ଲାପାଳ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନିକଟରେ ଅନଲାଇନରେ ଦାବୀ କରିଛନ୍ତି। ଦାବୀ ମୁତାବକ ଚଳିତ ବର୍ଷ ଆଜି ସୁଦ୍ଧା ୧୭୦୦ ବସ୍ତା ଯୋଗେଇ ଦିଆ ଯାଇଥିଲେ ମଧ୍ୟ ୩ ପଞ୍ଚାୟତ ଯଥା ଅଏଡ଼ା, ଲୁହା ସିଙ୍ଗା, ଜାମୁଡୋଲୀ ପଂଚାୟତ ର ଚାଷୀ ମାନଙ୍କୁ ସାର ପର୍ଯ୍ୟାପ୍ତ ପରିମାଣ ରେ ହୋଇପାରନାହିଁ ଆଗକୁ ସାରର ଆବଶ୍ୟକତା ଥିବାରୁ ଆଉ ୧ ହଜାର ବସ୍ତା ସାର ଯୋଗେଇ ଦେବାକୁ ଦାବୀ କରା ଯାଇଛି। ସୂଚନା ଥାଉ କି ସାର ର ଅଭାବୀ ଯୋଗୁଁ ପ୍ରତିଦିନ ଚାଷୀ ସାର ଉଦେଶ୍ୟରେ ଅଏଡ଼ା ସେବା ସମବାୟ ସମିତକୁ ଆସି ନିରାଶ ହୋଇ ଫେରୁଛନ୍ତି। ତେଣୁ ଅତି ଶୀଘ୍ର ରାସାୟନିକ ସାର ଅଏଡ଼ା ସେବା ସମବାୟ ସମିତିକୁ ଯୋଗେଇ ଦେବାକୁ ଦାବୀ ହେଉଛି ।

# ସାପ କାମୁଡାରେ ଯୁବକ ମୃତ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ବ୍ୟକ୍ତି ଶୋଇଥିବା ବେଳେ ଏକ ବିଶାକ୍ତ ସାପ କାମୁଡାରେ ତାର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ସୁଶାନ୍ତ ବେହେରା (୪୩)। ସୂଚନା ଅନୁସାରେ ସୁଶାନ୍ତ ସୋମବାର ରାତିରେ ନିଜ ଘରେ ଶୋଇଥିବା ବେଳେ କୌଣସି ଏକ ବିଶାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହାଜାଣି ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତଙ୍କ ମୃତ୍ୟୁ ଖବର ପାଇ ମେଡିକାଲ ପରିସରରେ ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ୨୮ ରେ ମା ହିଙ୍ଗୁଳାଙ୍କ ନୂଆଁଖାଇ ପର୍ବ

ତାଳଚେର, (ସବ୍ୟୁ) : ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ତଥା ନବାନ୍ନ ପ୍ରସାଦ ଲାଗି ଚଳତି ମାସ ୨୮ ତାରଖି ଗୁରୁବାର ଦନି ଅନସ୍ଥୁତି ହେବ। ମା ହିଙ୍ଗୁଳାଙ୍କ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ପାଞ୍ଜି ଦେଖି ତିଥି ସ୍ଥିର କରଥିଲେ। ଦନି ୧୨ଟା ୦୫ମନିଟ ରେ ମା’ଙ୍କ ଚଳନ୍ତି ପ୍ରତିମା ଆଲମ ଦିଅ ଘରୁ ପୂଜାର୍ଚ୍ଚନା ପରେ ଯାତ୍ରା ଆରମ୍ଭ କରିବେ । ପାରମ୍ପାରିକ ଓ ବୈଦିକ ରିତିନୀତି ଅନୁଯାୟୀ ମା’ଙ୍କ ପାଖରେ ପୂଜାର୍ଚ୍ଚନା କରାଯିବା ସହ ଦିବା ୧.୧୫ମନିଟରେ ନବାହ୍ନ ପ୍ରସାଦ ଲାଗିକରାଯବି ବୋଲି ସ୍ଥିର କରାଯାଇଛି । ମା ହିଙ୍ଗୁଳାଙ୍କର ଏହି ଅନନ୍ୟ ନୂଆଖାଇ ପର୍ବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ମାଆଙ୍କର ଆଶୀର୍ବାଦ ପା୍ରପ୍ତ କରିବା ନେଇ ମା ହିଙ୍ଗୁଳାଙ୍କ ଟଷ୍ଟ୍ର ବୋର୍ଡ ପକ୍ଷର ଅନୁରୋଧ କରାଯାଇଯାଇଛି ।

# ବିଜ୍ଞାନର ଅଗ୍ରଗତି ପାଇଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଗଢିତୋଳିବା ଏକାନ୍ତ ଜରୁରୀ

କଣିହା,(ସବ୍ୟୁ) : ବ୍ରେକଥ୍ରୋ ସାଇନ୍ସ ସୋସାଇଟି ସହବନ୍ଧିତ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶା ପକ୍ଷରୁ ଆୟୋଜିତ କରାଯାଉଥିବା ବିଜ୍ଞାନ ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନ କଣିହାଁ ବ୍ଲକ ଅଧୀନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜରଡା ଠାରେ ଏକ ବିଜ୍ଞାନ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର ଅନୁଗୋଳ ଜିଲ୍ଲା ସଂଯୋଜକ ମୁନା ନାଏକ ଯୋଗଦେଇ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। କୌଣସି କଥାକୁ ଅନ୍ଧ ଭାବେ ଗ୍ରହଣ ନକରି ତା ପଛରେ ଥିବା କାରଣ ଖୋଜିବା, ପରୀକ୍ଷା ନିରୀକ୍ଷା କରିବା ଓ କାରଣ ଆଧାରରେ ସିଦ୍ଧାନ୍ତରେ ଉପନୀତ ହେବାକୁ ବିଜ୍ଞାନ କୁହାଯାଏ ।

ବିଜ୍ଞାନ କଦାପି ବିଶ୍ୱାସ ହୋଇ ନ ପାରେ ବରଂ ସତ୍ୟର ଚଟାଣ ଉପରେ ଏକ ସୁନ୍ଦର ଉପଲବ୍ଧିକୁ ବୁଝାଏ। କ’ଣ, କାହିଁକି, କିପରି ପ୍ରଶ୍ନ ପଚାରିବା, କାରଣ ଖୋଜିବା, ପରୀକ୍ଷା ନିରୀକ୍ଷା କରିବା, ଯୁକ୍ତି କରିବା ଆଦି ପ୍ରକ୍ରିୟା ଗୁଡିକ ବିଜ୍ଞାନର ପରିଭାଷା ଅଟେ। ଏ ଦିଗରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସର୍ବସ୍ତରର ଜନଗଣ ଉତ୍ସାହିତ ହୋଇ ନିଜ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଗଢିତୋଳିବା ଦ୍ୱାରା ବିଜ୍ଞାନର ଅଗ୍ରଗତି ସମ୍ଭବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ବୈଜ୍ଞାନିକ ଚିନ୍ତାର ପ୍ରଚାର -ପ୍ରସାର କରିବା, ମାନବ କଲ୍ୟାଣ ପାଇଁ ବୈଜ୍ଞାନିକ ମାନଙ୍କ ଉଦ୍ଭାବନ ଓ ଆବିଷ୍କାର ଏବଂ ତ୍ୟାଗପୂତ କଠିନ ଜୀବନ ସଂଗ୍ରାମର ପ୍ରଚାର କରିବା, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଜନଜାଗୃତି ସୃଷ୍ଟି କରିବା ଓ ସେଥିପାଇଁ ନୀତି ନିର୍ଦ୍ଧାରଣ କରିବା, ସ୍କୁଲ ପାଠ୍ୟକ୍ରମରେ ଡାରଓ୍ୱିନ ତତ୍ତ୍ୱ ଓ ପିରିୟଡିକ୍ ଟେବୁଲ ପରି ମୌଳିକ ବିଷୟକୁ ଅନ୍ତର୍ଭୁକ୍ତ କରିବା, ସ୍କୁଲ କଲେଜରେ ବିଜ୍ଞାନ ପାଠ୍ୟକ୍ରମରେ ପରୀକ୍ଷା ନିରୀକ୍ଷାକୁ ଗୁରୁତ୍ୱ ଦେବା ସହିତ ଗବେଷଣା ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟରୁ ଅଧିକ ବ୍ୟୟ କରିବା, ବିଜ୍ଞାନକୁ କେବଳ ମଣିଷ କଲ୍ୟାଣରେ ବ୍ୟବହାର କରିବା ଆଦି ବାର୍ତ୍ତା ଗୁଡିକୁ ଛାତ୍ରଛାତ୍ରୀ ତଥା ବିଜ୍ଞାନପ୍ରେମୀ ଜନଗଣଙ୍କ ମଧ୍ୟକୁ ନେଇଯିବା ଉଦ୍ଦେଶ୍ୟରେ ‘ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରା’ ର ଆୟୋଜନ କରାଯାଉଛି ବୋଲି ଶ୍ରୀ ନାଏକ ପ୍ରକାଶ କରିଥିଲେ। ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ବେହେରା ଓ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ମିଶ୍ର ବିଜ୍ଞାନର ବିଭିନ୍ନ ଅବଦାନ ଓ ତାର ସଠିକ ବ୍ୟବହାର ସହିତ ମୋବାଇଲ ଫୋନର ଦୁରୁପଯୋଗ ଓ ମାତ୍ରାଧିକ ବ୍ୟବହାର ର କୁପରିଣାମ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଡିଲେଶ୍ୱର ସାହୁ, ଶିବପ୍ରସାଦ ଦେହୁରୀ, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଅଣଓଡିଆ ଠିକାଦାରଙ୍କୁ କାମ : ଓଡିଶା ଠିକାଦାର ସଂଘର ୧୨ ଦଫା ଦାବି

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ଠିକାଦାରଙ୍କ ସହିତ ନିଖିଳ ଓଡିଶା ଠିକାଦର ମହାସଙ୍ଘ ତରଫରୁ ୧୨ ଦଫା ଦାବୀନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସରକାର ଅଣଓଡିଆ ଠିକାଦାରଙ୍କୁ ସୁଯୋଗ ଦେଉଥିବା ବେଳେ ବର୍ତ୍ତମାନର ସରକାର ମଧ୍ୟ ସମାନ କାର୍ଯ୍ୟ କରୁଥିବାର ଅଭିଯୋଗ କରିବା ସହିତ ଓଡିଶାର ଠିକାଦାରଙ୍କୁ ସୁଯୋଗ ଦେବା ସହିତ ଦାବୀ ପୂରଣ କରିବାକୁ ନିବେଦନ କରିଛନ୍ତି । ଓଡିଶାରେ ବିଜେଡି ସରକାର ୨୫ ବର୍ଷ ଶାସନ ମଧ୍ୟରେ ଅଣଓଡିଆ ଠିକାଦାରଙ୍କୁ ୮୦ ଭାଗ କାମ ଦେଇଥିବା ବେଳେ ଓଡିଆ ଠିକାଦାରଙ୍କ ପେଟକୁ ନାତ ମାରୁଥିଲେ ।




ବର୍ତ୍ତମାନ ସେହି ସମାନ ଅବସ୍ଥା ଚାଲିଥିବା ବେଳେ ଅଣଓଡିଆ ଠିକାଦାରଙ୍କୁ ପ୍ରାଧାନ୍ୟ ଦିଆଯାଉଛି ।ଗତ ୧୨ ମାସ ମଧ୍ୟରେ ପୂର୍ବମନ୍ତ୍ରୀଙ୍କୁ ଠିକାଦାରସଙ୍ଘର ସଭାପତି ପ୍ରଭାତ ଦାଶ ଓ ସାଧାରଣ ସମ୍ପାଦକ ଭାଗ୍ୟଧର ଦାସ ୨୨ ଥର ଭେଟିଥିବା ବେଳେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାର ଅଭିଯୋଗ କରିଛନ୍ତି । ସଭାପତିଙ୍କ ଅଭିଯୋଗ ଅନୁସାରେ ଓଡିଶାରେ ଓଡିଆ ମାନଙ୍କ ହାତରେକୌଣସି ବୃହତ ଶିଳ୍ପ,ଖଣି ନଥିବା ବେଳେ ୭୦ ହଜାର ଠିକାଦାର ଦୁର୍ଦ୍ଦିନରେରହିଛନ୍ତି । ଅଣଓଡିଆଙ୍କ ନିକଟରେ ୮୦ଭାଗ ରହିଥିବା ବେଳେ ଓଡିଆ ମାନଙ୍କ ହାତରେ ମାତ୍ର ୨୦ଭାଗ କାର୍ଯ୍ୟ ରହିଛି ।ଅଣଓଡିଆ ଠିକାଦାରଙ୍କୁ କାମ ଦିଆଯିବାରୁ ବାହାର ରାଜ୍ୟକୁ ଦାଦାନ ଖଟିବାକୁ ଯିବାକୁ ପଡୁଛି । ସେହିପରି ସାଧାରଣ ସମ୍ପାଦକ ସମାନ ଅଭିଯୋଗ କରିବା ସହିତ ପୂର୍ବ ସରକାର ଭଳି ଏ ସରକାର ମଧ୍ୟ ଅଣଓଡିଆ ମାନଙ୍କୁ ଗୁରୁତ୍ୱ ପ୍ରଦାନ କରୁଛି ।

ଏହାକୁ ନେଇ ଓଡିଶାର ସମସ୍ତ ଠିକାଦାରଏକାଠି ହେଲେ ବିଭିନ୍ନ ଦାବୀ ପୂରଣ ହେବ ବୋଲି କହିଛନ୍ତି ।

ଦାବୀ ଗୁଡିକ ମଧ୍ୟରେ ୧୪.୯୯ ଲେସ ଟେଣ୍ଡର ବନ୍ଦ ସହିତଲଟେରୀମାଧ୍ୟମରେ କାମ ,ଓପିଡବ୍ଲୁଡି କୋଡ ଅନୁସାରେ ସ୍ଲୁଡ଼ୁଲ ପ୍ରକାଶ, ୫୦କୋଟି ପର୍ଯ୍ୟନ୍ତ କାର୍ଯ୍ୟରେ କୌଣସି କ୍ରାଇଟେରିଆ ନରଖିବା,ନିର୍ଦ୍ଦିଷ୍ଟ କାର୍ଯ୍ୟାକୁ କ୍ଲବ ଅପ ନକରିବା,ଅନ୍ୟ ରାଜ୍ୟର ଠିକାଦାରଙ୍କୁ କାମ ନଦେବା ଭଳି ୧୨ଟି ଦାବୀ ପୂରଣ କରିବାକୁ ଠିକାଦାର ମହାସଙ୍ଘ ଦାବୀ କରିଛି ।ଆସନ୍ତା ୨ ମାସ ମଧ୍ୟରେ ଦାବୀ ପୂରଣ ନହେଲେରାଜ୍ୟର ସମସ୍ତ ନିର୍ମାଣକାର୍ଯ୍ୟ ବନ୍ଦକରାଯିବାସହିତ ବାହାର ଠିକାଦାରଙ୍କ କାମ ମଧ୍ୟ ବନ୍ଦ କରିବାକୁଚେତାବନୀଦେଇଛନ୍ତି ।

# ବାଇକ ଜବତ, ଜଣେ ଗିରଫ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ପୋଲିସ୍ ସୋମବାର ଦିନ ବଇଣ୍ଡା ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି। ଆସୁଥିବା ସମସ୍ତ ବାଇକ ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ ହଣ୍ଡପା ଥାନା ଅଞ୍ଚଳର ରାକେଶ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ କୁ ଜବତ କରାଯାଇଛି । ଏ ନେଇ ନମ୍ବର ୨୪୩/୨୫ ରେ ଏକ ମାମଲା ରୁଜୁ କରାଯାଇଛି ।

# ଥାନା ଘେରାଉ ଘଟଣାରେ ୫ ଗିରଫ

ଖମାର,(ସବ୍ୟୁ): ପାଲଲହଡା ଉପଖଣ୍ଡ ଖମାର ଥାନା ଇଞ୍ଜିଡ ପଞ୍ଚାୟତର ରଘୁନାଥପୁର ଗାଁରୁ ରାତି ଅଧରେ ତିନି ଜଣକୁ ଖମାର ପୋଲିସ ଗରିଫ କରିଥିଲା। ଗିରଫକୁ ବିରୋଧ କରି କରି ଗ୍ରାମ ସଭାପତି ସମେତ ୭୦ରୁ ଅଧିକ ଲୋକ ଖମାର ଥାନା ଘେରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ଛାଡ଼ିଦେବା ଦାବି କରି ପ୍ରାୟ ୭ ଘଣ୍ଟା ହେବ ଥାନା ପରିସରରେ ରହି ଜିଦରେ ଅଟଳ ରହିଥିଲେ। ତେବେ ଏହି ଘଟଣାରେ ଏକ ନୂଆ ମୋଡ଼ ଆସିଥିଲା।

ପୂର୍ବରୁ ଅଟକ ରହିଥିବା ତିନି ସମେତ ଆନ୍ଦୋଳନରେ ଆସିଥିବା ଅନ୍ୟ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ମୁତାବକ ଗ୍ରାମ ସଭାପତିଙ୍କ ବାଇକ୍ ପୋଡ଼ି ଘଟଣାକୁ କେନ୍ଦ୍ର କରି ତୁଳସୀ ସୋରେନ ନାମକ ମହିଳାଙ୍କୁ ସେହି ଗାଁର ଉତ୍ସବ ସୋରେନ, ଯୋକର ସୋରେନ, ଜିତୁ ଚାମ୍ପିଅ , ରନି ବଦ୍ରା ଓ କାଳିଆବଦ୍ରା ମିଶି ନିର୍ଘାତ ମାଡ ମାରିବା ପରେ ତାଙ୍କୁ ମାରିଦେବାକୁ ନଦୀକୁ ନେଇଥିଲେ। ସେଠାରେ ଗାଁର ଅନ୍ୟ ଦୁଇଜଣ ଚାଷ କାମ କରୁଥିବା ବେଳେ ଏମାନଙ୍କୁ ଦେଖି ପାଟି କରିବା ପରେ ପୁନର୍ବାର ତାଙ୍କୁ ଘରକୁ ଆଣି ଗୋଟିଏ ଘରେ ବାଟ ବନ୍ଦକରି ରଖିଥିଲେ ଏବଂ ଅମାନୁଷିକ ଭାବରେ ନିର୍ଯାତନା ଦେଇ ଆସୁଥିଲେ। ଏଥି ସହିତ ଗାଡ଼ି ପୋଡ଼ି ଘଟଣାରେ ସାଆନ୍ଦା ଗ୍ରାମର ସାନୁ ନାମକ ଯୁବକ ଗାଡ଼ି ପୋଡ଼ିରେ ସଂପୃକ୍ତ ଅଛି ବୋଲି ଯଦି ସାକ୍ଷୀ ନଦେଲ କିମ୍ବା ଭିଡିଓ ରେ ନକହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କିନ୍ତୁ ତୁଳସୀ ମଉକା ଦେଖି ଘରର ମାଟି କାନ୍ଥ ଭାଙ୍ଗି କୌଶଳ କ୍ରମେ ଥାନାରେ ଆସି ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବା ସହିତ ସଂପୃକ୍ତ ତିନି ଜଣକୁ ଥାନାକୁ ଆଣିଥିଲେ ଓ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଲୋକଙ୍କୁ ମଧ୍ୟ ଠାବ କରିଥିଲା। କିନ୍ତୁ ଗ୍ରାମ ସଭାପତି ଘଟଣାରେ ସିଧା ସଳଖ ସଂପୃକ୍ତ ଥିଲେ ମଧ୍ୟ ଚାଲାକୀ କରି ଗାଁ ଲୋକଙ୍କୁ ଏକାଠି କରି ଥାନା ଘେରାଉ କରିଥିଲେ। ପୋଲିସ ଦୋଷୀମାନଙ୍କୁ ଚିହ୍ନଟ କରିସାରିବା ପରେ ମଧ୍ୟ ଆନ୍ଦୋଳନ ପାଇଁ ଦୋଷୀମାନଙ୍କୁ ଗିରଫ କରିପାରିନଥିଲା। ତେବେ ପୋଲିସ ଗାଁ ଲୋକଙ୍କୁ ପ୍ରକୃତ ସତ ବୁଝାଇବା ପରେ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଛି। ଏହି ଘଟଣା ତୀବ୍ର ହେବା ସମ୍ଭାବନା ଅନୁଭବ କରି ପୁଲିସ ଏକ ପ୍ଲାଟୁନ ପୋଲିସ ଫୋର୍ସ,ଜିଲ୍ଲା ଅତିରିକ୍ତ ପୁଲିସ ଅଧିକାରୀ, ପାଲଲହଡା ଆଇ ଆଇସି, ଖମାର ଥାନା ଅଧିକାରୀ ସମେତ ଉପସ୍ଥିତ ରହି ଘଟଣାକୁ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା କରିଥିଲେ ।

# ସିନର୍ଜି ଇଂଜିନିୟରିଂ କଲେଜରେ ନୂତନ ବିଟେକ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ବାଇପାସ୍ ସ୍ଥିତ ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ମଙ୍ଗଳବାର ନୂତନ ଭାବେ ଭର୍ତ୍ତି ହୋଇଥିବା ବିଟେକ୍ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଓରିଏଣ୍ଟେସନ୍ ପ୍ରୋଗ୍ରାମ ଆୟୋଜନ କରାଯାଇଥିଲା। ଏଥିରେ ଅଭିଭାବକମାନେ ମଧ୍ୟ ଯୋଗ ଦେଇଥିଲେ। ଡଃ. ପିକେ ନାୟକ ଏବଂ ଡଃ. ଆଇ ମହାନ୍ତି ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ଶୃଙ୍ଖଳା, ପରିଶ୍ରମ ଓ ସଂକଳ୍ପର ସହିତ ତାଙ୍କ ପେଶା ଜୀବନରେ ଆଗେଇବାକୁ ପ୍ରେରଣା ଦେଇଥିଲେ। ସମସ୍ତ ବିଭାଗର ମୁଖ୍ୟ ନିଜ ନିଜ ବିଭାଗର ପରିଚୟ ଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ବ୍ୟକ୍ତିଗତ କ୍ଷେତ୍ରରେ ସଫଳତା ପାଇଁ ପ୍ରେରଣା ଦେଇଥିଲେ। ଟ୍ରଷ୍ଟି ଇଂ. ଏ.କେ ସାହୁ ଛାତ୍ରଛାତ୍ରୀଙ୍କୁ ଧୈର୍ଯ୍ୟ, ଅନୁକୂଳ କ୍ଷମତା ଓ ଦୃଢ ଜ୍ଞାନ ଭିତ୍ତି ଗଠନ କରିବାକୁ ପ୍ରେରିତ କରିଥିଲେ ଯାହାକି ଜୀବନର ସଫଳତାର ମୂଳମନ୍ତ୍ର। ଚେୟାରମ୍ୟାନ ଓ ମ୍ୟାନେଜିଂ ଟ୍ରଷ୍ଟି ବିନୋଦ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସତ୍ୟିକାର ଶିକ୍ଷା କେବଳ ଶିକ୍ଷାଗତ ସଫଳତାରେ ମପାଯାଏନି ବରଂ ମୂଲ୍ୟବୋଧ, ସତ୍ୟନିଷ୍ଠା ଓ ନବୀନତାର ସହିତ ତକନକୀ ଜ୍ଞାନକୁ ଏକତ୍ର କରିବାରେ ଥାଏ।

ପୂର୍ବତନ ଛାତ୍ରଛାତ୍ରୀମାନେ ମଧ୍ୟ ନିଜର ଅନୁଭୂତି ବାଣ୍ଟିଥିଲେ ଯେଉଁଥିରୁ ନୂତନ ଛାତ୍ରଛାତ୍ରୀମାନେ ଅଧିକ ପ୍ରେରଣା ପାଇଥିଲେ। ପ୍ରଫେସର ଜେ. ମୋମିନ୍ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ଡିନେଟ୍‌ର, କଲଚରାଲ କମିଟି, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟ ସକ୍ରିୟ ହୋଇଥିଲା ।

# ପୂଜା ପାଇଁ ଚାନ୍ଦା ଆଦାୟକୁ ନେଇ କଠୋର ହେଲା ପୋଲିସ ପ୍ରଶାସନ

ଅନୁଗୁଳ, (ସବ୍ୟୁ) : ବେଆଇନ ଚାନ୍ଦା ଆଦାୟ ବିରୋଧରେ ଅନୁଗୁଳ ଏସପି ରାହୁଲ ଜୈନ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେଆଇନ ଚାନ୍ଦା ଆଦାୟ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ଜିଲ୍ଲାର ସବୁ ଥାନା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଏସପି। ଏହା ସହିତ ବେଆଇନ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗିରଫ କରି କୋର୍ଟ ଚାଲାଣ କରିବାକୁ ରାହୁଲ ଜୈନ୍ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେହି ଜବରଦସ୍ତ ଚାନ୍ଦା ମାଗିଲେ ତୁରନ୍ତ ୧୧୨ରେ କଲ କରିବାକୁ କହିଛନ୍ତି। ସେହିପରି ତାଳଚେରରେ ଶୃଙ୍ଖଳିତ ଗଣେଶ ପୂଜା ଲାଗି ଅନୁଗୁଳ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।ପୂଜାରେ ବରିଷ୍ଠ ଡିଏସପି ଓ ଆଇଆଇସିଙ୍କ ସହ ୮-୧୦ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏଥିସହ ଆଣ୍ଟି ସ୍ନାଚିଂ ଟିମ୍ ନିୟୋଜିତ କରାଯିବ। ସବୁ ପୂଜା ମଣ୍ଡପରେ ସିସିଟିଭି



ଲାଗିବା ଏଥର ଡିଜେକୁ ଅନୁମତି ଦିଆଯିବନାହିଁ ଏଥିପାଇଁ ସବୁ ପୂଜା ମଣ୍ଡପକୁ ଏସଓପି ଜାରି କରାଯାଇଛି ବୋଲି ଏସପି କହିଛନ୍ତି ।

ଏସପି କହିଛନ୍ତି, ପୂଜା ପୂର୍ବରୁ ଓଡ଼ିଶା ପୋଲିସର ଅପରେସନ ଗରୁଡ଼ ଜରିଆରେ ଅପରାଧ ନିରୋଧୀ କାର୍ଯ୍ୟକଳାପ ଅଂଶ ସ୍ୱରୂପ ୩୦୦ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ଚଢ଼ାଉ କରାଯାଇ ୧୧ଟି ଦେଶୀ ବନ୍ଧୁକ ସମେତ ୫ଟି ପିସ୍ତଲ ଓ ୧୦ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ବେଳେ ୧୬ ଜଣଙ୍କୁ ଗିରଫ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ୪୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ଗାଡ଼ି ଜବତ କରାଯାଇଛି। ବେଆଇନ ମଦ କାରବାର ଉପରେ ଚଢ଼ାଉ କରାଯାଇ ୧୩୫ଟି ମାମଲାରେ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଲିଟର ମଦ ଜବତ ହୋଇଛି ବୋଲି ସୂଚନା ଦେଇଛନ୍ତି ଏସପି ।

# କେନ୍ଦୁଗଣ୍ଡି ଚୋରାଚାଲାଣ, ମାରୁତି ସହ କେନ୍ଦୁଗଣ୍ଡି ଜବତ



ମୁରିବାହାଲ, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ବିଭାଗ ପକ୍ଷରୁ ଅଭିନବ ଉପାୟରେ ମାରୁତି କାରରେ ଚୋରାଚାଲାଣ ହେଉଥିବା ୧୫ଟି କେନ୍ଦୁଗଣ୍ଡିକୁ ଜବତ କରାଯାଇଛି । ସୋମବାର ଦିନ ପୂର୍ବାହ୍ନରେ ଟିକ୍ରାପଡ଼ା ପଟରୁ ଏକ ମାରୁତି ଅଲଟୋ କାର (ଓଆର୍ ୦୩ ଡି ୬୩୦୧)ରେ କୁରକୁରେ ଭର୍ତ୍ତି ହୋଇଯାଉଥିଲା । କୌଣସି ସୂତ୍ରରୁ ଖବର ପାଇ ମୁରିବାହାଲ ବନ ବିଭାଗ କର୍ମଚାରୀ ଗୁଡ଼ିଘାଟ ଛକରେ ସନ୍ଦେହରେ ସେହି କାରକୁ ଅଟକାଇ ଯାଞ୍ଚ କରିଥିଲେ । ହଠାତ୍ ଚୋରାଚାଲାଣକାରୀ ଡ୍ରାଇଭର ଚଳନ୍ତା ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲା। କାର୍‌ର ଉପରେ ଛୁଆମାନେ ଖାଉଥିବା କୁରକୁରିରେ ଭର୍ତ୍ତି ହୋଇଥିବା ବେଳେ ତଳେ କେନ୍ଦୁଗଣ୍ଡି ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳିଥିଲା । ବନବିଭାଗ କାରକୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା । ଯାଞ୍ଚ ପରେ ସେଥିରୁ ୧୫ଗଣ୍ଡି ତଥା ୮ସିଏଫଟି ମୂଲ୍ୟବାନ କେନ୍ଦୁଗଣ୍ଡି ବାହାରିଥିବା ବେଳେ ଏହାର ବଜାର ମୂଲ୍ୟ ୧୦ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଏହି ଯାଞ୍ଚରେ ଗୁଡିଘାଟ ସେକ୍ସନର ସମସ୍ତ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ । ଦିନ ଦ୍ୱିପ୍ରହରରେ ଏକ ଛୋଟ ମାରୁତି କାରରେ ଛୁଆଙ୍କ କୁରକୁରେ ବିକ୍ରୟ ପାଇଁ ନେଉଥିବା ବେଳେ ସେଥିରେ ମୂଲ୍ୟବାନ କେନ୍ଦୁ ଗଣ୍ଡି ଚୋରାଚାଲାଣ କେବେଠାରୁ ଚାଲିଥିଲା ସମ୍ପୂର୍ଣ୍ଣ ସନ୍ଦେହ ସୃଷ୍ଟି କରୁଛି । ଏହା ଦୀର୍ଘଦିନରୁ ଚାଲିଥିବା ବେଳେ ସବୁବେଳେ ମୁଖ୍ୟ ଚୋରାଚାଲାଣକାରୀ ଫେରାର ହେବା ବନ ବିଭାଗର ଦାୟିତ୍ୱହୀନତା ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜର ଶିବପ୍ରସାଦ ନାୟକ ପ୍ରକାଶ କରିଛନ୍ତି।

# ୟୁରିଆ ସାର ପାଇଁ ଠେଲାପେଲା : ରାସ୍ତାରୋକ



ଟିଟିଲାଗଡ଼, (ସବ୍ୟୁ) : ଅନ୍ନଦାତା ଆଜି ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରାୟ ତିନି ଦିନ ହେଲା ଚାଷୀ ବସ୍ତାଏ ସାର ପାଇଁ ଭୋରରୁ ଆସି ଟିଟିଲାଗଡ଼ ସହରର ବିଭିନ୍ନ ସାର ଦୋକାନରେ ଲାଇନ ଲଗାଉଛନ୍ତି । ତେବେ ଗତ ତିନି ଦିନ ତଳେ ଟିଟିଲାଗଡ଼ ସହରର ହିନ୍ଦୁସ୍ତାନ ସିଡ୍‌ସ ଦୋକାନକୁ ୩ ହଜାରରୁ ଊର୍ଦ୍ଧ୍ୱ ବସ୍ତା ସାର ଆସିଥିବା ବେଳେ ଚାଷୀଙ୍କୁ ବଣ୍ଟନ କରାଯାଇ ନଥିବା ଅଭିଯୋଗ ହୋଇଛି । ଏନେଇ ଗତକାଲି ବଡି ଭୋରରୁ ରାତ୍ରି ପ୍ରାୟ ୧୦ଟା ପର୍ଯ୍ୟନ୍ତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ହିନ୍ଦୁସ୍ତାନ ସିଡ୍‌ସ ସାର ଦୋକାନ ସମ୍ମୁଖରେ ସାର ବସ୍ତାଏ ପାଇଁ ଲାଇନ ବାନ୍ଧିଥିଲେ । ସନ୍ଧ୍ୟା ପ୍ରାୟ ୭ ଟାରେ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ଚାଷୀ ଆନ୍ଦୋଳନରେ ସାମିଲ ସହ ସମ୍ପୃକ୍ତ ଦୋକାନ ସମ୍ମୁଖରେ ରାସ୍ତାରୋକ ସହ ଧାରଣାରେ ବସିଥିଲେ । ହିନ୍ଦୁସ୍ତାନ ସିଡ୍‌ସ ସାର ଦୋକାନରେ ୟୁରିଆ ସାର ପାଇଁ ଲାଇନ ଲଗାଇବା ସହ ଟ୍ରାଫିକ ଜାମ ପରିସ୍ଥିତି ଉପୁଜିଥିଲା । ଉପଖଣ୍ଡ ଅଞ୍ଚଳରେ ବର୍ତ୍ତମାନ ଖରିଫ ଋତୁରେ ୟୁରିଆ ସାର ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନ ଗୁଡିକରୁ ଉଭାନ ହୋଇଯାଇଛି । ଗ୍ରାମାଞ୍ଚଳରେ ଏହାର କଳାବଜାର ସହ ୨୬୫ ଟଙ୍କାର ୟୁରିଆ ବସ୍ତା ୧୦୦୦ ଟଙ୍କାରେ ଚୋରାରେ ବିକ୍ରୟ ହେଉଥିବା ଅଭିଯୋଗ ହୋଇଛି । ତେବେ ଥାନା ପାଖ ଚାରି ଛକରେ ଥିବା ଟିଟିଲାଗଡ଼ ହିନ୍ଦୁସ୍ତାନ ସିଡ୍‌ସ ସାର ଦୋକାନକୁ ସାର ଟ୍ରକ ଆସିଥିବା ଖବର ପାଇ ଗତକାଲି ଅନ୍ଧାରରୁ ଚାଷୀଙ୍କ ଭିଡ଼ ଜମିବା ଆରମ୍ଭ ହୋଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଷୀ ଅପେକ୍ଷାରତ ଥିଲେ । ୩୦୦୦ ବସ୍ତା ସାର ଉକ୍ତ ଦୋକାନକୁ ତିନି ଦିନ ପୂର୍ବରୁ ଆସିଥିବା ଖବର ପାଇ ଚାଷୀ ସାର ପାଇଁ ଧାଇଁ ଚାଲିଥିଲେ । ତେବେ ଦୋକାନୀ ସୋମବାର ସାର ଦେବେ ବୋଲି ଟିଆ ଦେଇଥିବା ବେଳେ ମାତ୍ର ୪୦୦ ବସ୍ତା ସାର ଥିବା କହିବା ନେଇ ଉତ୍ତେଜନା ପ୍ରକାଶ ପାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ଦୋକାନୀ ଥାନା ସମ୍ମୁଖ ବିଆରସି ବିଲଡିଙ୍ଗ ପରିସରରେ ସାର ବଣ୍ଟନ ହେବ ବୋଲି ଅଚାନକ ଘୋଷଣା ନେଇ ସାର ବସ୍ତାଟିଏ ପାଇବା ପାଇଁ ଲୋକେ ସେଠାକୁ ଧାଁଦୌଡ ମଧ୍ୟରେ ଠେଲାପେଲାରେ ଅନେକ ଲୋକ ତଳେ ପଡି ଆହତ ହୋଇଛନ୍ତି । ମହିଳାଙ୍କ ଚୁଡ଼ି ଭାଙ୍ଗିଛି, ଧାଁ ଦୌଡରେ ଅନେକଙ୍କ ଚପଲ ଛିଣ୍ଡି ପଡିଛି । ପେଣ୍ଟ ସାର୍ଟ ଚିରି ଚାଷୀ ହୀନସ୍ତା ହୋଇଛନ୍ତି । ଠେଲାପେଲାରେ ତଳେ ପଡି ଅଳ୍ପକେ ଶହ ଶହ ଚାଷୀଙ୍କ ଜୀବନ ରକ୍ଷା ହୋଇଛି । ଅନ୍ୟପକ୍ଷରେ ଆବଶ୍ୟକତା ଅନୁଯାୟୀ କମ ସାର ଆସୁଥିବା ନେଇ ସମସ୍ୟା ଉପୁଜୁଥିବା କୃଷି ଅଧିକାରୀ କହିଛନ୍ତି । ତେବେ ସହରରେ ଥିବା ସାର ହୋଲସେଲର ଗ୍ରାମାଞ୍ଚଳରେ ଥିବା ରିଟେଲରମାନଙ୍କୁ ସାର ଯୋଗାଣ ପାଇଁ ଅଗ୍ରାଧିକାର ଦେଉଥିବା ବେଳେ ରିଟେଲର କଳାବଜାର କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଭାବୀ ଚାଷୀ ଟିଟିଲାଗଡ଼ ସାର ଦୋକାନକୁ ଟ୍ରକ ଭର୍ତ୍ତି ସାର ଆସିଥିବା ଜାଣି ଉଚିତ ଦରରେ ସାର ବସ୍ତାଟିଏ ପାଇବେ ବୋଲି ଛୁଟି ଆସିଥିଲେ । ପରେ ପୁଲିସ ଉପସ୍ଥିତିରେ କିଛି ଚାଷୀଙ୍କୁ ସାର ଦିଆଯାଇଥିବା ବେଳେ ଅନେକ ଚାଷୀ ନିରାଶ ହୋଇ ଫେରିଥିବା କହିଛନ୍ତି । ବଲାଙ୍ଗିର ଜିଲାରୁ ପ୍ରତିନିଧିତ୍ୱ କରୁଥିବା କୃଷି ମନ୍ତ୍ରୀ ଅବ୍ୟବସ୍ଥା ନେଇ ସ୍ୱଷ୍ଟ ଉତ୍ତର ରଖନ୍ତୁ ବୋଲି ଏନେଇ ଧାରଣା ବସିଥିବା କଂଗ୍ରେସ ନେତା ଶ୍ରୀ ବାଗ କହିଛନ୍ତି । ତେବେ ଆଜି ଟିଟିଲାଗଡ଼ ଠାରେ ଗତକାଲି ଧାରଣା ଦେଇଥିବା ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଯୋଗାଇ ଦିଆଯାଇଥିବା ନେଇ ଚାଷୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

## କଳମପୁର ବ୍ଲକ୍‌ରେ ଖରିଫ୍ ଧାନ ବିକ୍ରି ନେଇ ୭୦୭୬ ଚାଷୀଙ୍କ ପଞ୍ଜିକରଣ

କଳମପୁର, (ସବ୍ୟୁ): ୨୦୨୫/୨୬ ଖରିଫ୍ ଋତୁ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ୨୫ ତାରିଖ ସୋମବାର ଦିନ ସମାପ୍ତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଥିବାବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କ୍ରୟକାରୀ ସଂସ୍ଥା ସବୁ ତାଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। କଳମପୁର ବ୍ଲକ ଅଧିନସ୍ଥ କଳମପୁର ପ୍ରାଥମିକ କୃଷି ସମବାୟ ସମିତିରେ ୧୭୯୨ ଚାଷୀ ଗତ ଖରିଫ୍ ଋତୁରେ ପଞ୍ଜିକରଣ କରିଥିଲେ । ତେବେ ୨୦୨୫/୨୬ ପାଇଁ ୧୮୦୯ ଜଣ ଚାଷୀ ତାଙ୍କର ଆବଶ୍ୟକୀୟ ପ୍ରମାଣ ପତ୍ର ଦେଇ ପଞ୍ଜୀକରଣ କରିଛନ୍ତି । ବଡ଼କୁଟୁରୁ ପ୍ରାଥମିକ ସମବାୟ ସମିତି ରେ ଗତ ଖରିଫ୍ ରେ ୧୫୬୨ ଜଣ ଚାଷୀ ପଞ୍ଜୀକୃତ ଥିଲେ । ଏହିବର୍ଷ ୧୫୧୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ସେହିଭଳି ମଣ୍ଡଳ ସମବାୟ ସମିତି ରେ ଗତ ଖରିଫ୍ ରେ ୧୯୭୩ ପଞ୍ଜୀକୃତ ଥିବାବେଳେ ଏହିବର୍ଷ ବୃଦ୍ଧି ହୋଇ ୨୦୧୫ ଜଣ ଚାଷୀ ତାଙ୍କର ଫସଲ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି । ଏଥିସହ ଇଚ୍ଛାପୁର ମା' ଲଙ୍କେଶ୍ୱରୀ ସ୍ୱୟଂସହାୟିକା ଗୋଷ୍ଠୀରେ ଗତବର୍ଷ ତୁଳନାରୁ କିଛି ଅଧିକ ଯୋଡ଼ି ହୋଇ ୪୩୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ବନ୍ଧକନା ମା' ଯୋଗମାୟା ଏସ୍‌ଏଚ୍‌ଜି ପାଖରେ ୫୯୫ଏବଂ ହାରାମାଲ ମା' ତାରିଣୀ ଗ୍ରୁପ ପାଖରେ ୭୧୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ତେବେ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ଦେବା ପରେ ଚାଷୀ ଚାଷ ଉପରେ ଧ୍ୟାନ ଦେବା ସହ ଆର୍ଥିକ ଅନାଟନ ଯରୁ କିଛି ମାତ୍ରାରେ ମଧ୍ୟ ମୁକ୍ତି ପାଇଥିବା ଦେଖାଯାଉଛି । ଗତ ବର୍ଷ ତୁଳନାରେ ଚାଷୀ ସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ଧାନ ସଂଗ୍ରହ ପ୍ରକ୍ରିୟାକୁ କେତେ ସଫଳ କରୁଛନ୍ତି ତା ଉପରେ ଚାଷୀଙ୍କ ନଜର ରହିଥିବା ଚାଷୀ ମହଲରୁ ଆଲୋଚନା ହେଉଛି ।

## ଅପମିଶ୍ରିତ ବିଦେଶୀ ମଦ ପ୍ରସ୍ତୁତିକାରୀ ଗିରଫ

ବରଗଡ, (ସବ୍ୟୁ) : ବରଗଡ଼ ଅବକାରୀ ବିଭାଗ ହାତରେ ଧରା ପଡିଲା ନକଲି ବିଦେଶୀ ମଦ ତିଆରି କରୁଥିବା ବେପାରୀ ଅପମିଶ୍ରିତ ମଦ ତିଆରି କରି ବିଭିନ୍ନ ସ୍ଥାନରେ କୁଟିଆ ବେପାରୀଙ୍କୁ ଦେଇ ହେଉଥିଲେ ଲାଭବାନ । ଅଭିଯୁକ୍ତ ଜଣକ ହେଲେ କେନ୍ଦୁପାଲି ଗାଁ ଠାକୁର ପାତ୍ର । ଆଜି ସକାଳୁ ପ୍ରାୟ ୭ ଟା ସମୟରେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁପାଲି ଗାଁର ଠାକୁର ପାତ୍ରଙ୍କ ଘରେ ଚଢ଼ାଉ କରି ୧୦୦ ଲିଟର ସ୍ପିରିଟ୍ ,୩ ଲିଟର ରଙ୍ଗ, ଠିପି ,୨୦ ବୋତଲ ଦାମି ଦାମି ଅପମିଶ୍ରିତ ମଦ ଓ ଗୋଟିଏ ମୋବାଇଲକୁ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ପୂର୍ବରୁ ଅଭିଯୁକ୍ତଙ୍କ ନାଁରେ ଅପମିଶ୍ରିତ ମଦ ତିଆରି ମାମଲା ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ହାତୀ ଆକ୍ରମଣରେ ଦମ୍ପତି ମୃତ

ବରଗଡ,(ସବ୍ୟୁ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ପାଇକମାଲ ଟେମେରି ପଞ୍ଚାୟତ ଧାନୁପାଲି ଘଟିଛି ଅଘଟଣ । ଧାନୁପାଲି ଗ୍ରାମରୁ ଏକ ଦୁଃଖଦ ଖବର ମିଳିଛି ଯାହାକି ଅତ୍ୟନ୍ତ ହୃଦୟ ବିଦାରକ । ନିଜର ଝାଳ ବୁହା ପରିଶ୍ରମରେ କରିଥିବା ପନିପରିବା ଫଳ ସବୁ କୁ ରାତିରେ ଜଗିବା ପାଇଁ ସ୍ୱାମୀ-ସ୍ତ୍ରୀ ଉଭୟେ ରହିଥିବା ବେଳେ ଏକ ବଣୁଆ ହାତୀ ଆକ୍ରମଣରେ ଉଭୟଙ୍କ ମୃତ୍ୟୁ ହୋଇଯାଇଛି । ମୃତକଙ୍କ ନାମ ବଳରାମ ରଣା ଏବଂ ଶଶି ରଣା । ବନ ବିଭାଗରେ ଏତେ ସବୁ କର୍ମଚାରୀ ନିଯୁକ୍ତି ସତ୍ତ୍ୱେ କାହିଁକି ଉକ୍ତ ଦମ୍ପତି ବଣୁଆ ହାତୀ ବୁଲୁଥିବା ଖବର ପାଇଲେ ନାହିଁ ତାହା ତଦନ୍ତ ସାପେକ୍ଷ । ଉକ୍ତ ପରିବାରକୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ ସହ ହାତୀ ଆକ୍ରମଣ ରୋକିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି ସ୍ଥାନୀୟ ଜନ ସାଧାରଣ।

## ମେଡିକାଲ କଲେଜ ଛାତରୁ ଡେଇଁ ଚାଲିଗଲା ରୋଗୀଙ୍କ ଜୀବନ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ତିନି ମହଲାରେ ଚିକିତ୍ସିତ ହେଉଥିଲେ ରୋଗୀ । ଆଜି ଦିନ ବେଳେ ଡିସଚାର୍ଜ ହୋଇଥାନ୍ତେ ସେଛ ହେଲେ ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଯୁବ ରୋଗ 1ଜଣକ । ହେଲେ କାହିଁକି ରୋଗୀ ଏହିଭଳି କାଣ୍ଡ କଲେ, ତାହା ଜଣାପଡ଼ିନାହିଁ।

ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ତିନି ମହଲାରେ ଚିକିତ୍ସିତ ହେଉଥିଲେ ରୋଗୀ । ଆଜି ଦିନ ବେଳେ ଡିସଚାର୍ଜ ହୋଇଥାନ୍ତେ ସେ । ହେଲେ ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଯୁବ ରୋଗୀ ଜଣକ । ରୋଗୀଙ୍କ ନାମ ଅନୀଲ ସୋରଙ୍ଗ । ଡାଏନିଡିହି ଗାଁରେ ତାଙ୍କର ଘର ବୋଲି ଜଣାଯାଇଛି । ତାଙ୍କୁ ଗତ ରବିବାର ଦିନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୋଗୀଙ୍କ ନାମ ଅନୀଲ ସୋରଙ୍ଗ। ଡାଏନିଡିହି ଗାଁରେ ତାଙ୍କର ଘର ବୋଲି ଜଣାଯାଇଛି । ତାଙ୍କୁ ଗତ ରବିବାର ଦିନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାଛ ମାନସିକ ଦୁର୍ବଳ ଥିଲେ ବୋଲି କୁହାଯାଉଛି।

## ବାଇକ୍ ଚୋରି ମାମଲାରେ ୪ ଦୋଷୀଙ୍କୁ ଜେଲ ଦଣ୍ଡାଦେଶ

ରାୟଗଡା, (ସବ୍ୟୁ) : ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଗୁମ୍ମା ଗାଁ ନିକଟରୁ ଏକ ମୋଟର ସାଇକେଲ ଚୋରି ଘଟଣାରେ ଅଭିଯୋଗକାରୀ ଲାସୁ ବିଡିକା ଚଳିତ ବର୍ଷ ମାର୍ଚ୍ଚ ୨୬ତ ।ରିଖରେ ରାୟଗଡ଼ା ଥାନାରେ ଏତଲା ଦେଇଥିଲେ । ଏହି ଏତଲାକୁ ଆଧାର କରି ରାୟଗଡ଼ା ଥାନା କେସ ନଂ ୧୦୨/୨୫ରେ ଦଫା ୩୦୩(୨)ରେ ମାମଲା ରୁଜୁ କରି ଥାନା ଅଧିକାରୀ ଏହାର ତଦନ୍ତ ଭାର ଏସଏଆଇ ଏସ.ଏନ.ବେହେରାଙ୍କୁ ପ୍ରଦାନ କରିଥିଲେ । ଏହି ମାମଲାରେ ମୋଟ ୧୦ଜଣ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଅଭିଯୁକ୍ତଙ୍କୁ ଏସଡିଜେଏମ ଜର୍ଜ ବର୍ଷା ଦାସ ଅଭିଯୁକ୍ତଙ୍କୁ ଦଫା୩୧୮(୨) ୩ବର୍ଷ ଜେଲ, ୩୧୮(୪)୩ବର୍ଷ ସହ ୧୦ହଜାର ଟଙ୍କା, ଦଫା ୩୩୬ (୨)ରେ ୧ବର୍ଷ, ଦଫା ୩୩୬(୩)ରେ ୩ବର୍ଷ ଜେଲ୍ ସହ ୧୦ହଜାର, ଦଫା ୩୪୦(୨)ରେ ୧ବର୍ଷ ସହ ୫ହଜାର,ଦଫା ୩୦୩(୨)ରେ ୩ବର୍ଷ ଜେଲ ସହ ୧୦ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଶୁଣାଣି କରିଛନ୍ତି । ଏହିମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ ।

## ଦିନରେ ନାରୀ, ରାତିରେ ଚୋରି

# ୩୧ ଚୋରି ବାଇକ୍ ସହ ୮ ଅଭିଯୁକ୍ତ ଗିରଫ



ପଦ୍ମପୁର, (ସବ୍ୟୁ ): ନାରୀ ବେଶରେ ଦିନରେ ଭିକ୍ଷା ବୃତି ଓ ରାତିରେ ବାଇକ ଚୋରି ଛ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଥାନା ଅଂଚଳରେ । ପଦ୍ମପୁର ଉପଖଣ୍ଡ ଝାରବନ୍ଧ ପୋଲିସ ବଡ ବାଇକ ଚୋରିର ପର୍ଦ୍ଦାଫାଶ କରିଛି । ୩୧ ଗୋଟି ଚୋରି ବାଇକ ସହ ଚୋରିରେ ସମ୍ପୃକ୍ତ ରହିଥିବା ଆଠ ଜଣଙ୍କୁ ଗିରଫ କରିଛି ପୋଲିସ । ଛତିଶଗଡ ରାଜ୍ୟର କିଛି ଯୁବକ ମହିଳା ବେଶ ଧାରଣ କରି ଦିନରେ ଲୋକଙ୍କ ଠାରୁ ଭିକ୍ଷାବୃତି କରୁଥିଲେ ଓ ରାତିରେ ମୋଟର ସାଇକେଲ ଚୋରି କରି ପାଇକମାଲ ଓ ଝାରବନ୍ଧ ଅଞ୍ଚଳରେ ବିକ୍ରି କରୁଥିଲେ । ସେହି ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି ଝାରବନ୍ଧ ପୋଲିସ । ଝାରବନ୍ଧ ଥାନା ଅନ୍ତର୍ଗତ କପାଟି ଗାଁ ପୁରନ ଚନ୍ଦ୍ର ପଟେଲ ତାଙ୍କ ମୋଟର ସାଇକେଲ ଚୋର ହୋଇଥିବା ଝାରବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ । ପାଇକମାଲ ଥାନା ଅନ୍ତର୍ଗତ କପାଟି ଗାଁର ପ୍ରଦୀପ ଭୋଇ ଓ ଛତିଶଗଡର ଲୁକେଶ୍ୱର ପଟେଲକୁ ଗିରଫ କରିଥିଲା । ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନେତୃତ୍ୱରେ ଗୋଟିଏ ଟିମ ଅଧିକ ତଦନ୍ତ କରିଥିଲେ । ଏହି ବାଇକ ଚୋରି ଅଭିଯୋଗରେ ସମୁଦାୟ ଆଠ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବରଗଡ ଏସପି ପ୍ରହଲ୍ଲାଦ ସହାୟ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ସ୍ୱାୟତ୍ତ ଦିବସ ପାଳନ ନେଇ ସ୍ୱଚ୍ଛତା ଉପରେ ପ୍ରତିଯୋଗିତା

ରାୟଗଡା, (ସବ୍ୟୁ) : ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ରାୟଗଡ ପୌରପରିଷଦ ଦ୍ୱାରା ସହର ମଧ୍ୟରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କନିଷ୍ଠ ଓ ବିରିଷ୍ଟ ଗ୍ରୁପ ଦ୍ୱାରା ପ୍ରବନ୍ଧ ପ୍ରତିଯୋଗିତା ବକ୍ତୃତା ପ୍ରତିଯୋଗିତା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଯଥାକ୍ରମେ କନଫରେନ୍ସ ହଲ, ଅଡିଟୋରିୟମ ଓ କୃଷ୍ଣଚନ୍ଦ୍ର ନଗର ଭବନ ଠାରେ ଅନୁଷ୍ଠିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧକ, ନିଷ୍ଠା ଓ ଦେଶପ୍ରତି ନିଜର ଦାୟିତ୍ୱକୁ ନଜରରେ ରଖି ଏହି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ କରାଯାଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ମନୋନୀତ କରାଯାଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗି ପ୍ରଶଂସା ପତ୍ର ଦିଆଯିବାର ମଧ୍ୟ ପ୍ରସ୍ତୁତି କରାଯାଇଅଛି । ଏହି ବର୍ଷ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ, ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ହେଇଥିବା ବିଜ୍ଞପ୍ତିକୁ ନଜରରେ ରଖି ରାୟଗଡା ପୌରପରିଷଦ ପକ୍ଷରୁ ଏହାକୁ ବହୁତ ଉଲ୍ଲାସର ସହ ଉତ୍ସବ ପାଳନ କରିବାକୁ ପରିଷଦ ବୃନ୍ଦ ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ପ୍ରତ୍ୟେକ ଗଳିକନ୍ଦି ଠାରୁ ମୁଖ୍ୟ ରାସ୍ତାର ଉଭୟ ଡ୍ରେନରେ ରହିଥିବା ଦିର୍ଘ ବର୍ଷର ମାଟି ବାହାର କରି ଡ୍ରେନକୁ ସିମେଣ୍ଟ ପ୍ଲେଟରେ ଆବରଣ କରାଯାଇଛି । ଏପରି କି ସହରକୁ ଆଲୋକ ତୋରଣରେ ଆଲୋକିତ ମଧ୍ୟ କରାଯାଇଛି । ଚଳିତ ବର୍ଷ ରାୟଗଡା ପୌର ପରିଷଦକୁ ଜଣେ ନିଷ୍ଠାପର ନିର୍ବାହୀ ଅଧିକାରୀ କୁଳଦିପ କୁମାର ଆସିବା ପର ଠାରୁ ପ୍ରତ୍ୟେକ କାର୍ଯ୍ୟ ନିଜେ ତଦାରଖ କରିବା ସହ ସକାଳୁ ସକାଳୁ ସଫେଇ କାର୍ଯ୍ୟ ତଦାରଖ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଛି।

## ରୋତ କଲେଜକୁ ଶିକ୍ଷା ଅଧିକାରୀଙ୍କ ମିଳିତ ପରିଦର୍ଶନ

ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁରର ଡକ୍ଟର ଉମାଶଙ୍କର ଦାଶ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରର କଲେଜ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡକ୍ଟର ବିଘ୍ନେଶ ପ୍ରସାଦ ମିଶ୍ର ମିଳିତ ପରିଦର୍ଶନରେ ଆସିଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ମହାବିଦ୍ୟାଳୟରେ ଠିକ୍ ଭାବରେ ଅନୁପାଳନ ହେଉଛି କି ନାହିଁ ତାହା ସମୀକ୍ଷା କରିଥିଲେ।। ବିଶେଷ କରି ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ଉପରେ ଯୌନ ନିର୍ଯାତନା ନହେବା ସମ୍ପର୍କରେ ସଚେତନତା ଆଦି କରିବାକୁ କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏକ ସାଧାରଣ ସଭାରେ ଉଭୟ ଅଧିକାରୀ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟକୁ ନାକ୍ ଅନୁବନ୍ଧିତ କରିବା ପାଇଁ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବାକୁ ସୁପରାମର୍ଶ ଦେଇଥିଲେ । ସଭାକୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରି ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ନେଇ ପ୍ରସ୍ତୁତି ବୈଠକ

ନୂଆପଡ଼ା,(ସବ୍ୟୁ): ଅତିରିକ୍ତ ଜିଲ୍ଲାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯକାରୀ ଅଧକ୍ଷ ସୁନୀଲ କୁମାର ଦାସଙ୍କ ଅଧକ୍ଷତାରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତର ସଫଳ ସମ୍ପାଦନା ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ବୈଠକରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନି ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ତହସିଲଦାର ଦିଲିପ କୁମାର ପାତ୍ର, ସରକାରୀ ଓକିଲ ତ୍ରିଲୋକ ଚନ୍ଦ ସୋନୀ, ଜିଲ୍ଲା ଓକିଲ ସଂଘ ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଓକିଲଗଣ, ଜାତୀୟ ସରକାରୀ ଏବଂ ବେସରକାରୀ ବ୍ୟାଙ୍କର ପ୍ରବନ୍ଧକଗଣ ଉପସ୍ଥିତ ହୋଇ ଆଗାମି ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତର ସଫଳ ସମ୍ପାଦନା ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯକାରୀ ଅଧକ୍ଷ ସୁନୀଲ କୁମାର ଦାସ ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଙ୍କୁ ଅଧିକରୁ ଅଧିକ ପ୍ରାକମକଦମା ସ୍ତରୀୟ ବ୍ୟାଙ୍କ ଋଣ ମାମଲାଗୁଡିକର ରାଷ୍ଟ୍ରୀୟ ଲୋକଅଦାଲତରେ ସମାଧାନ କରିବାକୁ ଆହ୍ୱାନ କରିଥିଲେ । ସେହିପରି ସଚିବ ସୁଶ୍ରୀ ଦାଶ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରୀୟ ଲୋକଅଦାଲତରେ ଆପୋଷ ବୁଝାମଣ ଓ ସରଳ ଉପାୟରେ ନିଜ ନିଜର ମାମଲାର ସମାଧାନ ପାଇଁ ଆହ୍ୱାନ କରିଥିଲେ । ସବିଶେଷ ବିବରଣୀ ନିମନ୍ତେ ନୂଆପଡା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ ।

## ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କୃତିତ୍ୱ



ସମ୍ବଲପୁର, (ସବ୍ୟୁ) : ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସମ୍ବଲପୁର ଧନୁପାଲି ସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଦଶମ ଶ୍ରେଣୀ ଛାତ୍ରୀ ଲକି ମାଝୀ କରାଟେ ପ୍ରତିଯୋଗିତାରେ ରାଜ୍ୟସ୍ତର ପାଇଁ ଉନ୍ନୀତ ହୋଇଛନ୍ତି। ସେହିପରି ନବମ ଶ୍ରେଣୀର ଅନ୍ୟ ଦୁଇ ଛାତ୍ରୀ ଫେନ୍ସିଂ ପ୍ରତିଯୋଗିତାରେ ମନିଷା କାଣ୍ଡୁଲାନା ପ୍ରଥମ, ମିତା ପ୍ରଧାନ ଦ୍ୱିତୀୟ ସ୍ଥାନରେ କୃତିତ୍ୱ ଲାଭ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଅନ୍ୟ ଜଣେ ନବମ ଶ୍ରେଣୀର ଛାତ୍ରୀ ଶିପାଲି ବିଭାର ଉଷୁ ପ୍ରତିଯୋଗିତାରେ ଉନ୍ନୀତ ହୋଇ ରାଜ୍ୟସ୍ତରରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର, ଖେଳ ଶିକ୍ଷୟିତ୍ରୀ ମିନାରାଣୀ ମଲିକ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣେଇବା ସହ ଆଗାମୀ ଦିନରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ମାଲକାନଗିରି ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା, ଜନଜୀବନ ପ୍ରଭାବିତ



ମାଲକାନଗିରି, (ସବ୍ୟୁ) : ସୋମବାର ଠାରୁ ଆଜି ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ବର୍ଷା ଯୋଗୁଁ ପୁନଶ୍ଚ ନଦୀ ନାଳ ଗୁଡିକରେ ଜଳସ୍ତର ବୃଦ୍ଧି ପାଇଛି । ଏହି ବର୍ଷା ଯଦି ଆଗକୁ ଜାରି ରହିବ, ତେବେ ସମସ୍ତ ତଳିଆ ଅଞ୍ଚଳଗୁଡିକ ଜଳ ମଗ୍ନ ହୋଇ ଧାନ ଫସଲକୁ ପ୍ରଭାବିତ କରିବ ।

ବର୍ତ୍ତମାନ ପାଣି ପାଗ ବିଭାଗ ଅନୁସାରେ ମାଲକାନଗିରି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଫଳରେ ବର୍ଷା ଅବିଶ୍ରାନ୍ତ ଗତିରେ ଲାଗି ରହିଛି । ଆଗାମୀ କାଲି ମଧ୍ୟ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ବର୍ତ୍ତମାନ ମାଲକାନଗିରି ଜିଲ୍ଲାରେ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ବ୍ଲକ୍‌ରୁ ବୃଷ୍ଟି ପରିମାଣ ରେକର୍ଡ କରାଯାଇଛି । ମାଲକାନଗିରି ବ୍ଲକରେ ୩୨.୮ ମିମି, ମାଥିଲି ବ୍ଲକ୍ ରେ ୯୬ ମିମି, ଖଇରପୁଟ ବ୍ଲକ୍‌ରେ ୮୨ ମିମି, ଚିତ୍ରକୋଣ୍ଡା ବ୍ଲକ ରେ ୬୦ ମିମି, କୋରୁକୋଣ୍ଡା ବ୍ଲକରେ ୨୬ ମିମି, କାଲିମେଳା ବ୍ଲକ ରେ ୨୮ ମିମି ଏବଂ ପଡିଆ ବ୍ଲକ ରେ ୧୮.୩ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ତ୍ତମାନ ମାଲକାନଗିରି ଜିଲ୍ଲା ପ୍ରଶାସନ ୨୪ ଘଣ୍ଟା ମଧ୍ୟରେ ୪୯.୦୧ ହାରାହାରି ବର୍ଷା ରେକର୍ଡ କରିଥିବା ଜଣାପଡ଼ିଛି । ମାଲକାନଗିରି ଜିଲ୍ଲାରେ ବର୍ଷା ଗତ କାଲି ଠାରୁ ଅବିଶ୍ରାନ୍ତ ଗତିରେ ଚାଲିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକ ବନ୍ଦ ରଖିବାକୁ କୌଣସି ନିର୍ଦ୍ଦେଶ ନାମା ଜାରି କରାଯାଇନାହିଁ । ପିଲାମାନେ ଶିକ୍ଷାନୁଷ୍ଠାନ ଗୁଡିକୁ ବର୍ଷାରେ ଭିଜି ଭିଜି ଯାଉଥିବା ଦେଖିବାକୁ ମିଳିଛି । ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମାରେ ସାପ୍ତାହିକ ହାଟ ଚାଲିଥିବା ସତ୍ତ୍ୱେ ପ୍ରବଳ ବର୍ଷା ଯୋଗୁଁ ଜନସମାଗମ ହ୍ରାସ ପାଇଛି । ଲୋକମାନେ ବର୍ଷା ଯୋଗୁଁ ଓଦା ସରସର ରେ ବାହାରକୁ ଯିବାକୁ କୁଣ୍ଠାବୋଧ କରିଥିବା ଯୋଗୁଁ ସହର ବଜାର ଜନଶୂନ୍ୟ ହୋଇପଡିଛି । ଅନ୍ୟ ପକ୍ଷରେ ସପ୍ତ ଧାରା, ପାଙ୍ଗାମ, କାଙ୍ଗରୁକୋଣ୍ଡା, ପଟେରୁ, କାଲିମେଳା କନ୍ୟାଶ୍ରମ,ସାବେରୀ, ସିଲେରୁ,ଏମଭି -୯୦ ଆଦି ନଦୀ ନାଳ ଗୁଡିକରେ ଜଳସ୍ତର ଦ୍ରୁତ ବୃଦ୍ଧି ପାଇବାରେ ଲାଗିଛି ।

**AFFIDAVIT**

I, Rajani Kanta Meher@ Rajanikanta Meher @ Rajni Kanta Meher, S/o. Surendra Meher, resident of Badbazar, Po/Ps-Khetrajpur, Dist. Sambalpur, Odisha, Pin-768003 declare by this affidavit No.- 20771, dated. 25/08/2025 that now onwards I shall be known as Rajani Kant Meher for all future purposes.

Rajani Kant Meher

**ନୂଆଖାଇ ଜୁହାର - ୨୦୨୫**

**ପ୍ରଗତି ପଥେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗିରର ସକ୍ରିୟ ଭାଗୀଦାରିତାରେ ଜିଲ୍ଲାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଟୀକାକରଣ, ଅଣ-ସଂକ୍ରାମକ ରୋଗ-ତଥା ହୃଦରୋଗ, ମଧୁମେହ, କ୍ୟାନ୍ସରର ପ୍ରତିଶୋଧ ଓ ନିରାକରଣ ଏବଂ ମେଲେରିଆ, ଯକ୍ଷ୍ମା, କୁଷ୍ଠ ଓ ରକ୍ତ ଶିକୁଳୀ ରୋଗର ପ୍ରତିଶୋଧ ଓ ନିରାକରଣ ପାଇଁ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସମସ୍ତ ଏ.ଏନ୍.ଏମ୍, ଆଶା ଓ ଅଙ୍ଗନବାଡି କର୍ମୀ ଓ ଅଭିଜ୍ଞ ସ୍ୱାସ୍ଥ୍ୟ କର୍ମୀଙ୍କ ମାଧ୍ୟମରେ ନିରନ୍ତର ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ଓ ସୁବିଧାମାନ ସଫଳତାର ସହିତ ଯୋଗାଇ ଦିଆଯାଉଅଛି ।

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ**
**ବଲାଙ୍ଗିର**

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୪)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ଯତ୍ତୁ କାମେପ୍ସୁନା କର୍ମ୍ମ ସାହଂକାରେଣ ବା ପୁନଃ ।**
**କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ॥ ୨୪ ॥**

( ରାଜସଂ କର୍ମ୍ମାହ)-ପୁନଃ (କିନ୍ତୁ) କାମେପ୍ସୁନା (ଫଳଂ ପ୍ରାପ୍ତୁମିଚ୍ଛତା) ବା ସାହଂକାରେଣ (ସସ୍ମଃ କୋଽନ୍ୟଃ ଶ୍ରୋତ୍ରିୟଃ ଅସ୍ତି ଇତ୍ୟେବଂ ବିରୁଢ଼ାହଂକାରଯୁକ୍ତେନ) ବହୁଳାୟାସଂ (ଅତିକ୍ଳେଶଯୁକ୍ତଂ) ଯତ୍ ତୁ କର୍ମ୍ମ କ୍ରିୟତେ (ସମ୍ପଦ୍ୟତେ), ତତ୍ (କର୍ମ୍ମ) ରାଜସଂ ଉଦାହୃତଂ ॥୨୪ ॥

# ମାନସିକତାରେ ପରିବର୍ତ୍ତନ ଲୋଡ଼ା

ଏବେ ପରିବର୍ତ୍ତନର ଧାରା ବଦଳିଛି-ସୁଅ ବି ବଦଳିଛି । କିନ୍ତୁ ଯେଉଁମାନେ ପରିବର୍ତ୍ତନରେ ବିଶ୍ୱାସୀ ବା ଯେଉଁମାନେ ପରିବର୍ତ୍ତନ ଚାହାନ୍ତି, ସେମାନେ କ'ଣ ଏବର ନୂଆ ଦୁନିଆଁର ଧାରା ସହିତ ତାଙ୍କ 'ମାନସିକତା'ରେ ପରିବର୍ତ୍ତନ ଘଟାଇ ପାରୁଛନ୍ତି ? ଗତ କାଲି ପର୍ଯ୍ୟନ୍ତ 'ବିବାହ' କହିଲେ ଯାହା ବୁଝା ଯାଉଥିଲା- 'ଏବେ ତ ସେୟା ବୁଝା ଯାଉନାହିଁ । ଗତ କାଲି ପର୍ଯ୍ୟନ୍ତ ରଜ ଦୋଳି, ଗୁଆ ଖୋଳପା, ପୋଡ଼ପିଠାର ସୁଆଦ ମନରେ ଯେଉଁ ଚମକ ଆଣୁଥିଲା, ତାହା ବଦଳି ଯାଇଛି ଆପଣା ଛାଏଁ ଆଧୁନିକତାର ଚାପରେ, ବୈଷୟିକ ବିଦ୍ୟାରେ, ଜ୍ଞାନର ହଟଚମଟରେ' । ( ଭବିଷ୍ୟ ଦୃଷ୍ଟି:ପରିବର୍ତ୍ତନ ଓ ଗଣତାନ୍ତ୍ରିକତା, ଆଚାର୍ଯ୍ୟ ଭାବାନନ୍ଦ ରଚନାବଳି, ସମ୍ବାଦ ବିତର୍କ, ସମ୍ପାଦନା- ଦେବ ପ୍ରସାଦ ଦାଶ, ମୟୂର ପବ୍ଲିକେଶନ, ଭୁବନେଶ୍ୱର) ।

ସେ ଦିନର ଡକ୍ଟର ଭାବଗ୍ରାହୀ ମିଶ୍ର ଓ ଏବର ଆଚାର୍ଯ୍ୟ ଭାବାନନ୍ଦ ଏକଦା ଯୁକ୍ତରାଷ୍ଟ୍ର ଆମେରିକାରେ ଆନ୍ଥ୍ରୋପଲଜି ( ମାନବ ବିଜ୍ଞାନ ବା ନୃତତ୍ତ୍ୱ ବିଜ୍ଞାନ)ରେ ପ୍ରଫେସର ଥିଲେ । ପରେ ସେ ଓଡ଼ିଶା ଫେରି ଆସିଲେ । ରାଜ୍ୟ ସରକାର ତାଙ୍କୁ କୌଣସି ପଦପଦବୀରେ ରଖିବେ ବୋଲି ପ୍ରତିଶୃତି ଦେଇ ତାହା ପାଳନ କଲେ ନାହିଁ । ମାତ୍ର ସାହିତ୍ୟ ସାଧନା ସହିତ ବିଭିନ୍ନ ଗବେଷଣା ସମେତ ବିଭିନ୍ନ ସମ୍ବାପତ୍ରରେ ଲେଖୁ ଲେଖୁ ସେ ବଡ଼ ଗୋଟାଏ କଲ୍ୟୁମନିଷ୍ଟ ହୋଇଗଲେ । ଓଡ଼ିଆରେ ଅନୁକରଣ କରି ତାହାକୁ ସ୍ତମ୍ଭକାର କୁହାଯାଉଥିଲେ ମଧ୍ୟ ଆଚାର୍ଯ୍ୟ ଭାବାନନ୍ଦ 'ସମ୍ବାଦପତ୍ର-ଲେଖକ' ଭାବେ ତାହାର ନୂତନ ସଂଜ୍ଞା ନିରୂପଣ କରିଛନ୍ତି । ବିଭିନ୍ନ ସମ୍ବାସଦପତ୍ରରେ ତାଙ୍କର ନୂତନ ଧର୍ମୀ ଏହି ଲେଖାଗୁଡ଼ିକ ବିଷୟରେ ବେଶ୍ ଚର୍ଚ୍ଚା ହେଉଥିଲା ଅଶୀ ଦଶକରେ । ଏବେ ସେ ଶଯ୍ୟାଶାୟୀ, ଏଇ ଭୁବନେଶ୍ୱର ଖାରବେଳ ନଗରରେ ।

ଏହି ପରିବର୍ତ୍ତନର ଧାରା ବିଷୟରେ ସେ ଯାହା ସୂଚନା ଦେଇଛନ୍ତି, ଆମ ସାମାଜିକ ଜୀବନରେ ତାହା ହିଁ ସତ୍ୟ ବୋଲି ମନେହୁଏ । ଆମର ସାମାଜିକ ପ୍ରଥା ଓ ପରମ୍ପରା ଏବେ ଆମକୁ ପ୍ରଭାବିତ କରି ପାରୁନାହିଁ । ସମାଜପତି ବା ଘରର ମୁରବୀ, ଅଭିଭାବକଙ୍କ କଥାର ଗୁରୁତ୍ୱ ଆଉ ଆଗ ପରି ନାହିଁ । ଆମ ମାନସିକତାରେ ପରିବର୍ତ୍ତନ ହୋଇଥିବା ଏବେ ପରିଲକ୍ଷିତ ହୋଇଛି । ବିଶିଷ୍ଟ ସାହିତ୍ୟିକ ଓ ଦାର୍ଶନିକ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କର 'ପତ୍ର ଓ ପ୍ରତିମା' ନାମକ ଏକ ଅଦ୍ୱିତୀୟ ପୁସ୍ତକ ରହିଛି । ସମ୍ଭବତଃ ଏହି ପୁସ୍ତକଟି ଏବେ 'ଉତ୍କଳ ବିଶ୍ୱବିଦ୍ୟାଳୟ'ର ପାଠ୍ୟକ୍ରମରେ ସ୍ଥାନ ପାଇଛି । ଏହି ପୁସ୍ତକରେ 'ବିବାହ' ବିଷୟରେ ସ୍ୱର୍ଗୀୟ ମହାପାତ୍ର ଠାଏ ଲେଖିଛନ୍ତି- 'ବିବାହ'- ସୁନ୍ଦର ଶବ୍ଦଟିଏ । କିନ୍ତୁ ଅନେକେ ଏହାର ଗୁରୁତ୍ୱ ଓ ଦାୟିତ୍ୱ ନ ବୁଝି ଏ ବ୍ୟୁହଦ୍ୱାରରେ ପ୍ରବେଶ କରି ପରେ ବିପଦଗ୍ରସ୍ତ ହୁଅନ୍ତି । ବାସ୍ତବିକ ଏହା ଗୋଟିଏ ଚକ୍ରବ୍ୟୁହ । ଯୁବକ ଉଭୟ ଆଗାମନିର୍ଗମ ପଥ ନ ଜାଣି ପ୍ରବେଶ କଲେ ଅଭିମନ୍ୟୁ ପରି ହେବାର ସମ୍ଭାବନା ଅଧିକ । ତା' ଅପେକ୍ଷା ବରଂ ବିଭା ନ କରିବା ଭଲ । କିନ୍ତୁ ଯେଉଁମାନେ କହନ୍ତି- 'ଏ ଦିଲ୍ଲୀକୁ ଲଡ୍ଡୁ- ଯୋ ଖାୟା, ସୋ ପସ୍ତାୟା, ଯୋ ନହିଁ ଖାୟା ୱୋ ଭି...' ମୁଁ ସେମାନଙ୍କ ସହିତ ଏକମତ ନୁହେଁ । ଯଦି ଏହା ସତ୍ୟ ହୋଇଥାଏ, ବରଂ ଖାଇ ପସ୍ତାଇବା ଭଲ । କାରଣ ନ ଖାଇଲେ ବି ତ ପସ୍ତାଇବାକୁ ପଡ଼ିବ । ଯଦି ପସ୍ତାଇବା ଅପରିହାର୍ଯ୍ୟ, ତେବେ ବିବାହର ଅଭିଜ୍ଞତାରୁ ବଞ୍ଚିତ ହେବ କାହିଁକି ମନୁଷ୍ୟ ?'

ଆମର ଚିନ୍ତାନାୟକମାନେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେମାନଙ୍କର ମତାମତ ଦେଇଛନ୍ତି । କେବଳ ବିବାହ ସମ୍ପର୍କରେ ଆମର ମାନସିକତା ଓ ସେଇ ନେଇ ପରିବର୍ତ୍ତନ ଓ ସଂସ୍କାର ବିଷୟରେ ଏଠାରେ କିଛି ଉଲ୍ଲେଖ କରିବାକୁ ଚାହୁଁଛି । କାରଣ ସର୍ବୋଚ୍ଚ ଅଦାଲତ ଆମର, ବିବାହ ନ କରି ମଧ୍ୟ ଏକତ୍ର ସହବାସ ପାଇଁ ଯେଉଁ ରାୟର ପଥ ପ୍ରଦର୍ଶନ କରିଛନ୍ତି, ତାହା ଅନେକ କ୍ଷେତ୍ରରେ ସଫଳ ହୋଇ ନଥିବା ପରି ମନେ ହେଉଛି । ବିବାହ ପରି ଏକ ପବିତ୍ର ବନ୍ଧନକୁ ଏଡାଇ ଦେଇ କାମନା ବାସନା ପରିପୂର୍ଣ୍ଣ ଏକତ୍ର ସହବାସ ପାଇଁ ଅନୁମତି (Living Together) ଅନେକ ଯୁବକ ଓ ଯୁବତୀଙ୍କୁ ବିପଥଗାମୀ କରୁଛି । ଏହାର ଭୂରି ଭୂରି ଦୃଷ୍ଟାନ୍ତ ଆମ ସମାଜରେ ଦେଖିବାକୁ ମିଳୁଛି । ଏବେ ପରସ୍ପରକୁ ଘୃଣା କରିବା ସହିତ ପୁରୁଷମାନେ ମହିଳାଙ୍କୁ ହତ୍ୟା କରୁଥିବା ଘଟଣା ବିରଳ ନୁହେଁ ଆମ ସମାଜରେ ।

ଆଗପରି ପ୍ରସ୍ତାବ ଅନୁଯାୟୀ ନିର୍ବନ୍ଧ ପରେ ଯୁବକ ଓ ଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହେଉଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ନିଜ ଗୋତ୍ରରେ ମଧ୍ୟ ବିବାହ ସମ୍ଭବ ହୋଇଛି । ପ୍ରେମ ବିବାହ ବା ଅନ୍ୟ ଜାତିରେ ବିବାହ ମଧ୍ୟ ଦୋଷାବହ ବୋଲି ଏବେ ଧରାଯାଉ ନାହିଁ । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ପୂର୍ବେ ଥିଲା, ସେ ବ୍ୟବଧାନ ସଙ୍କୁଚିତ ହୋଇଗଲାଣି । ଝିଅମାନେ ଏବେ ଆତ୍ମନିର୍ଭରଶୀଳ ହେବାରୁ ବିବାହ କ୍ଷେତ୍ରରେ ସେମାନଙ୍କ ଇଚ୍ଛାକୁ ହିଁ ପ୍ରାଥମିକତା ବୋଲି ଗ୍ରହଣ କରାଗଲାଣି । ଅଥଚ ମାନସିକତାରେ ପରିବର୍ତ୍ତନ ବିଶେଷ ଭାବେ ହୋଇ ନଥିବାରୁ, ଏବେ ଆତ୍ମହତ୍ୟା, ହତ୍ୟା ଓ ମାନସିକ ରୋଗ ଯୁବକଯୁବତୀଙ୍କୁ ଗ୍ରାସ କରୁଛି । ଏହା ଶୁଭ ଲକ୍ଷଣ ନୁହେଁ । ତେଣୁ, ଆମ ମାନସିକତାର ପରିବର୍ତ୍ତନ ଲୋଡ଼ା । ଏହା ଆମ ସମାଜ ପାଇଁ ଏବେ ସବୁଠାରୁ ବେଶି ଆବଶ୍ୟକତା ବୋଲି ମନେ ହୋଇଥାଏ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭିନ୍ନ ଦୃଷ୍ଟିରେ ଗଣେଶ



ଦିଲ୍ଲୀପ ଶତପଥୀ



ପ୍ରଭୁ ଗଜାନନ,ବିଘ୍ନେଶ୍ୱର ପୁଣି ଜ୍ଞାନଦାତା ତାଙ୍କ ବିଷୟରେ କିଛି ଲେଖିବା ତାଙ୍କ କୃପା ବିନା ଅସମ୍ଭବ ମନେହୁଏ । ବ୍ୟାସଦେବଙ୍କ ମୁଖ ନିଃସୃତ ମହାଭାରତର ରଚୟିତା ତାହା ପୁଣି ନିଜ ଭଗ୍ନ ଦନ୍ତରେ ସେହି ପାର୍ବତୀ ନନ୍ଦନଙ୍କ ବିଷୟରେ ବର୍ଣ୍ଣିତ ଅନେକ କଥା ଶିବ ପୁରାଣ, ଗଣେଶ ପୁରାଣ, ମୁଦଗଲ ପୁରାଣରୁ ଜଣାପଡ଼େ । ମାତା ପାର୍ବତୀଙ୍କ ଦେହ ମଳୁଖ ପିତୁଳାରୁ ଜନ୍ମ ନେଇଥିବା ଗଣେଶ, ପରବର୍ତ୍ତୀ ସମୟରେ ନିଜ ପିତା ଶିବଙ୍କ ତ୍ରିଶୂଳରେ ଶିର ହରାଇ, ହସ୍ତୀ ମୁଣ୍ଡ ଧାରଣ କରି ଗଜାନନ ନାମ ପାଇଥିଲେ । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ । ଅର୍ଥାତ୍ ସଂସାର ଭିତରେ ମୋକ୍ଷପ୍ରାପ୍ତି ସମ୍ଭବ କରାଇପାରନ୍ତି ଗଜାନନ । ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ବିଘ୍ନହନ୍ତା ରୂପରେ ମଧ୍ୟ ତାଙ୍କୁ ପୂଜା କରାଯାଏ । ସେ ହେଉଛନ୍ତି ଆଦ୍ୟପୂଜିତ ଓ ବିଘ୍ନେଶ,ବୁଦ୍ଧି, ବିଦ୍ୟା ବା ଜ୍ଞାନର ଦେବତା, ବିଦ୍ୟାଦାତା । ପ୍ରତ୍ୟେକ ଶୁଭ କର୍ମ / ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି ଓ ବିଦ୍ୟାରମ୍ଭରେ ମଧ୍ୟ ତାଙ୍କରି ଆବାହନ କରାଯାଇଥାଏ । ଗଣେଶଙ୍କ ଅନ୍ୟ କେତେକ ନାମ ହେଲା : ସୁମୁଖ, ବିଘ୍ନହର୍ତ୍ତା, ବିଘ୍ନହର, ଧୂମ୍ରକେତୁ, ଗଣାଧ୍ୟକ୍ଷ, ବ୍ରହ୍ମଣସ୍ପତୀ, ବିଘ୍ନେଶ୍ୱର ଓ ଶୂର୍ପକର୍ଣ୍ଣ ଇତ୍ୟାଦି ।

ଶାସ୍ତ୍ର ମତେ ଗଣେଶଙ୍କ ଦ୍ୱାଦଶନାମ: ଏକଦନ୍ତ, କୃଷ୍ଣପିଙ୍ଗାକ୍ଷ, ଗଣପତି, ଗଜବକ୍ର, ଗଜାନନ, ବକ୍ରତୁଣ୍ଡ, ବିକଟ, ବିଘ୍ନରାଜେନ୍ଦ୍ର, ବିନାୟକ, ଧୂମ୍ରବର୍ଣ୍ଣ, ଭାଲଚନ୍ଦ୍ର, ଲମ୍ବୋଦର ।

ଗଣେଶଙ୍କୁ ଆଦିଦେବ ମଧ୍ୟ କୁହାଯାଏ । ଚାରି ଯୁଗରେ ଗଣପତିଙ୍କର ଚାରି ଅବତାର ବିଷୟରେ ମଧ୍ୟ ବର୍ଣ୍ଣନା ଅଛି ।

ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ ।

ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଉମାଙ୍କ ଘରେ ଜନ୍ମି,ଗଣେଶ ରୂପରେ ଜନ୍ମିସିନ୍ଧୁ ନାମକ ରାକ୍ଷସକୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ । (ଦକ୍ଷିଣ ଭାରତୀୟ ପରମ୍ପରାରେ ଗଣେଶଙ୍କୁ ବ୍ରହ୍ମଚାରୀ ରୂପରେ ଚିତ୍ରିତ କରାଯାଇଛି) ।

ଦ୍ୱାପର ଯୁଗରେ ଗଣେଶ ରୂପରେ ପାର୍ବତୀଙ୍କ ପୁତ୍ର ଭାବରେ ପୁରାଣରେ ବର୍ଣ୍ଣିତ ।

କଳି ଯୁଗରେ ଭବିଷ୍ୟ ପୁରାଣ ଅନୁସାରେ ଧୂମ୍ରକେତୁ ରୂପରେ ଅବତାର କଥାବର୍ଣ୍ଣିତ ଅଛି ।

ଗଣେଶଙ୍କ ବାହାନ ହେଉଛି ମୂଷିକ ଏବଂ ଧାରଣ କରିଥିବା ଅସ୍ତ୍ର ହେଉଛି ପରଶୁ, ପାଶ, ଅଂକୁଶ । ଗଣେଶ ଆରାଧନା ମନ୍ତ୍ର ହେଉଛି, 'ଗଂ ଗଣପତୟେ ନମଃ, ଗଣେଶାୟ ନମଃ '।

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣ୍ଣିତ ରହିଛି । ବିନାୟକ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ 'ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ' । ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ । ସେଥିପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ ।

ତାହେଲେ ଲେଖାର ଶୀର୍ଷକ ଭଣ୍ଡ ଗଣପତି ବା ଭଣ୍ଡ ଗଣେଶ କିଏ? ତାଙ୍କ ପୂଜା କେଉଁଠି ହୁଏ? ମହାପ୍ରଭୁ ଜଗନ୍ନାଥଙ୍କ ମାଦଳା ପାଞ୍ଜି, ଗବେଷକ, ଐତିହାସିକମାନଙ୍କ ଲେଖା ଏବଂ କିମ୍ବଦନ୍ତୀରୁ ଜଣାଯାଏ ଓଡ଼ିଶା ଇତିହାସର ସବୁଠାରୁ ପ୍ରଭାବଶାଳୀ ରାଜା ଥିଲେ ଗଙ୍ଗ ବଂଶୀୟ ରାଜା ଗଜପତି ପୁରୁଷୋତ୍ତମ ଦେବ । ତାଙ୍କ ସମୟରେ ଓଡ଼ିଶାର ଭୂଖଣ୍ଡ କୃଷ୍ଣା ନଦୀ ପର୍ଯ୍ୟନ୍ତ ପରିବ୍ୟପ୍ତ ଥିଲା । ଦକ୍ଷିଣ ଭାରତର କିଛି ଅଂଶ ଗଜପତିଙ୍କ ଅଧୀନରେ ନ ଥିଲେ ମଧ୍ୟ ସେହି ରାଜବଂଶଗୁଡିକ ସହ ପୁରୁଷୋତ୍ତମଙ୍କ ଭଲ ସମ୍ପର୍କ ଥିଲା । ଉତ୍କଳର ଅଧିପତିମାନଙ୍କ ଭଳି ଗଜପତି ପୁରୁଷୋତ୍ତମଙ୍କ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିଲା ଅଟଳ ଭକ୍ତି । ଆଧୁନିକ ତାମିଲନାଡୁ ପ୍ରଦେଶ ଅନ୍ତର୍ଗତ କାଞ୍ଚି ରାଜା ସାଲ୍ୱ ନରସିଂହଙ୍କ କନ୍ୟା ପଦ୍ମାବତୀଙ୍କ ସହିତ ପୁରୁଷୋତ୍ତମ ଦେବଙ୍କର ପ୍ରେମ ସମ୍ପର୍କ ଗଢିଉଠି ଥିଲା । କାଞ୍ଚି ରାଜାଙ୍କର ସମ୍ମତି ମଧ୍ୟ ଥିଲା, ହେଲେ ଗଜପତିଙ୍କ ନିମନ୍ତ୍ରଣ କ୍ରମେ କାଞ୍ଚି ରାଜ୍ୟର ମହାମନ୍ତ୍ରୀ ମହାପ୍ରଭୁଙ୍କ ରଥଯାତ୍ରା ଦେଖୁଥିବା ସମୟରେ ଆମର ପାରମ୍ପରିକ ଛେରା ପହଁରା ପଦ୍ଧତିକୁ ପୁରୁଷୋତ୍ତମ ଅନୁସରଣ କରି ସେବା କରୁଥିବାର ଦେଖି ଏହାକୁ ସାଧାରଣ ଝାଡୁଦାରର କର୍ମ ଭାବି କାଞ୍ଚିର ରାଜା ସାଲ୍ୱ ନରସିଂହ ଗଜପତିଙ୍କୁ ବ୍ୟାଖ୍ୟା କରିଥିଲେ । କାଞ୍ଚି ମହାରାଜ ତୁରନ୍ତ ପଦ୍ମାବତୀଙ୍କ ବିବାହ ପ୍ରସ୍ତାବ ଖଣ୍ଡନ କରି ସ୍ୱୟଂବର ପଦ୍ଧତିରେ କରିବାକୁ ସ୍ଥିର କରିଥିଲେ । ପୁରୀ ରାଜା ଗଜପତିଙ୍କ ନିକଟକୁ ନିମନ୍ତ୍ରଣ ବି ଦେବା ଉଚିତ ମନେକରି ନଥିଲେ । ପରବର୍ତ୍ତୀ ସମୟରେ ଏହି କାରଣ ନେଇ ଉତ୍କଳ ଓ କାଞ୍ଚି ମଧ୍ୟରେ ବିବାଦ ହୋଇଥିଲା । କାଞ୍ଚି ରାଜାଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ପୁରୁଷୋତ୍ତମ ଦେବ ମନସ୍ଥ କରିଥିଲେ, ଯାହା ସମୟ କ୍ରମେ ଯୁଦ୍ଧରେ ରୁପାନ୍ତରିତ ହୋଇଥିଲା । ଯୁଦ୍ଧରେ ଗଜପତି ପରାଜୟ ବି ବରଣ କରିଥିଲେ । ହେଲେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ରଙ୍କ ସହାୟତାରେ ଉତ୍କଳର ଦୁର୍ଦ୍ଧର୍ଷ ପାଇକ ସେନା କାଞ୍ଚି ରାଜାଙ୍କୁ ପରାସ୍ତ କରିବା ପରେ ରାଜଜେମା ରୁପାମ୍ବିକା ପଦ୍ମାବତୀଙ୍କୁ ଉତ୍କଳ ନେଇ ଆସିଥିଲେ । ତାଙ୍କ ସହ କାଞ୍ଚିଗଡ଼ରେ ପୂଜିତ ମା' ତାରିଣୀ (ଯେ ଏବେ କେନ୍ଦୁଝରଜିଲ୍ଲା ଘଟଗାଁରେ ଉପାସିତ), ସାକ୍ଷୀ ଗୋପୀନାଥ) (ପ୍ରଥମେ ଖୋର୍ଦ୍ଧା ରଥୀପୁରଗଡ଼ ଶ୍ରୀନହର, ପରେ ଗଡ଼ କନ୍ତଳବାଇ ଓ ଏବେ ସାକ୍ଷୀଗୋପାଳରେ ଅବସ୍ଥାପିତ) ଏବଂ କାଞ୍ଚି ଗଣେଶଙ୍କୁ ସାଥିରେ ଆଣିଥିଲେ । ଲୋକକଥା ଅନୁଯାୟୀ ଯେହେତୁ ଏ ହେଉଛନ୍ତି ଶୃଙ୍ଗାର ଗଣେଶ, ଏଣୁ ଏହାଙ୍କର ଏହି ମୁଦ୍ରା ପାଇଁ କାଞ୍ଚି ରାଜା କେବେ ପରାସ୍ତ ହେଉ ନ ଥିଲେ । ଯେତେ ସୈନ୍ୟ ପ୍ରାଣ ହରାଉଥିଲେ ସେତେ ସୈନ୍ୟ ପୁଣି ଜନ୍ମ ହେଉଥିଲେ। ଯେଉଁଥିପାଇଁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶରେ ଏହି ଗଣେଶଙ୍କୁ ହରଣ ପୂର୍ବକ ଉତ୍କଳ ଅଣାଯିବା ପରେ କାଞ୍ଚି ରାଜାଙ୍କ ସୈନ୍ୟବଳ ହ୍ରାସ ପାଇଥିଲା ଓ ଉତ୍କଳର ପାଇକ ସେନା ବିଜୟୀ ହୋଇଥିଲା ।

ଶ୍ରୀଜଗନ୍ନାଥ ମନ୍ଦିରରେ ଗଣପତି ଉପାସନା ପ୍ରାଚୀନ କାଳରୁ ରହିଛି । କୁହାଯାଏ, ମନ୍ଦିର ନିର୍ମାଣ ସମୟରୁ ହିଁ ଇନ୍ଦ୍ରଦ୍ୟୁମ୍ନ ଦେବ ନାନା ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ପ୍ରଥମେ ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ପ୍ରଥମେ ଚାର ଗଣେଶ ସ୍ଥାପନ କରି ଆବାହନ କରିଥିଲେ, ପରେ ପରେ ବକ୍ରତୁଣ୍ଡ ପ୍ରତିମା (ଦକ୍ଷିଣା ବର୍ତ୍ତୀ ଶୁଣ୍ଢ) ସ୍ଥାପିତ ହୋଇଥିଲେ । ବଟ ବୃକ୍ଷ ମୂଳରେ ଶ୍ରୀ ଗଣେଶଙ୍କୁ ଆଦ୍ୟ ଦେବ ହିସାବରେ ସ୍ଥାପନା କରାଯାଇଛି, ଯାହାଙ୍କୁ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ଅଥବା ଜଗନ୍ନାଥ ଦର୍ଶନ ସମୟରେ ପ୍ରଥମ ଦର୍ଶନ କରିବାର ବିଧି ଅଦ୍ୟାବଧି ରହିଛି । ସେ ହେଉଛନ୍ତି ଶ୍ରୀମନ୍ଦିରରେ ପୂଜା ପାଉଥିବା ସର୍ବପ୍ରାଚୀନ ଗଣେଶ । କଳା ମୁଗୁନି ପଥରରେ ନିର୍ମିତ ଏହି ଗଣେଶ ମୂର୍ତ୍ତି ହେଉଛନ୍ତି ଶ୍ରୀମନ୍ଦିରରେ ପୂଜା ପାଉଥିବା ଅନ୍ୟ ପ୍ରସ୍ତର ବିଗ୍ରହମାନଙ୍କ ମଧ୍ୟରୁ ସର୍ବବୃହତ୍ । ଦକ୍ଷିଣ ଭାରତୀୟ ଶୈଳୀରେ ଏହି ମୂର୍ତ୍ତି ନିର୍ମାଣ ହୋଇଛନ୍ତି । ବଟ ଗଣେଶଙ୍କୁ ଆରାଧନା କରି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ । ଯାହା ଆଜି ପ୍ରତି ଓଡ଼ିଆ ଘରେ ପୂଜା ପାଉଛି । ମା' ବିମଳାଙ୍କ ପାର୍ଶ୍ୱରେ ନଟ ଗଣେଶ ( ନୃତ୍ୟ ମୁଦ୍ରାରେ) ପୂଜା ପାଆନ୍ତି । ଏମିତି ଦେଖିବାକୁ ଗଲେ ଶ୍ରୀମନ୍ଦିର ଭିତର ବେଢାରେ ୨୩ଟି ଗଣେଶ ଓ ବାହାର ବେଢାରେ ୨୨ ଟି ଗଣେଶ ସମୁଦାୟ ୪୫ ଟି ଗଣେଶ ମୂର୍ତ୍ତି ପୂଜା ପାଆନ୍ତି ଯାହା ଅନ୍ୟ ଏକ ଆଶ୍ଚର୍ଯ୍ୟ ପୃଥିବୀରେ କେଉଁଠି ମଧ୍ୟ ଦେଖା ଯାଏନି ।

ସାଧାରଣ ଭାବେ ଯେଉଁଭଳି ଗଣେଶଙ୍କ ମୂର୍ତ୍ତି କଳ୍ପନା କରାଯାଏ, କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ ମୂର୍ତ୍ତି ସେପରି ନୁହନ୍ତି । ଏ ଗଣେଶଙ୍କର ୪ଟି ହାତ । ଗୋଟିଏ ପାଦ ଭୂମିକୁ ସ୍ପର୍ଶ କରୁଥିବା ବେଳେ ଆଉ ଗୋଟିଏ ଗୋଡ଼ ମୋଡ଼ି ବସିବା ମୁଦ୍ରାରେ ରହିଛି । ଏହି ଗଣେଶଙ୍କ ବାମ ଜଙ୍ଘରେ ସିଦ୍ଧିଦେବୀ ବସିଛନ୍ତି । (ଗବେଷକଙ୍କ ମତରେ ସିଦ୍ଧିଦେବୀ ଗଣେଶଙ୍କ ପତ୍ନୀ ଅନ୍ୟ କିଛି ଗବେଷକ ଭିନ୍ନ ମତ ଦିଅନ୍ତି,ସେମାନଙ୍କ ମତରେ ଗଣେଶଙ୍କ କୋଳରେ ରହିଥିବା ଦେବୀ ଯେ, ସିଦ୍ଧିଦେବୀ ସେ ନେଇ କୌଣସି ପ୍ରମାଣ ନାହିଁ)

ହାତରେ ଭଗ୍ନଦନ୍ତ, ଜପାମାଳ ଓ ପରସୁ ଧାରଣ କରିଥିବା ଏହି ବିଗ୍ରହ ହେଉଛନ୍ତି ଶୃଙ୍ଗାର ବିଗ୍ରହ । ଏହାଙ୍କୁ କାମଦ ଗଣେଶ ଏବଂ ତନ୍ତ୍ର ଓ ଶକ୍ତି ଗଣେଶ ମଧ୍ୟ କୁହାଯାଏ । ଆଉ ଏକ ଜନଶ୍ରୁତି ଅନୁସାରେ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ଉଚ୍ଛିଷ୍ଟ କରି ପକାଉଥିବାରୁ ଏହାଙ୍କର ଅନ୍ୟ ନାମ ଉଚ୍ଛିଷ୍ଟ ଗଣପତି ।

କାଞ୍ଚି ବିଜୟରୁ ପ୍ରାପ୍ତ ତିନି ଦେବ ବିଗ୍ରହଙ୍କ ମଧ୍ୟରୁ ସବୁଠାରୁ ରସସ୍ୟମୟ ଥିଲେ କାଞ୍ଚି ଗଣପତି । ଲୋକକଥା କୁହେ କାଞ୍ଚି ରାଜାଙ୍କୁ ଭଣ୍ଡାଇ ଦେଇ ଉତ୍କଳ ଚାଲି ଆସିଥିବାରୁ ଏହାଙ୍କ ଅନ୍ୟନାମ ହେଉଛି ଭଣ୍ଡ ଗଣପତି । କଥାରେ ଅଛି ଯାହା ପୁଅ ବାବାଜୀ ହୋଇ ଘର ଛାଡି ଚାଲିଯାଏ, ତା' ପରିବାର କାଞ୍ଚି ଗଣେଶଙ୍କ ଶରଣାପନ୍ନ ହେଲେ ସନ୍ୟାସୀ ପୁଅ ଘର ମୁହାଁ ହୋଇଥାଏ ବା ଘରକୁ ଫେରି ଆସିଥାଏ । ଭାରତର ଏହି ବିରଳ ଗଣେଶ ପ୍ରତିମାଙ୍କ ଯାହା ଶ୍ରୀମନ୍ଦିର ଭିତର ବେଢ଼ାରେ ସ୍ଥାପିତ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଛପଟେ ଥିବା ଏକ ମାରଦା(ବାଡ଼ିଆ ଆଟୁ) ଶୈଳୀର ମନ୍ଦିରରେ ଏହାଙ୍କୁ ସ୍ଥାପନ କରାଯାଇଛି । ଶ୍ରଦ୍ଧାଳୁମାନେ ଏହାଙ୍କୁ ଭଣ୍ଡ ଗଣେଶ ବା କାଞ୍ଚି ଗଣେଶ ଭାବେ ପୂଜା କରିଥା'ନ୍ତି ।

**ମାତୃ ପିତୃ କୃପା ୫୦୮, ନୂଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨**
**ମୋ- ୯୪୩୭୧୭୫୭୬୪**

# ପରିବେଶ ସୁରକ୍ଷା ଓ ବିକାଶର ସମନ୍ୱୟ-୨



ତେଜେଶ୍ୱର ପଟ୍ଟନାୟକ

ପରିବେଶର ସୁରକ୍ଷା ପାଇଁ ଆମ ଦେଶରେ କି ପ୍ରକାର ପଦକ୍ଷେପ ନିଆଯାଇଛି, ତାହା ଅତି ପ୍ରାସଙ୍ଗିକ ମନେ ହୁଏ । ଆମ ଦେଶରେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଆଇନ ପ୍ରଣୟନ ଜନ ଅନ୍ଦୋଳନ ଷାଠିଏ ଓ ସତୁରୀ ଦଶକରୁ ଆରମ୍ଭ ହେଇଛି । ଅନେକ ଆଇନ ଦେଶରେ ପରିବେଶ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ ଏବଂ ଏହାର ବିଶେଷ ସଫଳତା ମିଳି ପାରୁନାହିଁ । ୧୯୭୪ ମସିହାରେ ଜଳ ଆଇନ (Water Act of 1974)ଜଳ ପ୍ରଦୂଷଣ ରୋକିବା ପାଇଁ ମଞ୍ଜୁରୀ ପାଇଥିଲା । ଏହି ଆଇନ ଯୋଗୁଁ ପ୍ରତି ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (Pollution Control Board) ପ୍ରତିଷ୍ଠା ହେଇଛି । କିନ୍ତୁ ଏସବୁ ଅଧିକ ଫଳପ୍ରସୁ ହୋଇପାରି ନାହିଁ । ପରିବେଶ କର୍ମୀମାନେ ଅଭିଯୋଗ କରିଥାନ୍ତି, ବଡ଼ ବଡ଼ ଶିଳ୍ପପତି, ଶାସନ ଗାଦିରେ ବସିଥିବା ରାଜନୈତିକ ଦଳର ମୁଷ୍ଟିମେୟ ନେତା ଓ ଅମଲାତନ୍ତ୍ରର କିଛି ଅଫିସରଙ୍କ ସଲାସୁତୁରାରେ ଅନେକ ପ୍ରକଳ୍ପକୁ ଅନୁମୋଦନ ମିଳିଯାଇ ଥାଏ । ଉଲ୍ଲେଖଯୋଗ୍ୟ ଯେ ,ଦୀର୍ଘ ପାଞ୍ଚ ଦଶନ୍ଧି ପୂର୍ବେ ୧୯୭୩ ମସିହାରେ ଚିପ୍କୋ ଆନ୍ଦୋଳନ (Chipko Movement) ଅଧୁନା ଉତ୍ତରାଖଣ୍ଡ ରାଜ୍ୟରେ ଆରମ୍ଭ ହୋଇଥିଲା । ବନ୍ୟ ସମ୍ପଦର ବିନାଶ ଏବଂ ଗଛ କାଟିବାକୁ ସେଠାକାର ଗ୍ରାମବାସୀମାନେ ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଙ୍କ ନେତୃତ୍ୱରେ ଘୋର ବିରୋଧ କରିଥିଲେ ।

ଏହି ଅନ୍ଦୋଳନରେ ଭାଗ ନେଇ ଗ୍ରାମବାସୀମାନେ ଗଛଗୁଡ଼ିକୁ ଆଲିଙ୍ଗନ କରି ରାଜ୍ୟ ସରକାରଙ୍କୁ ଗଛ କାଟିବା ପାଇଁ ବାରଣ କରିଥିଲେ । ଏହି ଆନ୍ଦୋଳନର ପ୍ରଭାବରେ ଭାରତ ସରକାର ଜଙ୍ଗଲ ନୀତିକୁ ପୁନଃ ବିଚାର କରିବାକୁ ବାଧ ହୋଇଥିଲେ ।

ଅନ୍ୟ ଏକ ଉଲ୍ଲେଖନୀୟ ଜନ ଆନ୍ଦୋଳନ ନର୍ମଦା ନଦୀ ବଞ୍ଚାଅ ଅନ୍ଦୋଳନ (Narmada Bachao Andolan) ରୂପେ ସେ ସମୟରେ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା ।

୧୯୮୫ ମସିହାରେ ଆରମ୍ଭ ହୋଇଥିବା ଏହି ଜନ ଆନ୍ଦୋଳନ ମୁଖ୍ୟତଃ ନର୍ମଦା ନଦୀ ଉପରେ ନିର୍ମାଣ ହେଉଥିବା ବୃହତ୍ ବନ୍ଧଗୁଡ଼ିକ, ବିଶେଷତଃ ସରଦାର ସରୋବର ଡ୍ୟାମ୍‌ର ନିର୍ମାଣର ବିରୋଧ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏବଂ ବିସ୍ଥାପିତ ସମୁଦାୟମାନଙ୍କର ଅଧିକାର ସୁରକ୍ଷା ଏବଂ ପରିବେଶ ସମସ୍ୟାଗୁଡ଼ିକ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହି ଆନ୍ଦୋଳନ ବିଶିଷ୍ଟ ସାମାଜିକ କର୍ମୀ ଓ ସମାଜସେବୀ ମେଧା ପାଟକରଙ୍କ ନେତୃତ୍ୱରେ ଚାଲିଥିଲା ଏବଂ ଏଥିରେ ଆଦିବାସୀ, ଚାଷୀ, ପରିବେଶବିତ୍ ଏବଂ ମାନବ ଅଧିକାର କର୍ମୀମାନେ ଅଂଶଗ୍ରହଣ କରିଥିଲେ ଓ ବିସ୍ଥାପନ, ପରିବେଶୀୟ କ୍ଷତି ଏବଂ ଡ୍ୟାମ୍ ପ୍ରକଳ୍ପମାନଙ୍କ ଦ୍ୱାରା ହେଉଥିବା ମାନବ ଅଧିକାର ଉଲ୍ଲଂଘନ ବିଷୟରେ ଜନ ସଚେତନତା ସୃଷ୍ଟି କରିପାରିଥିଲା । ଉକ୍ତ ଆନ୍ଦୋଳନର ଅନ୍ୟ ଏକ ଗୁରତ୍ୱପୂର୍ଣ୍ଣ ସଫଳତା ହେଉଛି ଯେ ବିଶ୍ୱ ବ୍ୟାଙ୍କ୍ (World Bank) ଉପରେ ସରଦାର ସରୋବର ଡ୍ୟାମ୍ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଅନୁମୋଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇ ଥିଲା । ଭାରତ ସରକାରଙ୍କ ପରିବେଶ ନୀତି ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହେଇଛି ।

ପରିବେଶୀୟ ରାଜନୀତି କେବଳ ରାଜନୈତିକ ଚର୍ଚ୍ଚାର ବିଷୟ ନୁହେଁ, ଏହା ମାନବ ଜୀବନ ଏବଂ ପରିବେଶ ମଧ୍ୟରେ ସମନ୍ୱୟ ରଖିବା ପାଇଁ ପ୍ରୟାସ ରଖିଥାଏ । ଯଦି କ୍ଷମତାସୀନ ଦଳ କେନ୍ଦ୍ର ବା ରାଜ୍ୟରେ ହେଉ, ଯଦି ସମସ୍ତ ନିୟମଗୁଡ଼ିକୁ ଆନ୍ତରିକତା ସହ ପାଳନ କରନ୍ତି, ତେବେ ଆଗାମୀ ଭବିଷ୍ୟତ ପିଢ଼ି ଏକ ସୁସ୍ଥ ଜୀବନଯାପନ କରିପାରିବେ ବୋଲି ଆଶା କରାଯାଏ । ତେବେ ପ୍ରଶ୍ନ ଉଠେ ପ୍ରଦୂଷଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଗୁରୁତ୍ୱର ସହ ବିଚାର କରି ଉଚିତ ପଦକ୍ଷେପ ନେଉଛନ୍ତି କି ?

ଭାରତ ବିଶ୍ୱର ଏକ ଦୃଢ଼ ଓ ଶକ୍ତିଶାଳୀ ଅର୍ଥନୈତିକ ରାଷ୍ଟ୍ର ଭାବେ ଦ୍ରୁତ ଗତିରେ ଅଗ୍ରସର ହେଉଥିବାବେଳେ, ପରିବେଶ ସୁରକ୍ଷା ଏକ ମୁଖ୍ୟ ରାଜନୈତିକ ଏବଂ ସାମାଜିକ ପ୍ରସଙ୍ଗରେ ପରିଣତ ହୋଇଯାଇଛି । ପରିବେଶଜନିତ ସମସ୍ୟାକୁ ଅଗ୍ରାଧିକାର ଦେବା ଉଚିତ । କାରଣ ଏଥିରେ ଆମ ଭବିଷ୍ୟତ ପିଢ଼ିର ସ୍ୱାର୍ଥ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜନ କଲ୍ୟାଣକାରୀ ବିକାଶକୁ କେହି ବିରୋଧ କରିବା ଉଚିତ ନୁହେଁ । କିନ୍ତୁ, ସରକାର ଉଭୟ ସାମାଜିକ ନ୍ୟାୟ ଓ ସ୍ଥାୟୀ ବିକାଶ (sustsinable development)ଉପରେ ଦୃଷ୍ଟି ଦେବା ଆବଶ୍ୟକ । ମାତ୍ରାଧିକ୍ୟ ଖଣିଜ ପଦାର୍ଥ ଉତ୍ତୋଳନ ଓ ପ୍ରାକୃତିକ ସଂସାଧନର ଅବକ୍ଷୟ ଉପରେ ଧ୍ୟାନ ଦେବା ବାଞ୍ଛନୀୟ । ଅବଶ୍ୟ, ଭାରତ ସରକାର ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ସଦୁପଯୋଗ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ଏବଂ ଆଇନ ପ୍ରଣୟନ କରିଛନ୍ତି । ପ୍ରଥମତଃ ପରିବେଶ ସୁରକ୍ଷା ଏବଂ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଗଠନ କରିଛନ୍ତି ।

ଜଙ୍ଗଲର ସୁରକ୍ଷା ପାଇଁ ସବୁଜ ଭାରତ ମିଶନ ଏବଂ ଜାତୀୟ ବନୀକରଣ ଯୋଜନାକୁ ସରକାର କାର୍ଯ୍ୟକାରୀ କରୁଛନ୍ତି । ପ୍ରତ୍ୟେକ ଘରେ ସୌର ଶକ୍ତିର ବ୍ୟବହାର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବଜେଟରେ ଏକ ନୂତନ ବ୍ୟୟ ବରାଦ ମଧ୍ୟ ଆରମ୍ଭ କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଭାରତରେ ପରିବେଶ ଅବନତିର ଅନ୍ୟ ଏକ ପ୍ରମୁଖ କାରଣ ଦୁର୍ନୀତି ଏବଂ ରାଜନୈତିକ ସ୍ୱାର୍ଥ ଅଟେ । କିଛି ରାଜନେତା, ଅଧିକାରୀ ଏବଂ କର୍ପୋରେଟ୍ ହାଉସ ପରିବେଶୀୟ ଆଇନକୁ ମଧ୍ୟ ଉଲ୍ଲଂଘନ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଉଦ୍ୟମ କରି ଚାଲିଛନ୍ତି ।

ଅନେକ ଅବୈଧ ଖଣିଜ ଖନନ ଦ୍ୱାରା ଜଙ୍ଗଲର ବିନାଶ, ଜଳ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ବିନାଶ ହେଉଛି । ଖଣି ମାଫିଆମାନେ କିଛି ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଅବୈଧ ଖଣି ଖନନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଥିପାଇଁ ପରିବେଶ ବି ଦୂଷିତ ହେଉଛି ମସରକାର ମାଫିଆ ଓ ଦୁର୍ନୀତି ଗ୍ରସ୍ତ ନେତା ଓ ଅଫିସରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ପରିବେଶକୁ ଭାରତୀୟ ସଂସ୍କୃତିରେ ମଧ୍ୟ ବିଶେଷ ସମ୍ମାନ ଦିଆଯାଇଛି । ଆମ ଦେଶର ଆଦିବାସୀ ସମ୍ପ୍ରଦାୟ ପରିବେଶ ସହ ସୁନ୍ଦର ସମନ୍ୱୟ ରଖି ଆଦିମ କାଳରୁ ଚଳିଆସୁଛନ୍ତି । ପର୍ବତ, ଜଙ୍ଗଲ , ଗଛ ଲତା ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସେମାନେ ଅଧିକ ଯତ୍ନବାନ ଅଟନ୍ତି । ଅନେକ ଜଙ୍ଗଲ ଜମି ଗୁଡିକୁ ବିକାଶର ଦ୍ୱାହି ଦେଇ ,ବଡ଼ ବଡ଼ ପ୍ରକଳ୍ପ ପାଇଁ ପରିବେଶ ଆଇନର ଉଲ୍ଲଂଘନ କରାଯାଉଛି, ଏହାଦ୍ୱାରା ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହେଉଛନ୍ତି । ଅନିୟନ୍ତ୍ରିତ ସହରୀକରଣ ଓ କ୍ରମାଗତ ଶିଳ୍ପାନୟନ ଆମ ଦେଶର ଜୈବ ବିବିଧତାକୁ ପ୍ରଭାବିତ କରୁଛି ।

**ତେଣୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ । ପରିବେଶ ମନ୍ତ୍ରାଳୟ, କେନ୍ଦ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକୁ ଅଧିକ କ୍ଷମତା ଏବଂ ସ୍ୱାଧୀନତା ଦିଆଯାଉ । ୨୦୨୪ ମସିହାରେ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ଆଇନରେ (National Green Tribunal Act ) ସଂଶୋଧନ କରାଯାଇ ଟ୍ରିବ୍ୟୁନାଲକୁ ଅଧିକ କ୍ଷମତା ପ୍ରଦାନ କରାଯାଇଥିଲା, ଯାହା ଫଳରେ ପରିବେଶ ନିୟମ ଖିଲାପକାରୀଙ୍କ ଉପରେ ଜରିମାନା ହୋଇ ପାରୁଛି । ଏହି ଟ୍ରିବ୍ୟୁନାଲ ୨୦୧୦ ମସିହାରେ ସ୍ଥାପନ ହେଇଥିଲା ଏବଂ ଏହା ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଜଡିତ ସମସ୍ତ ବିବାଦର ସମାଧାନ କରେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ।** କିନ୍ତୁ ଜରିମାନା ଦଣ୍ଡ ଦ୍ୱାରା ସମସ୍ୟାର ସମାଧାନ ହେଇଯିବିନି । ପରିବେଶକୁ ଦୂଷିତ କରୁଥୁବା ବ୍ୟକ୍ତି ବା ସଂସ୍ଥା ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଆପଣେଇ ବା ଦରକାର । ଏକ ସ୍ୱଷ୍ଟ ଏବଂ ଉତ୍ତରଦାୟୀ ବ୍ୟବସ୍ଥା ଜରିଆରେ ସରକାରୀ ଏକ କଡା ବାର୍ତ୍ତା ଦେବା ଦରକାର । ସ୍ଥାନୀୟ ଅଧିବାସୀମାନଙ୍କୁ ସଭା ସମିତି ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ସଚେତନତାରେ ପ୍ରଭାବିତ କରାଯିବା ଉଚିତ ।

ଯଦି ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଏ, ତେବେ ଭାରତରେ ପରିବେଶର ଅବକ୍ଷୟକୁ ରୋକି ପାରିବାରେ ଆମେ ସଫଳ ହେବା । ପରିବେଶର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ପାଇଁ ଆନ୍ତର୍ଜାତିକସ୍ତରରେ କିଛି ସଙ୍ଗଠନ ଯଥା ବ୍ରିକସ (BRICS ) ଓ ଜି -୨୦ (G- ୨୦) ର ରାଷ୍ଟ୍ର ନେତାମାନେ ପ୍ରୟାସ କରୁଛନ୍ତି । ଆମେ ସଚେତନ ନାଗରିକ ଭାବେ ପରିବେଶକୁ ସୁରକ୍ଷିତ ରଖିବା, ଯଦ୍ୱାରା ଆମର ଭବିଷ୍ୟତ ବଂଶଧର ଏକ ସୁନ୍ଦର ସବୁଜ ପୃଥିବୀରେ ଉନ୍ନତ ମାନର ଜୀବନଯାପନ କରିପାରିବେ, ନଚେତ ଆମେ ଉତ୍ତରଦାୟୀ ରହିବା । ବାୟୁ ଓ ଜଳର ପ୍ରଦୂଷଣକୁ ହ୍ରାସ କରିବା ,ପାଣି ଓ ଶକ୍ତିର ଅପଚୟକୁ ରୋକିବା ଓ ନିୟମିତ ବୃକ୍ଷ ରୋପଣ କରିବା ଦିଗରେ ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱସମ୍ପନ୍ନ ହେବା ଦରକାର ଏବଂ ନିଜକୁ ଜଣେ ପରିବେଶ କର୍ମୀ ଭାବେ ଉତ୍ସର୍ଗ କରିବା ଉଚିତ ।

**ପୂର୍ବତନ ଉପ ମହାପ୍ରବନ୍ଧକ**
**ବ୍ୟାଙ୍କ ଅଫ ଇଣ୍ଡିଆ,କଳିଙ୍ଗ ବିହାର,**
**ଭୁବନେଶ୍ୱର,ମୋ-୯୨୬୨୨ ୯୬୨୯୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟା...

ହେବ ବୈତରଣୀ ନଦୀ କୂଳ ଲଘିଂବାରୁ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ଦେଢକିମି ଯାଏଁ ୨/୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି । ୨ଟି ପର୍ଯ୍ୟଟନସ୍ଥଳୀ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ୧୪ଟି ଗାଁ ବନ୍ୟାଘେରରେ ରହିଛି । ସେହିପରି ଦୋହରା ପାଟଣା ଓ ବୋଡକ ତଳିଆ ଅଂଚଳରେ ବନ୍ୟାପାଣି ପଶିବାରୁ ଗାଁ ଦାଣ୍ଡରେ ଲହଡ଼ି ମାରୁଛି ପାଣି । ୪ଟି ପଞ୍ଚାୟତର ଶହଶହ ଏକର ଚାଷଜମି ଜଳମଗ୍ନ ହୋଇଥିବାବେଳେ ଗୃହପାଳିତ ପଶୁ ଓ ବାତ୍ୟା ଆଶ୍ରୟସ୍ଥଳୀ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି । ଏପରିକି ଅନେକ ସ୍ଥାନରେ ନଦୀବନ୍ଧ ଦୂର୍ବଳ ରହିଥିବାରୁ ସ୍ଥାନୀୟ ନଦୀକୂଳିଆ ଲୋକ ପାଳିକରି ଜଗି ରହୁଛନ୍ତି । ତାହା ସହ ମୁଆ, ସନ୍ତରା, ସିଙ୍ଗିପୁର, ବାତୋଳ, ସାନପଙ୍କି, ପାଲଟପୁର, ବାଙ୍କମୁଆ ଆଦି ୧୫ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି । ସେହିପରି ବନ୍ୟାପାଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପ୍ରବେଶ କରିବାରୁ ମୁଖ୍ୟ ଜଳଘାଟ ବୁଡି ଯିବାରୁ ଘାଟ ସମ୍ମୁଖରେ ଥିବା ବୃଷବ ଅଧିକାଂଶ ଭାଗ ବୁଡିଯାଇଛି । ଅନ୍ୟପଟେ ଆରଡି ପୀଠରୁ ତିହିଡି ଓ ଚାନ୍ଦବାଲି ରାସ୍ତାରେ ମୁଆଘୋଷରା ସତସଙ୍ଗ ଘୋଷରାରେ ୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହେବା ଫଳରେ ବିଚ୍ଛିନ୍ନାଞ୍ଚଳର ଲୋକମାନେ ଆବଶ୍ୟକୀୟ ସାମଗ୍ରୀ ପାଇଁ ଦେଶୀଡଙ୍ଗା ଓ ଟ୍ରାକଟର ସାହାଯ୍ୟରେ ବିପଦପୂର୍ଣ୍ଣ ଭାବେ ଆସୁଥିବାର ଦେଖିବାକୁ ମିଳିଛି । ବିପନ୍ନମାନେ କିପରି ଭାବେ ରହିଛନ୍ତି ସେଥିପାଇଁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଜଳ ବନ୍ଦି ହୋଇ ରହିଥିବା ମୁଆ, ସନ୍ତରା, ପାଲଟପୁର, ବାତୋଳ, ସିଙ୍ଗିପୁର, ସାନପଙ୍କି, ବୋଡକ, ସାଠିବାଙ୍କୁଡା ଆଦି ୪ ପଂଚାୟତର ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନଙ୍କ ସହ କଥା ହୋଇଥିଲେ ।

## ସ୍ଥିତି...

ବର୍ତ୍ତମାନର ସ୍ଥିତି ସଂପର୍କରେ ସମୀକ୍ଷା କରି ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କର ଜୀବନକୁ ସୁରକ୍ଷା ଦେବା ଆମର ସର୍ବୋତ୍ତମ କାର୍ଯ୍ୟ ବୋଲି ରାଜ୍ୟପାଳ କହିବା ସହିତ ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଂଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳ ସଂପଦ ବିଭାଗର ଇଂଜିନିୟର ଇନ ଚିଫ୍ ଓ ମୁଖ୍ୟ ଯନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନକୁ ଜାରି କରାଯାଇଥିବା ତଦାରଖ ବ୍ୟବସ୍ଥା ଓ ପରାମର୍ଶ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ନଦୀ ଅବବାହିକାର ସ୍ଥିତି, ବନ୍ୟା ଏବଂ ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟସ୍ଥଳର ବ୍ୟବସ୍ଥା ଏବଂ ରିଲିଫ୍ ସହାୟତା ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ବନ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ ସଂକଟ ସମୟରେ ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେବାର କାର୍ଯ୍ୟାବଳୀ ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବ୍ୟାରେଜ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ହେଲେ ଉଦ୍‌ବୃତ୍ତ ଜଳ ନିକଟବର୍ତ୍ତୀ ଗାଁ ପୋଖରୀକୁ ନିଆଯାଇପାରିବ ଏବଂ ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ମଧ୍ୟ ହୋଇପାରିବ ବୋଲି କହିଥିଲେ।

ଏଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ସାରା ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ। ଜଳ ପ୍ରଣାଳୀ ସଂଯୋଗୀକରଣ ଦ୍ୱାରା ବନ୍ୟା ପ୍ରବଣ ଅଂଚଳରୁ ଜଳକ୍ଲିଷ୍ଟ ଅଂଚଳକୁ ଉଦ୍‌ବୃତ୍ତ ଜଳକୁ ନିଆଯାଇପାରିବ, ଯଦ୍ୱାରା ବନ୍ୟା ବିପଦ ହ୍ରାସ ପାଇବ, ଜଳ ସେଚନରେ ଉନ୍ନତି ଆସିବ, ଭୂତଳ ଜଳସ୍ତର ବୃଦ୍ଧି ପାଇବାରେ ସହାୟକ ହେବ, ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ। ନଦୀ ପ୍ରଣାଳୀଗୁଡ଼ିକର ଏବଂ ଇଣ୍ଟରଲିଙ୍କିଙ୍ଗ୍ ଉପରେ ବିଚାର ବିମର୍ଷ /ଅଧ୍ୟୟନ କରି କାର୍ଯ୍ୟନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରସ୍ତୁତି ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିବା ସହିତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ।

## ମତାମତ...

ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ ଆଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ କରି ଏହା କହିଛନ୍ତି।

'ଆମ ଶାସନ' ହେଉଛି ଆଧୁନିକ ଟେକ୍ନୋଲୋଜିର ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ। ଏହା ଜରିଆରେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ପ୍ଲାଟଫର୍ମରେ ଜନ ସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇ ପାରିବେ। ଓଡିଶା ସରକାରଙ୍କ ୱେବସାଇଟ ଓ ହ୍ୱାଟ୍ସଆପ୍ ଚାଟ୍‌ବଟ୍ ୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ପ୍ରଦାନ କରାଯାଇ ପାରିବ। ଏହା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଶାସନ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ଆମ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ୍ କରିବାରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଭାଷାରେ, "ନିଜକୁ ପାଇବାକୁ ହେଲେ ଅନ୍ୟ ମାନଙ୍କ ସେବାରେ ନିଜକୁ ହଜାଇ ଦେବାକୁ ହେବ"। ଏହି ଆଦର୍ଶରେ ଆମ ସରକାର ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ମାନଙ୍କ ସେବାରେ ନିଜକୁ ହଜାଇ ଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି। ଜନଧନ, ଆଧାର ଓ ମୋବାଇଲର ଉପଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ, ଲୋକ ପୁରା ଟଙ୍କାଟିଏ ହିଁ ପାଉଛନ୍ତି। ବାଟମାରଣା ନାହିଁ। ମୋଦୀଜୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସୁଶାସନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ମୋଦୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନଭାବି ଲୋକଙ୍କ ସେବକ ଭାବରେ କାମ କରୁଛୁ।

ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ହିଁ ଆମ ପାଇଁ ସମ୍ପତ୍ତି। ଆମ ଶାସନ ବ୍ୟବସ୍ଥା ବର୍ତ୍ତମାନ ସମୟ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି।

ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ଏତଲା, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଏହି କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଜିଲ୍ଲାର ଅଧିକାରୀ ଓ ହିତାଧିକାରୀ ମାନେ ଯୋଡିହୋଇଥିଲେ। ମୁଖ୍ୟମନ୍ତ୍ରୀ କେତେଜଣ ହିତାଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ସେମାନେ ହେଲେ କଳାହାଣ୍ଡିର ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ମୁଙ୍ଗେ ଧାରୁଆ, ଜଗତସିଂହପୁରର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଫକୀର ଦାସ, କନ୍ଧମାଳ ଜିଲ୍ଲାର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାର ହିତାଧିକାରୀ ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋସ୍ନାରାଣୀ ଦେହୁରୀ ଏବଂ ବଲାଙ୍ଗୀର ଜିଲ୍ଲାର ଆୟୁଷ୍ମାନ ବୟୋବନ୍ଦନା ହିତାଧିକାରୀ ଗୀରିଶ କୁମାର ସିଂହଦେଓ।

ସେମାନେ ସମସ୍ତେ କହିଥିଲେ ଯେ, ସରକାରଙ୍କ ଯୋଜନାର ସୁଫଳ ସେମାନେ ସୁବିଧାରେ ପାଉଛନ୍ତି। ଏସବୁ ପାଇବା ପାଇଁ ସେମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନାହିଁ। ସରକାରୀ ଅଧିକାରୀ ମାନେ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି।

କାର୍ଯ୍ୟକ୍ରମର ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଲେ ଯେ, ଲୋକଙ୍କୁ ସୁଶାସନ ଦେବା ପାଇଁ ସୂଚନା ପ୍ରଯୁକ୍ତି ସମନ୍ୱିତ ଏହି ଫିଡ୍‌ବ୍ୟାକ୍ ମେକାନିଜମ୍ ଆରମ୍ଭ କରାଯାଇଛି। ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ ବୋଲି ସେ କହିଥିଲେ। ଆମ ଶାସନ ପୋର୍ଟାଲ ଜରିଆରୋ ଲୋକମାନଙ୍କର ମତାମତ ରୋକର୍ଡ କରାଯିବ ଏବଂ ସେମାନଙ୍କର ଅଭିମତକୁ ସମ୍ମାନ ଦିଆଯିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ। ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପ୍ରଦୀପ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଓଡ଼ିଶା...

ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି)/ ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆରଆଇ) ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଜାରି କରିବାକୁ ସୁପାରିସ କରିଥାନ୍ତି । ଗୋଟିଏ ବର୍ଷରେ ୨ଟି କିସ୍ତି ଆକାରରେ ଏହି ଆବଣ୍ଟିତ ଅନୁଦାନ ସୁପାରିସ ଏବଂ ଜାରି କରାଯାଇଥାଏ । ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ଅଣତିରିଶ (୨୯) ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆରଏଲବି / ପିଆରଆଇଗୁଡ଼ିକ ଏହି ଅନୁଦାନ ବ୍ୟବହାର କରିବେ । ତେବେ ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବ ନାହିଁ । ମୌଳିକ ସେବା ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକ ଉପଯୋଗ କରାଯାଇପାରିବ । ଏହି ସେବାଗୁଡ଼ିକରେ ସ୍ୱଚ୍ଛତା ଏବଂ ଖୋଲା ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା, ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଉପଚାର, ବିଶେଷ କରି ମାନବ ମଳ ଏବଂ ପଙ୍କ ପରିଚାଳନା ସାମିଲ ରହିଛି ।ଏହାବ୍ୟତୀତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣକୁ ମଧ୍ୟ ଏଥିରେ ଅନ୍ତର୍ଭୂକ୍ତ ହେବା ଆବଶ୍ୟକ ।

## ଅମଲା...

ସହ ଆଲୋଚନା ପାଇଁ ସଂଘର ପ୍ରତିନିଧିଙ୍କୁ ଡକାଯାଇଥିଲା । ବୈଠକରେ କୌଣସି ଲିଖିତ ପ୍ରତିଶ୍ରୁତି ମିଳିନଥିଲା । ଗତକାଲି ସଂଘ ପକ୍ଷରୁ କୁହାଯାଇଥିଲା ଯେ ସରକାର ଲିଖିତ ପ୍ରତିଶ୍ରୁତି ଦେଲେ ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ । ତେବେ ଆଜି ସଂଘ ପକ୍ଷରୁ କୁହାଯାଇଛି ଯେ ବନ୍ୟା ପରିସ୍ଥିତି ଓ ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଖାଇରେ ଯେପରି ଲୋକ ହଇରାଣ ନ ହୁଅନ୍ତି ସେଥିପାଇଁ ସରକାରଙ୍କ ସହ ଆଲୋଚନା କରି ଆନ୍ଦୋଳନକୁ ସ୍ଥଗିତ ରଖାଗଲା । ସରକାର କହିଛନ୍ତି ଯେ ଦାବି ଉପରେ ତର୍ଜମା ଚାଲିଛି ।

## ନୂଆଖାଇ...

(ଶୁକ୍ରବାର) ଦିନଟିକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି । ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ ତାରିଖ, ଦ୍ୱିତୀୟ ଶନିବାରକୁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି ।

## ବୈଷ୍ଣୋଦେବୀ...

ଯୋଗୁ ବନ୍ୟା ଆସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏପର୍ଯ୍ୟନ୍ତ ୯ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଛି ।

ଇନ୍ଦ୍ରପ୍ରସ୍ତ ଭୋଜନାଳୟ ନିକଟରେ ଏହି ଅଘଟଣ ଘଟିଥିଲା । ଅପରାହ୍ନ ୩ଟା ସୁଦ୍ଧା ଏହି ଭୂସ୍ଖଳନ ହୋଇଥିଲା । ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯିବାକୁ ଥିବା ୧୨କିମି ରାସ୍ତାର ଅଧା ବାଟରେ ଏହି ଭୂସ୍ଖଳନ ହୋଇଛି । ପୂର୍ବରୁ ହିମକୋଟି ଟ୍ରେକ୍ ରାସ୍ତାକୁ ବନ୍ଦ କରିଦିଆଯାଇଥିଲା । ଶ୍ରଦ୍ଧାଳୁମାନେ ପୁରୁଣା ରାସ୍ତାରେ ଅପରାହ୍ନ ୧.୩୦ ଯାଏ ଯାତାୟତ କରୁଥିଲେ । ଏବେ ଯାତ୍ରାଟିକୁ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ସେହିଭଳି ଡୋଡାରେ ବାଦଲଫଟା ବର୍ଷା ଯୋଗୁ ପୂର୍ବରୁ ୯ ଜଣଙ୍କର ମୃତ୍ୟୁ ଘଟିଥିଲା । ବାଦଲଫଟା ବର୍ଷା ଯୋଗୁ ଆକସ୍ମିକ ବନ୍ୟା ମାଡି ଆସିଥିଲା । ଫଳରେ ଏଭଳି ଘଟଣା ଘଟିଛି । ଅଧିକାଂଶ ସ୍ଥାନରେ ନେଟ୍‌ୱାର୍କ ଆସୁନାହିଁ । ଅନେକ କ୍ଷୟକ୍ଷତି ଘଟିଛି । ଉତ୍ତର ରେଳବାଇ ପକ୍ଷରୁ କଟରା, ଉଦମପୁର ଓ ଜମ୍ମୁ ରେଳ ଷ୍ଟେସନରୁ ୧୮ ଟ୍ରେନ୍‌କୁ ବାତିଲ କରିଦିଆଯାଇଛି । ପ୍ରାୟ ସମସ୍ତ ପ୍ରମୁଖ ନଦୀରେ ଜଳସ୍ତର ବିପଦସଙ୍କେତ ନିକଟତର ହୋଇଛି । ତଳିଆ ଅଞ୍ଚଳର ରାସ୍ତା ବୁଡି ଯାଇଛି । କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଲୋକମାନେ ପାର୍ବତ୍ୟ ଅଞ୍ଚଳ ଓ ଜଳାଶ୍ରୟ ଠାରୁ ଦୂରରେ ରୁହନ୍ତୁ । ପହଲଗାମ୍‌ର ବେତାବ ଭାଲିରେ ମଧ୍ୟ ୫.୬ ଫୁଟର ଜଳ ମାଡି ଆସିଥିଲା । ସେହିଭଳି ସେସ୍ନାକ ନଲ୍‌ହାରେ ଜଳସ୍ତର ୬.୨ ଫୁଟରେ ପହଞ୍ଚିଛି । ସରକାରୀ ଭାବେ ଝେଲୁମ୍ ନଦୀର ଜଳସ୍ତର ବଢୁଥିବା ନେଇ ସତର୍କ କରାଇ ଦିଆଯାଇଛି । ମଙ୍ଗଳବାର ସନ୍ଧ୍ୟାରୁ ଲଗାତର ବର୍ଷା ଲାଗି ରହିଛି । ଏହି ଅବସରରେ ଜମ୍ମୁ ଓ ଶ୍ରୀନଗରର ୨୫୦ କିମି ରାଜପଥରେ ପ୍ରତିଶେଧମୂଳକ ବ୍ୟବସ୍ଥା ମୂଳକ ଯାତାୟତକୁ ବନ୍ଦ କରିଦିଆଯାଇଛି । ଭୂସ୍ଖଳନ ପରେ ପଥର ଖଣ୍ଡ ଆଦି ରମ୍‌ବାନ୍ ଜିଲ୍ଲାରେ ଦେଖିବାକୁ ମିଳୁଛି ।


**PARADIP PORT AUTHORITY**
**e-TENDER CALL NOTICE**
**No. EM/PED-22/2025**
No.EM/PED/TECH-03/2025/689 Date: 19/08/2025
Name of the work: Management of Power Distribution System of Paradip Port Authority. Estimated Cost: **Rs.15,33,15,228/-** only excluding GST. Last date & time of submission of bid: **dt.24/09/2025 up to 18:00 Hrs.** Refer our website for details https://eprocure.gov.in/eprocure/app.
Sd/- Executive Engineer (E), PED-II
Paradip Port Authority
PPA/PR/33/2025-26 dtd.25.08.2025

**AFFIDAVIT**
By virtue of an affidavit sworn before Executive Eagistrate, Bhubaneswar, Affidavit No- 40, on Dtd. 25.08.2025. I, Puspanjali Rout, W/o- Suranjan Rout, Resident of At- Banamalipur, Po- Durdura, Ps- Nayagarh, Dist- Nayagarh, Pin-752094, Odisha Declare that I have changed my son's name from **Sreash Rout** to **Shreyansh Rout**. Henceforth, He shall be known as **Shreyansh Rout** for all purposes.
Sd/- Puspanjali Rout

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated 25.08.2025 I, Alpana Manjari Sundhi, Resident of At/Po- Godapalasa, Ps- Jashipur, Dist- Mayurbhanja, Odisha, Pin -757091. declare that I have changed my name from **Alpana Manjari Baipai** to **Alpana Manjari Sundhi**. Henceforth, She shall be known as **Alpana Manjari Sundhi** for all purposes.
Sd/- Alpana Manjari Sundhi

**AFFIDAVIT**
By virtue of an affidavit sworn before Notary Public, Sambalpur dated 22nd August 2025, I, **Awadhesh Prasad**, R/o: SDO Colony, P.O: Hirakud, Dist.: Sambalpur (Odisha) PIN-768016, declare that I have changed my name from **Abdesh Prasad Singh** to **Awadhesh Prasad.** Henceforth, I Shall be known as **Awadhesh Prasad** for all purpose.
Awadhesh Prasad

**AFFIDAVIT**
I, Gouranga Charan Mallik, resident of At/Po-Fakirpada, Ps-Cuttack Sadar, Dist-Cuttack, Pin-754100 Odisha declare by this affidavit No-7403, dated-28.05.2025 that now onwards I shall be known as **GOURANGA CHARAN MALLICK** for all future purposes.

**BRAHMAPUR MUNICIPAL CORPORATION**
C-961
**No. 12503 Date : 25.08.25**
**REQUEST FOR PROPOSAL**
Sealed RFP are invited to be reached from Professional agencies for **"Operation and Management of Goshala at Gosaninuagon and Hugulapata" under Brahmapur Municipal Corporation.** The detailed terms & conditions are available at our office website **www.berhampur.gov.in.** The last date of receipt of RFP in this office by 10.09.2025 by 05:00 PM and will be opened on 11.09.2025 at 11:00 AM in the office of undersigned.
The Authority reserves the right to accept or reject any RFP without assigning any reason thereof.
Sd/- Commissioner
OIPR : 13035/11/0060/2526 Brahmapur Municipal Corporation

**AFFIDAVIT**
I, Srikanta Behera, S/O-Shabar Behera, At/P.O.-Kiapada, Via-Brahmanagan, P.S.- Basudevpur, Dist. Bhadrak, Pin-756165 declare by this Affidavit before the Executive Magistrate Basudevpur Bearing no-5925 dated. 30.7.2025 that onwards I shall be known as Sukanta Behera for all future purposes.

**CUTTACK MUNICIPAL CORPORATION**
C-970
**"e" PROCUREMENT NOTICE**
**Tender ID : 2025_ORULB_117311**
**Bid Reference N. MC(CMC)CTC_Div-I, No7/2025-26**
**Tender Call Notice No. 10232 (PW) Date. 26.08.2025**

| | | |
|---|---|---|
| Name of Works | : | Civil Works |
| No of Works | : | 12 Nos. |
| Bid Value | : | Rs. 3.52 Lakh to Rs. 29.68 Lakh |
| Period of Completion | : | One Calendar Months to Three Calendar Months. |

Date and Time schedule :

| Start | End | Opening |
|---|---|---|
| 3.00 PM on dt. 28.08.2025 | 5.00 PM on dt. 09.09.2025 | 11.00 A.M. on dt. 12.09.2025 |

Tender Details : can be seen in the procurement portal : **www.tendersorissa.gov.in**
Sd/- Executive Engineer, City Div-I
OIPR : 13031/11/0204/2526

**ZILLA PARISHAD, BOUDH**
**ADVERTISEMENT**
CAD-1610
**No. 2319 Date 22.08.2025**
Sealed tenders are invited from reputed Manpower Agencies/ Service Providers to provide 23 nos. (18 nos. for Blocks & 5 nos. for Zilla Parishad) for handling MGNREGS and RH related works for a period of one year on contract basis. The engaged of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies / Service Providers Firms can only participate in the Financial Bid.
For details please visit our website in www.boudh.odisha.gov.in.
1. Last date of receipt of Sealed Bid is on 15.09.2025 up to 5.00 PM through Registered/ Speed Post only.
2. Opening of Bid papers is on dated 16.09.2025 at 12.30 PM
Sd/- Chief Development Officer-cum-EO,
OIPR : 19234/11/0006/2526 Zilla Parishad, Boudh

**Government of Odisha**
**Department of Women & Child Development**
**Lokaseva Bhawan, Sachivalaya Marg,**
**Bhubaneswar, PIN: 751001**
g-
**NOTICE**
**No. WCD-CW-MISC-0050-2017- 21785/WCD, Date 26.08.2025**
**SUB: APPLICATION FOR SELECTION AS CHAIRPERSON AND MEMBER OF THE CHILD WELFARE COMMITTEE**
In pursuance of the provisions contained under section 27 of the Juvenile Justice (Care and Protection of Children) Act, 2015 along with section 9 of the Juvenile Justice (Care and Protection of Children) Amendment Act, 2021 read with Rules 22 and 105 of Odisha Juvenile Justice (Care and Protection of Children) Rules, 2018, applications in the prescribed format are hereby invited from eligible and intending applicants for the positions of Chairperson/Members of the Child Welfare Committee (in short "CWC") in respect of 3 CWCs of 3 districts i.e. Jajpur, Puri and Nabarangpur. The details of eligibility criteria, other conditions and format for application are available in the website of this Department, https://wcd.odisha.gov.in which may be accessed /downloaded.
Applications in the format prescribed along with self-attested copies of relevant certificates/ documents etc. kept in a sealed cover superscribed with the words Application for Selection as Chairperson/Member of the Child Welfare Committee" may be sent by Speed Post. / Registered Post so as to reach the office of the District Child Protection Unit [DCPU] of the District concerned during the office hours on any working day on or before 5 PM of 9th September, 2025.
Director, ICDS & SW-cum-Member Secretary,
OIPR : 33001/11/0108/2526 State Level Selection Committee

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, SUBARNAPUR .**
E-347
**(DISTRICT TUBERCULOSIS CENTRE,SLBARNAPUR WING)**
**Advt. No. 425 / NTEP/2025 Dated 26.08.25**
**Expression of Interest for Empanelment of X-Ray Services**
Sealed proposals are invited from interested eligible agencies/vendors for empanelment to provide X-Ray services for Intensified TB Elimination Campaign in Subarnapur District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website: **www.subarnapur.odisha.gov.in**
Interested agency fulfilling the eligibility criteria may submit their proposal (s) separately as per application format. The details of proposal (s) completed in all respect & super scribed with "Expression of interest for empanelment to provide X-Ray services for Intensified TB Elimination Campaign in Subarnapur District". The agencies have to submit their proposals to the office of the CDM & PHO, Subarnapur which should reach on or before 10.09.2025 till 05.00 P.M. through Speed post / Regd. Post only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.
OIPR : 10118/11/0011/2526 Sd/- CDM & PHO-Cum-DMD, Subarnapur

**Government of Odisha**
**Department of Social Security & Empowerment of Persons with Disabilities**
**No. 9757/SSEPD, Dated : 26.08.2025**
**SSEPD-OE-MISC-0007-2024**
gg-
**Tender Notice**
E-Tender for Selection of Outsourcing Manpower Service Provider Agency for engagement of Outsourcing Personnel for undertaking various Technical and Administrative Assignments as per the following schedule. The detailed scope of work is annexed at Exhibit-A.

| Sl. No. | Items | Date & Time |
|---|---|---|
| (a) | Bid Submission Start Date | 26.08.2025 |
| (b) | Last date of receipt of Bids | 10.09.2025 upto 5.00 PM (Through e-procurement portal:https://tendersorissa.gov.in) |
| (c) | Opening of Technical Bid | 11.09.2025 at 11.00 AM |
| (d) | Technical Presentation | Will be communicated through Email Website Notice |
| (e) | Opening of Financial Bid | Will be communicated through Email Website Notice |

The interested vendor can participate in the project as per the scope of work mentioned in the tender. The bidder has to give the Earnest Money Deposit (EMD) of **Rs.2,63,088/-(Rupees Two Lakh Sixty Three Thousand Eighty Eight) only** (online) i.e. 2% of Contract Value (online) as per the instruction available in the e-procurement portal (www.tendersodisha.gov.in) at the time of bidding. The registered MSME bidderare exempted from EMD as per FDOM No.21926,
OIPR : 46001/11/0063/2526 Sd/- Under Secretary to Government

**Office of the Chief District Medical & Public Health Officer, Khordha**
**(Department of Health & FW, Govt, of Odisha)**
**Advertisement No : 13261/DPMUKHD Date : 22.8.25**
E-352
**ADVERTISEMENT/NOTICE**
Applications are invited from the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to tbe posted in Khorda district against the vacancies as mentioned below.

| Sl. No. | Name of the Post | Vacancy |
|---|---|---|
| 1 | Counselor (NTCP-1, NRC-1) | 2 |
| 2 | Dental Technician (DEIC) | 1 |
| 3 | Senior Tuberculosis Laboratory Supervisor (STLS) | 1 |
| 4 | Urban Data Manager | 1 |
| 5 | Data Assistant-cum-Accountant (DAA) | 1 |

Interested in-house candidates of NHM only are requested to attend the Walk-In-Interview with the prescribed Application format along with the NOC and experience certificate issued by the concerned CDM & PHO and all certificates & Mark Sheets in support of age, qualification & experience etc. They should bring all original documents/ certificates/ Mark Sheets for verification. Selection shell be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website https://khordha.odisha.gov.in and the candidate should attend the Walk-In-Interview at the DTU, Office of the Chief District Medical & Public Health Officer, Khordha on dated 17-09-2025. The candidates are requested to register their names from 10.00 AM to 12.00 Noon, failing which their candidature shall not be considered Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept / reject any/ all application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained. No TA/ DA shall be admissible for attending the said Walk-In-Interview.
OIPR : 10029/11/0014/2526 Sd/- CDM&PHO, Khordha



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇପ୍ସିତା ବିଜୁ ଛାତ୍ର ଜନତା ଦଳର ସଭାପତି, ଚିନ୍ମୟ ବିଜୁ ଯୁବ ଜନତା ସଭାପତି

ଭୁବନେଶ୍ୱର, (ସବ୍ୟୁ) : ବିଜୁ ଜନତା ଦଳର ଛାମୁଆ ସଂଗଠନ କ୍ଷେତ୍ରରେ ନୂଆ ନିଯୁକ୍ତି ଦିଆଯାଇଛି । ଇପ୍ସିତା ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାପତି ଓ ଚିନ୍ମୟ ସାହୁଙ୍କୁ ବିଜୁ ଯୁବ ଜନତାର ସଭାପତି ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ନିଯୁକ୍ତି ପରେ ଉଭୟ ଚିନ୍ମୟ ଓ ଇପ୍ସିତା ନବୀନଙ୍କୁ ଭେଟି ତାଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି । ଏହାଛଡା ଛାତ୍ର ବ୍ୟାପାର କମିଟି ଲାଗି ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ



ଦେବୀ ରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଓ ସୌଭିକ୍ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ଯୁବ ବ୍ୟାପାର କମିଟି ଲାଗି ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ରାଜେନ୍ଦ୍ର କୁମାର ସାହୁ, ଅମରେସ ପତ୍ରି ଓ ସଞ୍ଜୀବ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି ।

# ଘଟଗାଁ ମା ତାରିଣୀ ପୀଠ ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ମା'ଙ୍କ ମନ୍ଦିରକୁ ତିନିପଟୁ ତିନୋଟି ରାସ୍ତା ସଂଯୋଗ କରାଯିବ

ଭୁବନେଶ୍ୱର, (ସବ୍ୟୁ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଘଟଗାଁ ମା ତାରିଣୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ୨୧୫ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ବୈଠକରେ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳର ବିକାଶ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା । ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଯେ, ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରାମର୍ଶ



ଦେଇଥିଲେ ।

ଆଲୋଚନାରୁ ଜଣାପଡ଼ିଛି ଯେ, ମା'ଙ୍କ ମନ୍ଦିରକୁ ହରିଚନ୍ଦନପୁର ପଟୁ, କେନ୍ଦୁଝର ପଟୁ ଏବଂ ପାଣିକୋଇଲି ପଟୁ ତିନୋଟି ରାସ୍ତାର ବିକାଶ କରାଯିବ । ଏହି ତିନୋଟି ରାସ୍ତାରେ ପାର୍କିଂ, ଭୋଗ ଦୋକାନ ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ମଧ୍ୟ ଉପଲବ୍ଧ କରାଯିବ । ସମସ୍ତ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ । ମନ୍ଦିର ନିକଟରେ ଏକ ବଡ଼ ଯଜ୍ଞମଣ୍ଡପ ତଥା କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ । ମା'ଙ୍କ ମହିମା ଓ ମା'ଙ୍କ ପୀଠ ସ୍ଥାପନର କିମ୍ବଦନ୍ତୀକୁ ପ୍ରଦର୍ଶିତ କରିବା ପାଇଁ କୋଣାର୍କ ଢାଞ୍ଚାରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର (Interpretation Centre) ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି । ଏଥିସହିତ ମନ୍ଦିର ନିକଟରେ ପ୍ରସ୍ତାବିତ ଯାତ୍ରୀନିବାସର ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ମନ୍ଦିର ନିକଟରେ ସୁବ୍ୟବସ୍ଥିତ ଭୋଗ ଏବଂ ଅନ୍ୟାନ୍ୟ ଦୋକାନ ନିର୍ମାଣ ସହିତ ଘଟଗାଁରେ ଥିବା ସରକାରୀ ଡାକବଙ୍ଗଳାର ଉନ୍ନତିକରଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଜି ବୈଠକରେ ସ୍ଥାନୀୟ ବୁଦ୍ଧିଜୀବୀ ଦେଇଥିବା ମତାମତ ଓ ପରାମର୍ଶ ଅନୁଯାୟୀ ପ୍ଲାନରେ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ଏଣ୍ଡାଓମେଣ୍ଟ କମିଶନର, ଓବିସିସିର ସର୍ବୋଚ୍ଚ ଯନ୍ତ୍ରୀ ତଥା ପରିଚାଳନା ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ ଘଟଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ରମାଦେବୀ ବିଶ୍ୱବିଦ୍ୟାଳୟରେ

# 'ଶକ୍ତିର ମହିଳା: ଦୁଇ ସଭ୍ୟତାର ଏକା କାହାଣୀ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର: (ସବ୍ୟୁ) : ମହିଳା ସଶକ୍ତିକରଣ ଏକ ସ୍ୱପ୍ନ ନୁହେଁ, ଜୀବନ୍ତ ବାସ୍ତବତା ହେବା ଉଚିତ । ସଭ୍ୟତାର ଆରମ୍ଭରୁ ଆଜି ଯାଏ ମହିଳାମାନେ ପ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ମହିଳାଙ୍କ ବିକାଶରେ ହିଁ ସମାଜର ବିକାଶ ହେବ । ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଶକ୍ତିର ମହିଳା: ଦୁଇ ସଭ୍ୟତାର ଏକା କାହାଣୀ' ପୁସ୍ତକର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି । ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ସମ୍ମାନିତ ଅତିଥି ଭାରତରେ ଅବସ୍ଥାପିତ ଗ୍ରୀସ୍ ରାଷ୍ଟ୍ରଦୂତ ଆଲିକି କୁଟମିଟପୁଲୁ କହିଲେ, ଏହି ପୁସ୍ତକ ଦୁଇଟି ସଂସ୍କୃତି ମଧ୍ୟରେ ଏକ ସୁସ୍ପଷ୍ଟ ଆଲୋଚନାକୁ ଦର୍ଶାଉଛି ।

ଏହା ମହିଳାଙ୍କ ଆତ୍ମସମ୍ମାନକୁ ସୂଚାଉଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ, କୁଳସଚିବ ମନଟିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପୁସ୍ତକକୁ ବିଶ୍ୱବିଦ୍ୟାଳୟର ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ଓ ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋର ଉପାଧ୍ୟକ୍ଷ ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ମିଳିତ ଭାବେ ଲେଖିଛନ୍ତି । ପୌରାଣିକ କାହାଣୀଠୁ ଆଧୁନିକ ଯୁଗ ଯାଏ ପରିବର୍ତ୍ତନ ଆଣିବାରେ ମହିଳାଙ୍କ ଶକ୍ତି, ତ୍ୟାଗ ଓ ନେତୃତ୍ୱକୁ ଏହି ପୁସ୍ତକରେ ସ୍ଥାନ ଦିଆଯାଇଛି । କାର୍ଯ୍ୟକ୍ରମରେ ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ.ଲୋପାମୁଦ୍ରା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଏମ୍ଆରଡିସିର ଗବେଷଣା ସହାୟକ ଯଜ୍ଞସେନୀ ସଂଚାଳନା କରିଥିଲେ ।

## ଜେନେରାଲି କେନ୍ଦ୍ରୀୟ ବୀମା ଦ୍ୱାରା ସ୍ୱାସ୍ଥ୍ୟ ଏକ୍ସଟ୍ରା ବୀମା ଦିଗରେ ବିଶାଳ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ) : ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି । ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ । ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ "ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଂଚିତ ଅଛନ୍ତି ।

# ହାଇଟେକ୍ ହସ୍ପିଟାଲ୍ ସୃଷ୍ଟି କଲା ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ

ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗିରର ଅରୁଣ କୁମାର ସାହୁ (ବୟସ-୭୬) ଅତି ଜରୁରୀ ସ୍ୱାସ୍ଥ୍ୟ ଅବସ୍ଥାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଆସି ପହଁଞ୍ଚିଥିଲେ । ବିଶିଷ୍ଟ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ଡକ୍ଟର ପି.କେ ଦାଶଙ୍କ ତତ୍ୱାବଧାନରେ ଚିକିତ୍ସା ଆରମ୍ଭ ହୋଇଥିଲାବେଳେ ତାଙ୍କ ହାର୍ଟରେ ଥିବା ୪ଟି ଭଲ୍‌ଭରୁ ଗୋଟିଏ ଭଲ୍‌ଭ୍ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇ ସାରିଥିଲା । ଯେଉଁଥିପାଇଁ ତାଙ୍କର ମସ୍ତିଷ୍କକୁ ରକ୍ତ ପ୍ରବାହ ହେଉନଥିବାରୁ ମୁଣ୍ଡ ଅତିଶୟ ଭାବରେ ବୁଲାଇ କଚାଡି ହୋଇ ପଡି ଯାଉଥିଲେ । ଏହି ଅବସ୍ଥାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଦଳମାନେ ତାଙ୍କ ସହିତ କଥାବାର୍ତ୍ତା ପରେ ତାଙ୍କୁ ପଚରାଗଲା ଯେ ଆମେ ଆପଣଙ୍କର ଓପନ୍ ହାର୍ଟ ସର୍ଜରୀ କରିପାରିବୁ ଏବଂ ବିନା ଅପରେସନ୍‌ରେ ବି ହୋଇପାରିବ କିନ୍ତୁ ସେ ଅପରେସନ୍ କରିବା ପାଇଁ ଯେତେବେଳେ ଡରିଲେ ସେତେବେଳେ ସୁଦକ୍ଷ ଚିକିତ୍ସାବିତ୍ ଡକ୍ଟର ପି.କେ ଦାଶଙ୍କ ତତ୍ୱାବଧାନରେ କାର୍ଡିଆକ୍ ଆନାସ୍ଥେଟିଷ୍ଟ ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ, ସିଟିଭିଏସ୍ ଡ. ସ୍ମୃତି ରଞ୍ଜନ ସାହୁ, ଡ. ଶିବ ଶଙ୍କର କର, ଡ. ସୁମିତ, ଡ. ଜ୍ଞାନ ରଞ୍ଜନ ନାୟକ, ଡ. ସିଦ୍ଧାର୍ଥ ଶ୍ରୀତମ ପଟ୍ଟନାୟକ, ଡ. ଦୀପକ ନାରାୟଣ ଲେଙ୍କା ଦୀର୍ଘ ଘଣ୍ଟା କାଳ ତାଙ୍କର ଭଲ୍‌ଭ୍‌କୁ ପୁନଃସ୍ଥାପନ




କରି ତାଙ୍କ ମସ୍ତିଷ୍କକୁ ରକ୍ତ ପ୍ରବାହ ସଠିକ୍ ରୂପେ ଚାଲିଥିବାବେଳେ ଏବେ ରୋଗୀଜଣଙ୍କ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । ଏଥିପାଇଁ ରୋଗୀ ଅରୁଣ କୁମାର ସାହୁଙ୍କର ସମସ୍ତ ପରିବାର ସଦସ୍ୟ ଡାକ୍ତରଙ୍କୁ ଶତକୋଟି ପ୍ରଣାମ ଜଣାଇଛନ୍ତି । ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇବା ସହ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଉ ଏକ ବୈପ୍ଳବିକ ପରିବର୍ତ୍ତନ ବା ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେଲା ବୋଲି କହିଛନ୍ତି । ସମସ୍ତ ଡାକ୍ତରଙ୍କର ତୁରନ୍ତ ଓ ଅନବରତ ଚିକିତ୍ସା ସେବା ରୋଗୀଙ୍କୁ ଏକ ନୂଆ ଜୀବନ ଦେଇଥିବାରୁ ସମସ୍ତଙ୍କୁ ମହାପ୍ରଭୁ କଲ୍ୟାଣ କରନ୍ତୁ ବୋଲି ଜଣାଇଛନ୍ତି ।

## ଆଇସିଆଇସିଆଇ ବ୍ୟାଙ୍କର ୧.୨୭ କୋଟି ଋଣ ଠକେଇ, ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜାଲ୍ କାଗଜପତ୍ର ଦେଇ ୧.୩କୋଟି ଟଙ୍କା ଋଣ ନେଇ ନସୁଝିବାରୁ ତାହା ୧.୨୭କୋଟିରେ ପହଞ୍ଚିଥିଲେ ମଧ୍ୟ ପରିଶୋଧର ନାଁ ଧରିଲେନି ମୁଖ୍ୟଅଭିଯୁକ୍ତ ସୁବ୍ରତ କୁମାର ନାୟକ (୫୫) । ଆଞ୍ଚଳିକ ମୁଖ୍ୟ ସୁଶାନ୍ତ ନାୟକଙ୍କ ଏତଲା ଆଧାରରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ।ସୁବ୍ରତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତର ଘର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ । ଅଭିଯୁକ୍ତ ସୁବ୍ରତ ତାଙ୍କ ମା'ରମାମଣି ନାୟକଙ୍କ ନାଁରେ ଜାଲ୍ କାଗଜପତ୍ର ଦେଇ ୨୦୧୭ ମସିହା ୩୦ ତାରିଖରେ ବମିଖାଲ ଆଇସିଆଇସିଆଇ ବ୍ୟାଙ୍କ ଶାଖାରୁ ଋଣ ନେଇଥିଲେ । ୩ଟି ପ୍ଲଟ୍ ବନ୍ଧା ଦେଇଥିଲେ, ଯାହା ରମାମଣିଙ୍କ ନାମରେ ଥିବା ଜଣାପଡ଼ିଥିଲା । ୨୦୧୬ ମସିହାରୁ ଅଭିଯୁକ୍ତ ସୁବ୍ରତର ମା' ମରିଯାଇଥିବା ବେଳେ ତାଙ୍କ ନାଁରେ ପୁଅ ଜାଲ୍ କାଗଜପତ୍ର କରି ଋଣ ନେଇଥିଲା । ଅଭିଯୁକ୍ତର ସ୍ତ୍ରୀ ମାଳବିକା ନାୟକକୁ ରମାମଣି ନାୟକ ଦର୍ଶାଇ ଋଣ ଉଠାଇ ନେଇଥିଲେ । ମୃତ ଲୋକଙ୍କ ନାଁରେ ଜାଲ କାଗଜପତ୍ର ଦେଇ ସୁବ୍ରତ ଋଣ ନେବାରେ କିପରି ସମର୍ଥ ହେଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ୟାଙ୍କ କର୍ମଚାରୀଙ୍କୁ ଲାଞ୍ଚ ଦେଇ ସୁବ୍ରତ ଏହି ଜାଲ୍ କାଗଜପତ୍ର ସହାୟତାରେ ସ୍ତ୍ରୀକୁ ମା' ଦର୍ଶାଇ ଋଣ ଉଠାଇବାରେ ସମର୍ଥ ହୋଇଥିଲା ।

## କଂଗ୍ରେସର ଦାବି

# ଜାତି ପ୍ରମାଣପତ୍ର କେଳେଙ୍କାରୀରେ ଇସ୍ତଫା ଦିଅନ୍ତୁ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜାତିଗତ ତଥ୍ୟ ଜାଲିଆତିକୁ ନେଇ ପିସିସି ମିଡ଼ିଆ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ପକ୍ଷରୁ ମନ୍ତ୍ରୀଙ୍କ ଜାଲିଆତି ଉଜାଗର କରାଯାଇଛି । ବରିଷ୍ଠ ନେତା ଶିବାନନ୍ଦ ରାୟ, ପିସିସି ମୁଖପାତ୍ର ଅଭିଷେକ୍ ମହାନନ୍ଦ, ମୁଖପାତ୍ର ନିଶିକାନ୍ତ ମିଶ୍ର ଏବଂ ବିଭୁତି ମହାପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଜାଲିଆତିର ବିଭିନ୍ନ ତଥ୍ୟପ୍ରମାଣ ଉପସ୍ଥାପନ କରିଥିଲେ । ମୁଖପାତ୍ର ଅଭିଷେକ୍ ମହାନନ୍ଦ କହିଥିଲେ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବରୁ ଜାଲ ଜାତି ପ୍ରମାଣପତ୍ର ଦେଇ ପାଠ ପଢିବା ସହ ସରକାରୀ ଚାକିରି କରିବା ଆଦି ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରିଥିଲେ । ମନ୍ତ୍ରୀଙ୍କ ଏହି ଜାଲିଆତିକୁ ନେଇ ଅନେକ ଦିନ ତଳୁ ପାଟଣାଗଡ଼ର ଡିଙ୍ଗର କୁମ୍ଭାର ନାମକ ଜଣେ ଆଇନଜୀବି ତଥା ସମାଜସେବୀ



କୋର୍ଟଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀଙ୍କ ଏହି କାରସାଦି ଧରା ପଡିବା ପରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା ଓ ନିଜେ କଂଗ୍ରେସ ନେତା ଅଭିଷେକ ମହାନନ୍ଦ କିଛି ଦିନ ତଳେ ପ୍ରେସ କନଫରେନସ କରି ମନ୍ତ୍ରୀଙ୍କ ଜାଲିଆତିର ପର୍ଦ୍ଦାଫାଶ କରିଥିଲେ ବୋଲି ନିଜେ ଅଭିଷେକ କହିଛନ୍ତି । ଶ୍ରୀ ମହାନନ୍ଦ କହିଛନ୍ତି, ବାରମ୍ବାର ଅଭିଯୋଗ ହେଲେ ସୁଦ୍ଧା ଭାଜପା ସରକାର ,ମନ୍ତ୍ରୀଙ୍କ ଜାଲିଆତି ଉପରେ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁର୍ନବାର ସମାଜସେବୀ ଡିଙ୍ଗର କୁମ୍ଭାର ପଦମପୁର ଥାନାରେ ମନ୍ତ୍ରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଥାନା ଆଇଆଇସି କେଶ୍ ଟିକୁ ରୁଜ୍ଜୁ କରିନଥିଲେ । ପରେ ଏନେଇ ଏକ ମାମଲା ହାଇକୋର୍ଟରେ ଅଭିଯୋଗ କାରି ଆବେଦନ କରିବା ପରେ ହାଇକୋର୍ଟ ପଦମପୁର ଏସଡିଜେଏମ୍ କୋର୍ଟକୁ ମାମଲାର ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପଦମପୁର ଏସଡିଜେଏମ୍ କୋର୍ଟ ମନ୍ତ୍ରୀଙ୍କ ବିରୁଦ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପାଇଲା ପରେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ । ମନ୍ତ୍ରୀଙ୍କ ଜାଲିଆତିର ଯଥେଷ୍ଟ ପ୍ରମାଣ ଥିଲେ ସୁଦ୍ଧା ପୋଲିସ କାହିଁକି ଏତଲା ରୁଜ୍ଜୁ କରୁନାହିଁ? କୋର୍ଟ କହୁଛି ଏଫଆଇଆର ରୁଜ୍ଜୁ କର ଆଉ ଏପଟେ ପୋଲିସ ନୀରବ । ଏସଡିଜେଏମ୍ କୋର୍ଟଙ୍କ ଆଦେଶକୁ କେଉଁ ସାହସରେ ପୋଲିସ ଅବମାନନା କରୁଛି ? କାହା ଚାପରେ ରହୁଛି ପୋଲିସ ? ଏଠି ମନ୍ତ୍ରୀ ମୁକେଶଙ୍କ ପ୍ରଭାବ କାମ କରୁଛି କି ? ଗୋଟିଏ ପଟେ କେନ୍ଦ୍ର ସରକାର ଦାଗୀ ନେତାଙ୍କ ପାଇଁ ଆଇନ ଆଣୁଛନ୍ତି ।

ଜାଲିଆତି ଧରାପଡିଲେ ଏପରିକି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ବି ଏଥିରୁ ବାଦ୍ ପଡିବେନି ବୋଲି କହୁଥିବା ବେଳେ ମନ୍ତ୍ରୀ ମୁକେଶଙ୍କ ବେଳେ ସରକାର ଚୁପ୍ କାହିଁକି ବୋଲି କଂଗ୍ରେସ ନେତା ଅଭିଶକ୍ କହିଛନ୍ତି । କୋର୍ଟଙ୍କ ଆଦେଶ ଅନୁଯାୟୀ ମନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଏଫଆଇଆର ରୁଜ୍ଜୁ କରିବା ସହିତ ନ୍ୟାୟାଳୟଙ୍କ ନିରୀକ୍ଷଣରେ ନିରପେକ୍ଷ ତଦନ୍ତ ହେବା ସହିତ ତଦନ୍ତକୁ ପ୍ରଭାବମୁକ୍ତ କରିବା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଆଜି କଂଗ୍ରେସ ମୁଖପାତ୍ର ଦାବୀ କରିଛନ୍ତି ।

# ବରଗଡ଼ କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍ ରେ ନୂଆଖାଇ ହାଟ୍

ଭୁବନେଶ୍ୱର (ସବ୍ୟୁ): ବରଗଡ କୃଷ୍ଣା ବିକାଶ ଫାଷ୍ଟ କ୍ଷେପ୍ ରେ ନୂଆଖାଇ ହାଡ୍ ଅତି ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ବିଦ୍ୟାଳୟ ଉଚ୍ଛାସମୟ ହୋଇ ଉଠିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କୃଷ୍ଣା ରାମ ତୁଳସୀ ମେମ୍, ଡାଇରେକ୍ଟର ସମରେନ୍ଦ୍ର ପଣ୍ଡା, ଏକ୍ସିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରଶାଦ ରାଇଲ.ସି.ଏଚ୍. ଏସ୍. ପ୍ରିନ୍ସିପାଲ ନାରାୟଣ ରଥ, ସିନିୟର ସେକେଣ୍ଡେରିର ପ୍ରିନ୍ସିପାଲ ଚିତ୍ତରଞ୍ଜନ ପତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ନୂଆଖାଇ ଉପଲକ୍ଷେ ତିଆରି ଆଲବମ୍ ଉତଘାଟିତ ହୋଇ ଥିଲା । ଦୀର୍ଘଦିନ ଧରି ପନିପରିବା ବିକ୍ରି କରି ସ୍ୱାଭଲମ୍ବି ଭାବେ ଜୀବିକା ଅର୍ଜନ କରିଥିବା



୨ଜଣ ବିୟସ୍କା ମହିଳା ତୁଳସି ଓ ମାଳତୀଙ୍କୁ ସମ୍ମାନୀତ କରାଯାଇଥିଲା । ବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷ ଧରି ପାଠ୍ୟ ଦାନ ଦେଇଥିବା ଓଡ଼ିଆ ଶିକ୍ଷୟତ୍ରୀ ଶ୍ରୀମତୀ କଳ୍ପନା ଦାଶଙ୍କୁ ସମ୍ମାନୀତ କରାଯାଇଥିଲା । ନୃତ୍ୟ ପାଇଁ ସୁରଥ ସାର୍, ଆର୍ଟ ପାଇଁ ପ୍ରଭାତ ସାର୍, ଗୀତ ପାଇଁ ଶୈଳେନ୍ଦ୍ର ସାର୍ ଓ ମିଳି ମେମ୍ ଙ୍କୁ ସମ୍ମାନୀତ କରାଗଲା । ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ଆବଶ୍ୟକ ବିଭିନ୍ନ ଜିନିଷ ତଥା କିରାନା ଠାରୁ କପଡା ସମସ୍ତ ସାମଗ୍ରୀ ବିକ୍ରି କରି ଥିଲେ । ବିଦ୍ୟାଳୟର ଛାତ୍ରୀ ଏଲିନା, ପ୍ରାପ୍ତି ଓ ଆୟୁଶ୍ରୀ ସଭା ସଂଯୋଜନା ତଥା ଶିକ୍ଷୟତ୍ରୀ ଶ୍ରୀମତୀ ଅର୍ଚ୍ଚନା ପାଣିଗ୍ରାହୀ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର

# ଫାଇଲେରିଆ ସଚେତନତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ଏକ ୧୦ ଦିନିଆ ଫାଇଲେରିଆ ସଚେତନତା ସ୍ୱାସ୍ଥ୍ୟ ଅଭିଯାନ ଆୟୋଜନ କରିଥିଲା, ଯାହା ଜିଲ୍ଲା ସାରା ପ୍ରାୟ ୨.୭ ଲକ୍ଷ ଲୋକଙ୍କ ପାଖରେ ପହଂଚିପରିଥିଲା । ଏହି କ୍ଷେତ୍ରରେ ଫାଇଲେରିଆର ମୁକାବିଲା ପାଇଁ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ଜନସ୍ୱାସ୍ଥ୍ୟ ସଚେତନତାକୁ ଏକତ୍ରିତ କରିବାରେ କମ୍ପାନୀର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଫାଇଲେରିଆ, ଏକ ଗମ୍ଭୀର ଭେକ୍ଟର-ବାହିତ ଉଷ୍ଣକଟିବନ୍ଧୀୟ ରୋଗ ଯାହା ବର୍ଷା ଋତୁରେ ଦ୍ରୁତ ଗତିରେ ବ୍ୟାପିଥାଏ, ତାହାର ପ୍ରତିରୋଧ ଏବଂ ଚିକିତ୍ସା ଉପରେ ସଚେତନତା ବୃଦ୍ଧି କରିବା । ଜିଲ୍ଲାର ପ୍ରମୁଖ ସ୍ଥାନରେ ସଚେତନତା ଶିବିର ଏବଂ ଫାଇଲେରିଆ ଉପରେ ଶିକ୍ଷାଗତ ସୂଚନା ପ୍ରସାରଣ କରୁଥିବା ଏକ



ସଚେତନତା ରଥନିୟୋଜନ ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ କରାଯାଇଥିଲା । ଜିଲ୍ଲାର ସମସ୍ତ ପାଂଚଟି ବ୍ଲକକୁ କଭର କରି, ରଥ ସାର୍ବଜନୀନ ଘୋଷଣା ପ୍ରଣାଳୀ ଏବଂ ମୁଦ୍ରିତ ସାମଗ୍ରୀ ମାଧ୍ୟମରେ ପ୍ରମୁଖ ସ୍ୱାସ୍ଥ୍ୟ ବାର୍ତ୍ତା ପ୍ରଦାନ କରିଥିଲା । ଏହି ପ୍ରୟାସରେ ବେଦାନ୍ତ କର୍ମଚାରୀ, ସମ୍ପ୍ରଦାୟ ସଦସ୍ୟ, ସ୍ଥାନୀୟ ନେତା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଏହାକୁ ସାମୂହିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ କରିଥିଲା ।

ବ୍ରଜବନ୍ଧୁ ଭୋଇ (ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ - ଜେନେରାଲ), ଡକ୍ଟର ଏଲ.କେ. କର୍ମୀ (ଅତିରିକ୍ତ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଇନ-ଚାର୍ଜ), ଏବଂ ଡକ୍ଟର ରାଧା ରମଣ ଭିର୍ତିଆ (ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ) ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତିରେ ଝାରସୁଗୁଡାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିମାନେ ଫାଇଲେରିଆ ରୋଗର ପ୍ରସାରକୁ ରୋକିବା ପାଇଁ ସକ୍ରିୟ ଫାଇଲେରିଆ ନିବାରଣ ଏବଂ ସମୟୋଚିତ ଔଷଧ ସେବନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପଦକ୍ଷେପର ପ୍ରଭାବ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସାମୁହିକ କଲ୍ୟାଣ ସହିତ ଶିଳ୍ପ ଅଭିବୃଦ୍ଧିକୁ ସମନ୍ୱୟ କରିବାରେ ବିଶ୍ୱାସ କରୁ । ଜିଲ୍ଲା ପ୍ରଶାସନ ସହିତ ସହଭାଗୀତାରେ, ଫାଇଲେରିଆ ସଚେତନତା ଅଭିଯାନ କିପରି ସାମୂହିକ କାର୍ଯ୍ୟ ସାର୍ବଜନୀନ ସ୍ୱାସ୍ଥ୍ୟରେ ପରିବର୍ତନକାରୀ ପ୍ରଭାବ ପକାଇପାରେ ତାହା ଦର୍ଶାଏ । ସୁସ୍ଥ ଏବଂ ଅଧିକ ସ୍ଥିର ସମ୍ପ୍ରଦାୟ ଗଠନ କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବାକୁ ଆମେ ଦୃଢ ଭାବରେ ପ୍ରତିବଦ୍ଧ । ଏହିପରି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ତୃଣମୂଳ ସ୍ତରରେ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି, ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣି ଏକ ସ୍ଥାୟୀ ଭବିଷ୍ୟତକୁ ପୋଷଣ କରୁଛି ।

# ଆଜିଠୁ ଭାରତ ଉପରେ ୫୦ % ଶୁଳ୍କ ଲାଗୁ



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଏକ ନୋଟିସ୍ ଜାରି କରିଛନ୍ତି । ଏଥିରେ କୁହାଯାଇଛି ଯେ, ନୂତନ ଶୁଳ୍କ ବ୍ୟବସ୍ଥା ୨୭ ଅଗଷ୍ଟ ରାତି ୧୨.୦୧ ରୁ ଲାଗୁ ହେବ । ଏହା ଦ୍ୱାରା ଟ୍ରମ୍ପ ଏବଂ ଭାରତ ମଧ୍ୟରେ ଦୂରତା ଆହୁରି ବଢ଼ିବାକୁ ଯାଉଛି । ଭାରତ ରୁଷିଆରୁ ତେଲ କିଣିବା ଯୋଗୁ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି । ସେ ଏନେଇ ନିଜର ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି । ଟ୍ରମ୍ପ ପ୍ରଶାସନ କହିଛି ଯେ, ଭାରତ ରଷିଆଠାରୁ ତେଲ କ୍ରୟ ଜାରି ରଖିବା ଜାତୀୟ ସୁରକ୍ଷା ପାଇଁ ଚିନ୍ତାର ବିଷୟ । ଆମେରିକାର ଗୃହ ସୁରକ୍ଷା ବିଭାଗ କଷ୍ଟମ୍ସ ଏବଂ ସୀମା ସୁରକ୍ଷା ମାଧ୍ୟମରେ ଶୁଳ୍କ ବିଷୟରେ ସୂଚନା ସେୟାର କରିଛି । ଟ୍ରମ୍ପ ଏହା ମାଧ୍ୟମରେ ଭାରତ ଉପରେ ଚାପ ବୃଦ୍ଧି କରିବାକୁ ଚାହୁଁଛନ୍ତି । ସେ ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ପରେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ ।
ଟ୍ରମ୍ପ ରୁଷିଆ ସହିତ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରୁଛନ୍ତି । ଭାରତ ଏବଂ ରୁଷିଆ ମଧ୍ୟରେ ଭଲ ବନ୍ଧୁତା ଅଛି ଏବଂ ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଜାରି ରହିଛି । ଟ୍ରମ୍ପ କହିଛନ୍ତି , ଭାରତ ରୁଷିଆଠାରୁ ତେଲ କିଣି ପରୋକ୍ଷ ଭାବରେୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଇ ଦେଉଛି । ରୁଷିଆ ଏବଂୟୁକ୍ରେନ ମଧ୍ୟରେ ଯୁଦ୍ଧ ବହୁତ ଦିନ ଧରି ଚାଲିଛି ।ଏହାକୁ ସମାପ୍ତ କରିବା ପାଇଁ ଟ୍ରମ୍ପୟୁକ୍ରେନ ରାଷ୍ଟ୍ରପତି ଭୋଲଡମିୟର ଜେଲେନସ୍କି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ମଧ୍ୟ ବୈଠକ କରିଥିଲେ ।
ଭାରତର ବୈଦେଶିକ ମନ୍ତ୍ରଣାଳୟ ୫୦ ପ୍ରତିଶତ ଶୁଳ୍କକୁ ଭୁଲ୍ ବୋଲି କହିଥିଲା । ଏହାକୁ ଅନ୍ୟାୟ ବୋଲି କହିଥିଲା । ଭାରତ କହିଛି ଯେ, ଆମେ ଶକ୍ତି ଆବଶ୍ୟକତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ରୁଷିଆରୁ ତେଲ କିଣୁଛୁ । ଭାରତ ଏହା ମଧ୍ୟ କହିଛି ଯେ, ଯେଉଁଠାରୁ ତେଲ ଶସ୍ତାରେ ମିଳିବ ସେଠାରୁ ତେଲ କିଣାଯିବ । ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଥିଲା , ଯାହା ଟ୍ରମ୍ପଙ୍କ ଜିଦ୍ ଯୋଗୁ ଅଟକି ରହିଛି । ଟ୍ରମ୍ପ ଚାହୁଁଛନ୍ତି, ଭାରତ ତାଙ୍କ ପାଇଁ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲି ଦେଉ, କିନ୍ତୁ ଭାରତ ଏଥିପାଇଁ ପ୍ରସ୍ତୁତ ନୁହେଁ । ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ, କୃଷକମାନଙ୍କ ସହ ଜଡିତ ପ୍ରସଙ୍ଗରେ କୌଣସି ସାଲିସ୍ ହୋଇପାରିବ ନାହିଁ ।

# ମୋଦୀ, ପୁଟିନଙ୍କୁ ସ୍ୱାଗତ କରିବେ ଜିନପିଙ୍ଗ୍



ବେଜିଂ :ୟୁକ୍ରେନ ଯୁଦ୍ଧକୁ ନେଇ ଏବେ ଆମେରିକା ରୁଷର ଦୁଇ ବନ୍ଧୁରାଷ୍ଟ୍ର ଭାରତ ଓ ଚୀନ ଉପରେ ଟାରିଫ ବସାଇ ଚାପ ପ୍ରୟୋଗ କରୁଛି । ବିଶେଷକରି ଭାରତ ଉପରେ ଆମେରିକା ସର୍ବାଧିକ ଚାପ ପ୍ରୟୋଗ କରୁଛି । ଆମେରିକାର ଏପରି ଦାଦାଗିରି ଭାରତ, ରୁଷ ଓ ଚୀନକୁ ଏକାଠି ଆସିବାକୁ ବାଧ କରିଛି । ଏହାର ଝଲକ ଆସନ୍ତା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଦେଖିବାକୁ ମିଳିବ । ରିପୋର୍ଟ ଅନୁସାରେ ଖୋଦ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱଗତ କରିବେ । ଚୀନର ଏହି ପଦକ୍ଷେପ ବିଶ୍ୱ ଦକ୍ଷିଣର ଏକତାର ଏକ ଶକ୍ତିଶାଳୀ ପ୍ରଦର୍ଶନ ହେବ, ଯାହା ଆମେରିକା ନେତୃତ୍ୱାଧୀନ ପରବର୍ତ୍ତୀ ବିଶ୍ୱ କ୍ରମକୁ ରେଖାଙ୍କିତ କରିବ । ଅଗଷ୍ଟ ୩୧ରୁ ସେପେଟମ୍ବର ୧ ପର୍ଯ୍ୟନ୍ତ ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀରେ ମଧ୍ୟ ଏସିଆ, ମଧ୍ୟପ୍ରାଚ୍ୟ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଛି । ୨୦୦୧ରେ ଏସସିଓ ପ୍ରତିଷ୍ଠା ହେବା ପରଠାରୁ ଏହି ଶିଖର ସମ୍ମିଳନୀ ସବୁଠାରୁ ବଡ଼ ହେବ । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ ଗତ ସପ୍ତାହରେ ଏହି ଦାବି କରିଥିଲେ । ସଂଗଠନକୁ ଏକ ନୂତନ ପ୍ରକାରର ଅନ୍ତର୍ଜାତୀୟ ସମ୍ପର୍କ ଗଠନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି । ଏସସିଓ ମୂଳତଃ ଛଅଟିୟୁରେସିଆନ୍ ଦେଶର ଏକ ଗୋଷ୍ଠୀ ଥିଲା । ଏଥିରେ ବର୍ତ୍ତମାନ ୧୦ ସ୍ଥାୟୀ ସଦସ୍ୟ ଏବଂ ୧୬ଟି ଆଲୋଚନା ଏବଂ ପର୍ଯ୍ୟବେକ୍ଷକ ଦେଶ ଅନ୍ତର୍ଭୁକ୍ତ । ଏହାର ପରିସର ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀଠାରୁ ଅର୍ଥନୈତିକ ଏବଂ ସାମରିକ ସହଯୋଗ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ।

## ରୁଷ ଓ ଚୀନକୁ ଟ୍ରମ୍ପଙ୍କ ନାଲିଆଖି

ୱାଶିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ପରମାଣୁ ବୋମା ସଂଖ୍ୟା କମାଇବାକୁ ସେ ରୁଷ ଓ ଚୀନ ସହ କଥା ହେବାକୁ ଚାହୁଁଛନ୍ତି । ଯଦି ଆମେରିକା ସମେତ ରୁଷ ଓ ଚୀନ ପରମାଣୁ ବୋମା ସଂଖ୍ୟା କମାଇବେ ତେବେ ହଜାର ହଜାର କୋଟି ଟଙ୍କା ସଂଚୟ ହେବ । ଓଭାଲ ଅଫିସରେ ସାମ୍ବାଦିକମାନଙ୍କ ସହ କଥା ହେବା ସମୟରେ ସେ କହିଥିଲେ ଯେ ଆମ ସମସ୍ତଙ୍କ ପାଖରେ ଅନେକ ପରମାଣୁ ବୋମା ରହିଛି । ଏବେ ସମସ୍ତଙ୍କ ପାଖରେ ଏତେ ସଂଖ୍ୟକ ପରମାଣୁ ବୋମା ରହିଛି ଯେ ତାହା ପୃଥିବୀକୁ ୫୦-୧୦୦ ଥର ଧ୍ୱଂସ କରିପାରିବ । ଏହା ସତ୍ତ୍ୱେ ପ୍ରତିବର୍ଷ ଶହ ଶହ କୋଟି ଡଲାର ବ୍ୟୟ କରି ନୂଆ ନୂଆ ପରମାଣୁ ଅସ୍ତ୍ର ତିଆରି କରାଯାଉଛି । ଆମେ ବି ତିଆରି କରୁଛୁ, ସେମାନେ ବି ତିଆରି କରୁଛନ୍ତି ।ଟ୍ରମ୍ପ ଅଟକଳ କରିଛନ୍ତି ଯେ ଚୀନ ଯେଉଁ ହାରରେ ପରମାଣୁ ବୋମା ତିଆରି କରୁଛି, ଆସନ୍ତା ୫-୬ ବର୍ଷରେ ଏହି ସଂଖ୍ୟା ଆମେରିକା ଓ ରୁଷ ସହିତ ସମାନ ହୋଇଯିବ । ଯଦି ଆମେ ଏହି ବାବଦରେ କରୁଥିବା ଖର୍ଚ୍ଚ ଅନ୍ୟ ଉତ୍ପାଦକତା ବିଶିଷ୍ଟ କ୍ଷେତ୍ରରେ ବ୍ୟୟ କରିବା ତେବେ ଆମେ ବହୁତ କିଛି ହାସଲ କରିପାରିବା ।

## ଡୋଡାରେ ବର୍ଷା ବିପ୍ରାତ : ଚାଲିଗଲା ୯ ଜୀବନ

ଶ୍ରୀନଗର: ମଙ୍ଗଳବାର ବାଦଲଫଟା ବର୍ଷା ପାଇଁ ବନ୍ୟା ଆସିବାରୁ ଜମ୍ମୁ-କଶ୍ମୀରର ଡୋଡାରେ ବ୍ୟାପକ କ୍ଷୟକ୍ଷତି ଘଟିଛି ।ଏଥିରେ ଏପର୍ଯ୍ୟନ୍ତ ୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏହା ସହିତ ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ବୈଷ୍ଣୋଦେବୀ ମନ୍ଦିର ନିକଟବର୍ତ୍ତୀ ଅର୍ଦ୍ଧକୱାରୀରେ ଏକ ବଡ଼ ଭୂସ୍ଖଳନ ହୋଇଛି । ଡୋଡାରେ ଘର ଭୁଶୁଡ଼ି ପଡ଼ିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ଦୁଇଜଣଙ୍କର ଆକସ୍ମିକ ବନ୍ୟାରେ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ ମୋଟ୍ ୯ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଥିବା ବେଳେ ନିଖୋଜ ଲୋକଙ୍କ ଖବର ମିଳିପାରିନାହିଁ । ଭୂସ୍ଖଳନ ଏବଂ ବଡ଼ ବଡ଼ ପଥର ଖସିବା ଯୋଗୁଁ ରାମବନ ଜିଲ୍ଲାରେ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି । କଶ୍ମୀର ଉପତ୍ୟକାକୁ କିସ୍ତଓ୍ୱାର ସହିତ ସଂଯୋଗ କରୁଥିବା ସିନ୍ଥନ ଟପ୍ ପାସ୍ ମଧ୍ୟ ବନ୍ଦ ହୋଇଯାଇଛି । ଏହା ସହ ଜୋଜିଲା ପାସରେ ପ୍ରବଳ ତୁଷାରପାତ ଯୋଗୁଁ ଶ୍ରୀନଗର-ଲେହ ରାଜପଥରେ ଯାତାୟତରେ ସମସ୍ୟା ହେଉଛି । ବନ୍ଦେ ଭାରତ ଏକ୍ସପ୍ରେସ୍, ଶ୍ରୀ ଶକ୍ତି ଏକ୍ସପ୍ରେସ୍ ଏବଂ ହେମକୁଣ୍ଡ ଏକ୍ସପ୍ରେସ୍ ସମେତ କଟରା ଯିବା ଆସିବା କରୁଥିବା ଅନେକ ଟ୍ରେନ୍ ବାତିଲ କରାଯାଇଛି ।

# ଗୁଜରାଟରେ "ସବୁଜ ଗତିଶୀଳତା ଅଭିଯାନ'

## ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଦିଗରେ ଏକ ପ୍ରମୁଖ ପଦକ୍ଷେପ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ହଂସଲପୁରରେ "ସବୁଜ ଗତିଶୀଳତା ପଦକ୍ଷେପ'ର ଶୁଭାରମ୍ଭ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗଣେଷ ଉତ୍ସବର ଉତ୍ସାହ ମଧ୍ୟରେ, ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରା ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି । ସେ କହିଛନ୍ତି ଯେ ଏହା ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ।ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଆଜିଠାରୁ ଭାରତରେ ନିର୍ମିତ ବୈଦ୍ୟୁତିକ ଯାନଗୁଡ଼ିକ ୧୦୦ ଟି ଦେଶକୁ ରପ୍ତାନି କରାଯିବ । ସେ ଦେଶରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍ ଉତ୍ପାଦନ ଆରମ୍ଭ କରିବାର ମଧ୍ୟ ଘୋଷଣା କରିଥିଲେ । ଆଜିର ଏହି ଦିନଟି ଭାରତ ଏବଂ ଜାପାନ ମଧ୍ୟରେ ବନ୍ଧୁତାରେ ଏକ ନୂତନ ପରିମାଣ ଯୋଡିଥାଏ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଭାରତ, ଜାପାନ ଏବଂ ସୁଜୁକି ମୋଟର କର୍ପୋରେସନର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ ଏକ ବଡ଼ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ହଂସଲପୁର ଠାରେ ସବୁଜ ଗତିଶୀଳତା ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗଣେଶ ଉତ୍ସବର ଆନନ୍ଦମୟ ପରିବେଶ ମଧ୍ୟରେ , ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡା ହେଉଛିଛ ସେ ମନ୍ତବ୍ୟ ଦେଇଥିଲେ ଯେ, ଏହା ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ।
୧୨ - ୧୩ ବର୍ଷ ପୂର୍ବେ ଭାରତର ସଫଳତାର ବୀଜ ବୁଣାଯାଇଥିଲା ବୋଲି ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ, ୨୦୧୨ ମସିହାରେ, ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ, ହଂସଲପୁରରେ ମାରୁତି ସୁଜୁକିକୁ ଜମି ଆବଣ୍ଟନ କରାଯାଇଥିଲା । ସେତେବେଳର ଦୃଷ୍ଟିକୋଣ ମଧ୍ୟ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଥିଲା । ସେହି ପ୍ରାରମ୍ଭିକ ପ୍ରୟାସଗୁଡ଼ିକ ଏବେ ଦେଶର ବର୍ତ୍ତମାନର ସଂକଳ୍ପ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ମନ୍ତବ୍ୟ ଦେଇଥିଲେ । ସ୍ୱର୍ଗତଃ ଓସାମୁ ସୁଜୁକିଙ୍କ ପ୍ରତି ତାଙ୍କର ରହିଥିବା ସମ୍ମାନର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ , ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରିବାର ଗୌରବ ହାସଲ କରିଛନ୍ତି । ସେ କହିଥିଲେ ଯେ, ଓସାମୁ ସୁଜୁକି ମାରୁତି ସୁଜୁକି ଇଣ୍ଡିଆ ପାଇଁ ଯେଉଁ ଦୃଷ୍ଟିକୋଣ ଦେଖିଥିଲେ ତାହାର ବ୍ୟାପକ ପ୍ରସାର ଦେଖି ସେ ଖୁସି ।

## ଯୁଦ୍ଧ ପାଇଁ ପ୍ରସ୍ତୁତ : ସିଡିଏସ

ନୂଆଦିଲ୍ଲୀ: ଶାନ୍ତି ଚାହୁଁଥିଲେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କହିଛନ୍ତି ଭାରତର ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚେହ୍ୱାନ୍ ।ଏଭଳି କହି ସେ ଚୀନ୍ ଏବଂ ପାକିସ୍ତାନକୁ ସିଧାସଳଖ ଚେତାବନୀ ଦେଇଥିବା କୁହାଯାଉଛି । ଶତ୍ରୁକୁ ଚେତାଇବା ସହ ସେ ଦେଶର ସୁରକ୍ଷା ଏବଂ ଭବିଷ୍ୟତ ପ୍ରସ୍ତୁତି ବିଷୟରେ ମଧ୍ୟ ଅନେକ ସୂଚନା ଦେଇଛନ୍ତ ।ସେ କହିଛନ୍ତି ଯେ, ଭାରତ ସର୍ବଦା ଶାନ୍ତିର ସମର୍ଥକ ରହିଆସିଛି । କିନ୍ତୁ ଶକ୍ତି ବିନା ଶାନ୍ତି କେବଳ ଏକ କଳ୍ପନା ଭଳି ।ଜେନେରାଲ ଚେହ୍ୱାନ୍ ଆଗାମୀ ସମୟରେ ଅପରେସନ୍ ସିନ୍ଦୂର ଏବଂ ଭାରତର ନୂତନ ପ୍ରତିରକ୍ଷା ପ୍ରଣାଳୀ ସୁଦର୍ଶନ ଚକ୍ର ବିଷୟରେ ମଧ୍ୟ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଆଧୁନିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ କେବଳ ଶାନ୍ତି ବଜାୟ ରଖିବାର ଇଚ୍ଛା ଯଥେଷ୍ଟ ନୁହେଁ, ବରଂ ଏହା ସହିତ ରଣନୈତିକ ଶକ୍ତି ଏବଂ ପ୍ରସ୍ତୁତି ମଧ୍ୟ ଆବଶ୍ୟକ । ସୁଦର୍ଶନ ଚକ୍ର କେବଳ ଦେଶର ସାମରିକ ଏବଂ ବେସାମରିକ ସ୍ଥାନଗୁଡ଼ିକୁ ସୁରକ୍ଷା ଦେବ ନାହିଁ, ବରଂ ଏହା ଭାରତର ପ୍ରତିରକ୍ଷା ରଣନୀତିରେ ଏକ ନୂତନ ଦିଗ ସ୍ଥିର କରିବ ।ଆର୍ମି ୱାର କଲେଜରେ ଦୁଇ ଦିନିଆ 'ରଣ ସମ୍ବାଦ' ସମ୍ମିଳନୀକୁ ସମ୍ବୋଧିତ କରି ସିଡିଏସ୍ ଚେହ୍ୱାନ୍ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଆସିଛି । କିନ୍ତୁ ଶକ୍ତି ବିନା ଶାନ୍ତି କେବଳ ଏକ ଭ୍ରମ । ଭାରତ ଏକ ଶାନ୍ତିପ୍ରିୟ ରାଷ୍ଟ । କିନ୍ତୁ ଆମକୁ କୌଣସି ପରିସ୍ଥିତିରେ ଶାନ୍ତିବାଦୀ ବୋଲି ବିବେଚନା କରାଯିବା ଉଚିତ ନୁହେଁ । ଶାନ୍ତି ବଜାୟ ରଖିବା ପାଇଁ ଶକ୍ତି ଆବଶ୍ୟକ । ଲାଟିନ୍ ଭାଷାରେ ଏକ ଲୋକ କଥା ଅଛି ଯେ, 'ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ ।



## ସମାନ କାମ କରୁଥିବା ଶିକ୍ଷକଙ୍କୁ ସମାନ ଦରମା ଦିଅ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଶିକ୍ଷକମାନଙ୍କ ପ୍ରତି ହେଉଥିବା ବ୍ୟବହାର ଉପରେ ସୁପ୍ରିମକୋର୍ଟ ଦୁଃଖ ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ,ଯଦି ଶିକ୍ଷକମାନେ କମ ଦରମା ପାଆନ୍ତି, ତେବେ 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବୋ ମହେଶ୍ୱର' ପାଠ କରିବା ନିରର୍ଥକ । ଯେଉଁମାନେ ଭବିଷ୍ୟତ ସୃଷ୍ଟି କରନ୍ତି ସେମାନଙ୍କୁ ଭଲ ଦରମା ମିଳିବା ଉଚିତ । ଗୁଜରାଟ ସରକାରଙ୍କ ଦ୍ୱାରା ସହାୟକ ପ୍ରଫେସରମାନଙ୍କୁ କମ୍ ଦରମା ଦେବା ମାମଲାରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । କୋର୍ଟ କହିଛନ୍ତି, ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଦରମା ମିଳିବା ଉଚିତ । କାରଣ ସେମାନେ ଭବିଷ୍ୟତ ପିଢ଼ିକୁ ପ୍ରସ୍ତୁତ କରନ୍ତି । ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ହାଇକୋର୍ଟଙ୍କର ନିର୍ଦ୍ଦେଶ ପାଳନ କରିବାକୁ କହିଛନ୍ତି । ହାଇକୋର୍ଟ ନର୍ଦ୍ଦେଶରେ କହିଛନ୍ତି, ସହକାରୀ ପ୍ରଫେସରମାନଙ୍କୁ ସମାନ କାମ ପାଇଁ ସମାନ ଦରମା ଦିଆଯିବା ଉଚିତ । ଗୁଜରାଟ ସରକାର ଚୁକ୍ତିଭିତ୍ତିକ ଭାବରେ କାମ କରୁଥିବା ସହକାରୀ ପ୍ରଫେସରମାନଙ୍କୁ ପ୍ରତି ମାସରେ କେବଳ ୩୦,୦୦୦ ଟଙ୍କା ଦେଉଛନ୍ତ । ଯେତେବେଳେ ସେମାନେ ଆଡ-ହକ୍ ଏବଂ ନିୟମିତ ସହଯୋଗୀ ପ୍ରଫେସରଙ୍କ ପରି ସମାନ କାମ କରୁଛନ୍ତି ।ଆଡ-ହକ୍ ପ୍ରଫେସରମାନେ ମାସିକ ପ୍ରାୟ ୧.୨ ଲକ୍ଷ ଟଙ୍କା ଏବଂ ନିୟମିତ ପ୍ରଫେସରମାନେ ୧.୪ ଲକ୍ଷ ଟଙ୍କା ଦରମା ପାଉଛନ୍ତ ।ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମେ ଆମର ଶିକ୍ଷକମାନଙ୍କ ସହିତ କିପରି ବ୍ୟବହାର କରୁ, ସେ ବିଷୟରେ ଆମେ ବହୁତ ଚିନ୍ତିତ । ଶିକ୍ଷକମାନଙ୍କ ଅବଦାନକୁ ସମ୍ମାନ ଦିଆଯାଉ ନଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତ । କୋର୍ଟ କହିଛନ୍ତି, ଯଦି ଶିକ୍ଷକମାନଙ୍କୁ ସମ୍ମାନ କରାଯାଏ ନାହିଁ ଏବଂ ସେମାନଙ୍କୁ ଭଲ ଦରମା ମିଳେ ନାହିଁ,ତେବେ ଦେଶରେ ଜ୍ଞାନର ମୂଲ୍ୟ ହ୍ରାସ ପାଇବଛ ଏହା ଦେଶକୁ ଆଗକୁ ନେବାରେ ନିୟୋଜିତ ଲୋକଙ୍କୁ ନିରୁତ୍ସାହିତ କରିବ ।

## ବିରୋଧୀଙ୍କୁ ଶାହଙ୍କ ଆହ୍ୱାନ

# ବିଲ୍‌କୁ ବିରୋଧର କାରଣ ଦର୍ଶାଅ

ନୂଆଦିଲ୍ଲୀ: କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଲଗାତାର ଯଦି ୩୦ ଦିନ ବିଚାରବିଭାଗୀୟ ହେପାଜତରେ ରୁହନ୍ତି ତେବେ ସେମାନଙ୍କୁ ସ୍ୱୟଂ ପଦରୁ ହଟାଇବାର ବ୍ୟବସ୍ଥା ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍-୨୦୨୫ରେ ରହିଛି । ଏହି ବିଲ୍ ରାଜନେତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ।ସାର୍ବଜନୀନ ଜୀବନରେ ନୈତିକତାକୁ ସୁନିଶ୍ଚିତତା କରିବାର ଏହି ପ୍ରୟାସକୁ ବିରୋଧୀମାନେ କାହିଁକି ବିରୋଧ କରୁଛନ୍ତି ତାହା ସେମାନେ ଲୋକଙ୍କୁ ବୁଝାନ୍ତୁ ବୋଲି ଗୃହମନ୍ତ୍ରୀ ଶାହ ଆହ୍ୱାନ କରିଛନ୍ତି । ବିରୋଧୀ ଦଳଗୁଡ଼ିକଙ୍କୁ ସେ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଜେଲ୍ରେ ଥାଇ ସରକାର ଚଳାଇବା ଗଣତନ୍ତ୍ର ପାଇଁ ସମୀଚୀନ କି? ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଟାର୍ଗେଟ କରି ଶାହ କହିଛନ୍ତି, କେଣସି ମାମଲା ବିଚାରାଧୀନ ଥିଲେ ନୈତିକତା ଦୃଷ୍ଟିରୁ ଇସ୍ତଫା ନଦେଇ ଜେଲରୁ ସରକାର ଚଳାଇବାର ଏବେ ନୂଆ ଧାରା ଆରମ୍ଭ ହୋଇଛ । ବିରୋଧୀ ଏହି ବିଲକୁ ପ୍ରବଳ ବିରୋଧ କରୁଥିବାବେଳେ ଏହାକୁ ସଂସଦୀୟ ଯୁଗ୍ମ କମିଟି (ଜେପିସି)କୁ ଅଧିକ ତର୍ଜମା ପାଇଁ ପଠାଯାଇଛି । ବିଲ୍ଟି ସଂସଦରେ ଉପସ୍ଥାପନ ସମୟରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିବାରୁ ଶାହ ଏହାର କଡ଼ା ସମାଲୋଚନା କରିଥିଲେ । ସେ କହିଛନ୍ତି, ଯଦି ଏକ ନିର୍ବାଚିତ ସରକାର ସଂସଦରେ କୌଣସି ସମ୍ବିଧାନ ସଂଶୋଧନ ବିଲ୍ ଆଣନ୍ତି, ତା'ହେଲେ ଏହାକୁ ବିରୋଧ କରାଯିବାର କାରଣ କ'ଣ? ବିଲକୁ ଜେପିସିକୁ ପଠାଯିବ ବୋଲି ମୁଁ ସ୍ପଷ୍ଟ କରିସାରିଛି । ବିରୋଧୀ ଏହା ଉପରେ ସେମାନଙ୍କ ମତାମତ ଦେଇପାରିଥାନ୍ତେ ।ଏହା ଏକ ସାମ୍ବିଧାନ ସଂଶୋଧନ ବିଲ୍, ଏହାକୁ ପାରିତ କରିବାକୁ ଉଭୟ ଗୃହରେ ଆମକୁ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତାର ଆବଶ୍ୟକତା ରହିଛି । ଆମ ପାଖରେ ସଂଖ୍ୟା ଗଠିଷ୍ଠତା ଅଛି କି ନାହିଁ ତାହା ଭିନ୍ନ କଥା କିନ୍ତୁ ବିରୋଧୀ ମତାମତ ରଖିବା ସହିତ ଭୋଟ ଦେଇ ପାରିବେ । କିନ୍ତୁ ସଂସଦକୁ ଚଳେଇ ନଦେବା ଗଣତନ୍ତ୍ର ପାଇଁ ଠିକ୍ ନୁହେଁ । ଆମେ ମଧ୍ୟ ବହୁ ପ୍ରସଙ୍ଗକୁ ବିରୋଧ କରିଛୁ ।

# ଭିଭିପି କର୍ମଶାଳା ଉଦ୍‌ଘାଟନ କଲେ ଶାହ



ନୂଆଦିଲ୍ଲୀ:କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ (ଭିଭିପି) କର୍ମଶାଳାର ଉଦଘାଟନୀ ଅଧିବେଶନକୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଛନ୍ତି । ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ (ଏମ୍ଏଚ୍ଏ) ର ସୀମା ପରିଚାଳନା ବିଭାଗ ଦ୍ୱାରା ଏହି କର୍ମଶାଳାର ଆୟୋଜନ କରାଯାଉଛି । ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ "ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ ର ଲୋଗୋ ଉନ୍ମୋଚନ କରିଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ (ଆଇବି) ର ନିର୍ଦ୍ଦେଶକ, ସୀମା ପରିଚାଳନା ସଚିବ, ଭିଭିପିର ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ, ସୀମା ସୁରକ୍ଷା ପାଇଁ ନିୟୋଜିତ ସୁରକ୍ଷା ବାହିନୀର ମହାନିର୍ଦ୍ଦେଶକ ଏବଂ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ ତିନୋଟି ପ୍ରମୁଖ ଦିଗ ଉପରେ ଆଧାରିତ: ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରୁ ସ୍ଥାନାନ୍ତରଣକୁ ରୋକିବା, ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକର ପ୍ରତ୍ୟେକ ନାଗରିକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାର ଶତପ୍ରତିଶତ ଲାଭ ପାଇବା ସୁନିଶ୍ଚିତ କରିବା ଏବଂ ସୀମା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭିଭିପି ଅଧୀନରେ ଗ୍ରାମଗୁଡ଼ିକୁ ସୁଦୃଢ଼ ଉପକରଣରେ ବିକଶିତ କରିବା ।ସେ କହିଥିଲେ ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ""ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ ର ବିଚାର ଉପସ୍ଥାପନ କରିଥିଲେ, ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ପ୍ରତ୍ୟେକ ସୀମାନ୍ତବର୍ତ୍ତୀ ଗ୍ରାମକୁ କେବଳ ସମସ୍ତ ସୁବିଧା ଯୋଗାଇ ଦିଆଯିବ ନାହିଁ, ବରଂ ଏହି ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କୁ, ସେମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସମ୍ପୂର୍ଣ୍ଣ ସୁବିଧା ପହଞ୍ଚାଇବାକୁ ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ, ଏହି ଗ୍ରାମଗୁଡ଼ିକୁ ଦେଶ ଏବଂ ଏହାର ସୀମାର ସୁରକ୍ଷା ପାଇଁ ଶକ୍ତିଶାଳୀ ଉପକରଣ ଭାବେ ବିକଶିତ କରାଯିବ । ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶେଷ ଗ୍ରାମକୁ ପ୍ରଥମ ଗ୍ରାମ ଭାବେ ନାମିତ କରି ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକ ପ୍ରତି ଆମର ଦୃଷ୍ଟିକୋଣକୁ ବଦଳାଇ ଦେଇଛନ୍ତି ।

## ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସରେ ଅଭିନେତା ବାଲକ୍ରିଷ୍ଣ

ଅମରାବତୀ: ତେଲୁଗୁ ଅଭିନେତା ନନ୍ଦମୁରୀ ବାଲକ୍ରିଷ୍ଣଙ୍କୁ ଚଳଚ୍ଚିତ୍ରରେ ପାଞ୍ଚ ଦଶନ୍ଧି ପୂରଣ କରିବା ପାଇଁ ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍ୟୁକେ (ଗୋଲ୍ଡ ଏଡିସନ୍) ଦ୍ୱାରା ସମ୍ମା ନିତ କରାଯାଇଛି । ଭାରତୀୟ ସିନେମାରେ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ଏହି ସମ୍ମାନ ପାଇଛନ୍ତି । ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସର ସିଇଓ ସନ୍ତୋଷ ଶୁକ୍ଲା ତେଲୁଗୁ ସିନେମାରେ ବାଲକ୍ରିଷ୍ଣଙ୍କ ଅବଦାନକୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ବୋଲି ପ୍ରଶଂସା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ବାଲକ୍ରିଷ୍ଣଙ୍କ ଯାତ୍ରା ଭାରତୀୟ ଏବଂ ବିଶ୍ୱ ସିନେମାରେ ଏକ ସ୍ୱର୍ଣ୍ଣିମ ମାଇଲଖୁଣ୍ଟ ଭାବରେ ଠିଆ ହୋଇଛି ।ବାଲକ୍ରିଷ୍ଣଙ୍କୁ ଏହି ସମ୍ମାନ ପ୍ରଦାନ ନେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାଇଡୁ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ପିଢ଼ି ପରେ ପିଢ଼ି ଲୋକଙ୍କ ଦ୍ୱାରା ପ୍ରଶଂସିତ ଏବଂ ସିନେମା ପ୍ରତି ତାଙ୍କର ଉତ୍ସର୍ଗୀକୃତତା ଏବଂ ଆଗ୍ରହ ପାଇଁ ନନ୍ଦମୁରୀ ବାଲକ୍ରିଷ୍ଣ ଗାରୁଙ୍କ ୫୦ ବର୍ଷ ଧରି ମୁଖ୍ୟ ନାୟକ ଭାବରେ ଯାତ୍ରା ଭାରତୀୟ ଚଳଚ୍ଚିତ୍ର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ରହିଛି ।

# ନିତିଶଙ୍କ ପୁଅ ଦଳର ମଙ୍ଗ ଧରିବେ!



ପାଟନା: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାରଙ୍କୁ ନେଇ ବିହାର ରାଜନୀତିରେ ସସପେନ୍ସ ଜାରି ରହିଛି । ନିଶାନ୍ତ କୁମାର କେବେ ରାଜନୀତିରେ ପ୍ରବେଶ କରିବେ, ଏହା ହିଁ ଏକ ବଡ଼ ପ୍ରଶ୍ନ ହୋଇ ରହିଛି । ନିଶାନ୍ତ କୁମାର ଗଣମାଧ୍ୟମରେ ତାଙ୍କ ପିତା ନୀତିଶ କୁମାରଙ୍କ ପ୍ରଶଂସା କଲେ ଏହାକୁ ନେଇ ରାଜନେତିକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଥାଏ । ବିରୋଧୀ ଦଳ ସଦସ୍ୟ କହିଥାନ୍ତି ନିଶାନ୍ତ ତାଙ୍କ ପିତା ନୀତିଶଙ୍କ ଦ୍ୱାରା ରାଜ୍ୟ ପାଇଁ କରାଯାଇଥିବା କାମ ଉପରେ ଭୋଟ ମାଗୁଛନ୍ତି । ପାଟନାରେ ଜନତା ଦଳୟୁନାଇଟେଡ୍(ଜେଡିୟୁ) ରାଜ୍ୟ କାର୍ଯ୍ୟାଳୟ ବାହାରେ ନିଶାନ୍ତ କୁମାର ଏବଂ ତାଙ୍କ ପିତା ନୀତିଶ କୁମାରଙ୍କ ପୋଷ୍ଟର ଲଗାଯାଇଥିଲା । ଏହି ପୋଷ୍ଟରର ବିଶେଷ କଥା ହେଉଛି ନିଶାନ୍ତ କୁମାରଙ୍କୁ କର୍ପୁରୀ ଠାକୁରଙ୍କ ବିଚାରଧାରା ଏବଂ ନୀତିଶ କୁମାରଙ୍କ କାର୍ଯ୍ୟଶୈଳୀର ଉତ୍ତରାଧିକାରୀ ଭାବରେ ବର୍ଣ୍ଣନା କରାଯାଇଛି ।
ଜେଡିୟୁ କାର୍ଯ୍ୟାଳୟ ବାହାରେ ଥିବା ପୋଷ୍ଟରରେ ଲେଖା ଅଛି,ସଚ୍ଚୋଟତା ଏବଂ ଜନସେବାର ଏକ ନୂତନ ପିଢ଼ି ।ଜନସେବାର ଐତିହ୍ୟ ଏବେ ଆଗକୁ ବଢ଼ିବ । ନିଶାନ୍ତ କୁମାର ହେଉଛନ୍ତି ଜନନାୟକ କର୍ପୁରୀ ଠାକୁରଙ୍କ ବିଚାରଧାରା ଏବଂ ନୀତିଶଙ୍କ କାର୍ଯ୍ୟଶୈଳୀର ଉତ୍ତରାଧିକାରୀ । ଏହି ପୋଷ୍ଟର ପ୍ରକାଶ ପାଇବା ପରେ କଳ୍ପନାଜଳ୍ପନା ଜୋର ଧରିଛି ଯେ, ଯଦି ବିହାରରେ ୨୦୨୫ ନିର୍ବାଚନରେ ଏନଡିଏ ଜିତିବ, ତେବେ ନିଶାନ୍ତ କୁମାରଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ କରାଯିବ । ନୀତିଶ କୁମାରଙ୍କ ବର୍ଦ୍ଧିତ ବୟସ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

# ୟୁଏସ୍ ଓପନ | ଦ୍ୱିତୀୟ ରାଉଣ୍ଡରେ କାଶାଟକିନା

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ଆରମ୍ଭ ହୋଇଛି । ମହିଳା ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡ ମ୍ୟାଚରେ ଟୁର୍ଣ୍ଣାମେଣ୍ଟର ୧୫ ତମ ସିଡ୍ ଡାରିଆ କାଶାଟକିନା ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସହଜ ସାଧ ପ୍ରଥମ ରାଉଣ୍ଡରେ କାଶାଟକିନା ୭-୫, ୬-୧ ସିଧାସଳଖ ସେଟ୍‌ରେ ଏଲିଆ ଗାବ୍ରିଏଲାଙ୍କୁ ଧରାସାୟୀ କରିଥିଲେ। ସେ ଦ୍ୱିତୀୟ ରାଉଣ୍ଡରେ କାମିଲା ରାକ୍ଷୀମୋଭାଙ୍କୁ ଭେଟିବେ । ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଆନା ଲି ବିଜୟ ଲାଭ କରିଛନ୍ତି। ଲି ୪-୬, ୬-୨, ୬-୪ ସେଟ୍‌ରେ ରେବେକା ଶ୍ରାମୋଭାଙ୍କୁ ହରାଇଥିଲେ । ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆନା ଲି ଟୁର୍ଣ୍ଣାମେଣ୍ଟର ୧୬ ତମ ସିଡ୍ ବେଲିଣ୍ଡା ବେନେକିକୋଙ୍କୁ ଭେଟିବେ ।



ପୁରୁଷ ବର୍ଗର ପ୍ରଥମ ରାଉଣ୍ଡ ମ୍ୟାଚରେ ଏକାଧିକ ହଟଚମଟ ଦେଖିବାକୁ ମିଳିଛି । ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସିଡ୍ କାର୍ଲୋସ ଆଲକାରେଜ୍, ଗାବ୍ରିଏଲ୍ ଡିଆଲୋ, କାସ୍ପର ରୁଡ୍ , ଆନ୍ଦ୍ରେ ରୁବଲେଭ, କରିନ ଖାଚାନୋଭୋ, ଟ୍ରିଷ୍ଟାନ୍ ବଏର ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କାର୍ଲୋସ ଆଲକାରେଜ୍ ୬-୪, ୭-୫, ୬-୪ ସେଟ୍‌ରେ ରିଲି ଓପେଲକାଙ୍କୁ ପରାଜିତ କରିଥିଲେ। ସେହିଭଳି ଗାବ୍ରିଏଲ୍ ଡିଆଲୋ ୭-୬, ୪-୬, ୭-୫,୭-୫ ମାରାଥନ ସେଟ୍‌ରେ ଦାମିର ଜୁମହୁରଙ୍କୁ ପରାଜିତ କରିଥିଲେ। କାସ୍ପର ରୁଡ ୬-୧, ୬-୭, ୭-୬ ସେଟ୍‌ରେ ସେବାଷ୍ଟିଆନ୍ ଅଫନରଙ୍କୁ ହରାଇଥିବା ବେଳେ ଆନ୍ଦ୍ରେ ରୁବଲେଭ ୬-୪, ୬-୪, ୬-୪ ସେଟ୍‌ରେ ଦିନୋ ପ୍ରିଜମିକ୍‌ଙ୍କୁ ପରାଜିତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କରିନ୍ ଖାଚାନୋଭୋ ୬-୭, ୬-୩, ୭-୫, ୬-୧ ସେଟ୍‌ରେ ନିଶେଷ ବାସଭର୍ଡିଙ୍କୁ ଧରାସାୟୀ କରିଛନ୍ତି। ଅଣସିଡେଡ୍ ଟ୍ରିଷ୍ଟାନ୍ ବଏର ୬-୩, ୭-୫, ୬-୪ ସେଟ୍‌ରେ ଜେମ୍ସ ଡକୱର୍ଥଙ୍କୁ ପରାଜିତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

# କେମିତି ସନ୍ୟାସ ନିଅନ୍ତି କ୍ରିକେଟ୍‌ର



ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ଖେଳ ଜୀବନର ଅଗ୍ରଗତି ସହ ଅବସର ବି ଆସେ। କ୍ରିକେଟ୍ ଜଗତରେ ଖେଳାଳିଙ୍କ ଅବସର କିଛି ନୂଆ କଥା ନୁହେଁ। ବେଶ୍ କିଛି ଦିନ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଚମକ ଦେଖାଇବା ପରେ ଦଳ ପାଇଁ ଅଲୋଡା ହୋଇପଡୁଥିବା କ୍ରିକେଟ୍‌ର ଶେଷରେ ଅବସର ନେବାକୁ ନିଷ୍ପତ୍ତି ନେଇଥାନ୍ତି। ତେବେ ପ୍ରଶ୍ନ ଉଠୁଛି କ୍ରିକେଟ୍‌ର ମାନେ ଅବସର ନେବାର ନିୟମ କ'ଣ ? କ'ଣ ପାଇଁ ତାଙ୍କୁ କାହାଠୁ ଅନୁମତି ନେବାକୁ ପଡେ ନା ମନଇଚ୍ଛା ଅବସର ନେଇପାରିବେ।

## ଅବସର ପରେ ପେନ୍‌ସନ୍

ବିସିସିଆଇ ୨୦୦୪ ମସିହାରୁ ଅବସରପ୍ରାପ୍ତ ଖେଳାଳିଙ୍କ ପାଇଁ ପେନସନ୍ ଯୋଜନା ଚଳାଉଛି । ଏହି ଯୋଜନା ଅନୁଯାୟୀ ଖେଳାଳି ମାନଙ୍କୁ ସେମାନଙ୍କ କ୍ରିକେଟ୍ କ୍ୟାରିୟର ଏବଂ ଖେଳିଥିବା ମ୍ୟାଚ ସଂଖ୍ୟା ଉପରେ ଆଧାର କରି ମାସିକ ପେନସନ୍ ଦିଆଯାଇଥାଏ । ୨୫ କିମ୍ବା ତାଠାରୁ ଅଧିକ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ମାସିକ ୭୦ ହଜାର ଟଙ୍କା ପେନ୍‌ସନ୍ ମିଳିଥାଏ। ଯେଉଁମାନେ ୨୫ ରୁ କମ୍ ଟେଷ୍ଟ ଖେଳିଛନ୍ତି ସେମାନଙ୍କୁ ୬୦ ହଜାର ଟଙ୍କା ମିଳିଥାଏ । ୫ରୁ ୯ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ମାସିକ ୩୦ ହଜାର ଟଙ୍କା ପେନସନ୍ ମିଳିଥାଏ ।

## କ'ଣ ରହିଛି ନିୟମ ?

ଅନ୍ତର୍ଜାତୀୟ କ୍ରିକେଟ୍ ପରିସର (ଆଇସିସି) କିମ୍ବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଭଳି ସଂଗଠନ ଅବସର ପ୍ରକ୍ରିୟା ପାଇଁ କୌଣସି ଆନୁଷ୍ଠାନିକ ନିୟମ ସ୍ଥିର କରିନାହାଁନ୍ତି। ତେଣୁ ଜଣେ କ୍ରିକେଟର ଯେତେବେଳେ ଚାହିଁବେ ଅବସର ନେଇପାରିବେ ।ତଥାପି ବ୍ୟକ୍ତିଗତ ସିଷ୍ଟାଚାର ଏବଂ ପ୍ରୋଟୋକଲ ଅନୁଯାୟୀ କ୍ରିକେଟ୍‌ର ସାଧାରଣତଃ ସେମାନଙ୍କ ବୋର୍ଡ, ଚୟନ କମିଟି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କୁ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥାନ୍ତି । ପରେ ଏ ନେଇ ସୋସିଆଲ୍ ମିଡିଆରେ ଅବସର ସମ୍ପର୍କରେ ଜଣାଇଥାନ୍ତି ।

ଭାରତରେ ଯେତେବେଳେ ଜଣେ କ୍ରିକେଟର ଅବସର ନେବାକୁ ଇଚ୍ଛା କରନ୍ତି, ସେ ସାଧାରଣତଃ ବିସିସିଆଇ ଅଧିକାରୀ କିମ୍ବା ଚୟନ କମିଟି ମୁଖ୍ୟଙ୍କୁ ଅବଗତ କରାଇଥାନ୍ତି। ଏହି ସୂଚନା ଏକ ଆନୁଷ୍ଠାନିକ ଚିଠି, ଇମେଲ୍ କିମ୍ବା ବ୍ୟକ୍ତିଗତ ସାକ୍ଷାତ ମାଧ୍ୟରେ ଦିଆଯାଇପାରିବ। ସମ୍ପ୍ରତି ଚେତେଶ୍ୱର ତାଙ୍କର ଅବସର ଘୋଷଣା କରିବା ପୂର୍ବରୁ ବିସିସିଆଇ ସହ ଆଲୋଚନା କରିଥିଲେ। ଘରୋଇ କ୍ରିକେଟ୍ କ୍ଷେତ୍ରରେ ଖେଳାଳିଙ୍କୁ ତାଙ୍କ ରାଜ୍ୟ କ୍ରିକେଟ୍ ସଂଘ ଏବଂ ବିସିସିଆଇଙ୍କୁ ଜଣାଇବାକୁ ପଡିବ । ବିଶେଷ କରି ଯଦି ସେ ରଣଜୀ ଟ୍ରଫି ଭଳି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି ତେବେ ଜଣାଇବା ବିଧେୟ। ଏହା ଆବଶ୍ୟକ କାରଣ ଚୟନକର୍ତ୍ତା ଭବିଷ୍ୟତ ଯୋଜନାରେ ସେହି ଖେଳାଳିଙ୍କୁ ସାମିଲ କରିବେ ନାହିଁ।

# ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ
## ଭାଗ ନେବେ ପୂଜାସ୍ୱିନୀ


ଭୁବନେଶ୍ୱର, ୨୬।୮ (ଏଜେନ୍ସି) : ଗଜପତି ଜିଲ୍ଲାର ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଫେନସିଂ ଖେଳାଳି ଏବଂ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ପୂଜାସ୍ୱିନୀ ନାୟକ ଆଉ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତରେ ଭାଗ ନେବାକୁ ଯାଉଛନ୍ତି। ସେପ୍ଟେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆରେ ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ପୂଜାସ୍ୱିନୀ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ପୂଜାସ୍ୱିନୀ ଜାତୀୟ ସ୍ତରରେ ୩୩ ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ସାମାଜିତ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ସ୍ଥାନୀୟ ସ୍ତରରେ ଉପଲବ୍ଧ ନଥିବା ଅନ୍ତର୍ଜାତୀୟମାନଙ୍କ ଫି ଅନୁମୋଦିତ ହୁଇଲ୍ ଚେୟାର ଫେନସିଂ ଉପକରଣ କ୍ରୟ ପାଇଁ ବିବିଏସ୍‌ଏ ଯୋଜନା ଅଧୀନରେ ୧ ଲକ୍ଷ ୮୭ ହଜାର ୩୧ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଓଡିଶା ସରକାର ଦିବ୍ୟାଙ୍ଗ କ୍ରୀଡାବିତ୍ ସଶକ୍ତ କରିବା ଏବଂ ବିଶ୍ୱ ସ୍ତରରେ ସେମାନଙ୍କୁ ଚମକ ଦେଖାଇବା ପାଇଁ ପ୍ରତ୍ୟେକ ସୁଯୋଗ ପାଇବା ନିଶ୍ଚିତ କରିବା ଲାଗି ପ୍ରତିବଦ୍ଧ ।

# କ୍ରିକେଟରଙ୍କୁ ମୋଟରାଇଜଡ୍ ହ୍ୱିଲଚେୟାର, କ୍ରିକେଟ କିଟ୍ ସହାୟତା



ଅନୁଗୁଳ , ୨୬।୮ (ସବ୍ୟୁ) : ଅନୁଗୁଳ ଜିଲ୍ଲାର ଦୁଇ ସ୍ୱତନ୍ତ୍ର ଭାବେ ସକ୍ଷମ ଯୁବକ, ଛେଣ୍ଡିପଦା ତେନ୍ତୁଲେଇ କୁଡ଼ା ସାହିର ଧ୍ରୁବ ଚରଣ ପ୍ରଧାନ ଏବଂ ମାଛକୁଟାର ନିର୍ମଳ କୁମାର ସେଠୀ, ହ୍ୱିଲଚେୟାର କ୍ରିକେଟରେ ନିଜର ପ୍ରତିଭା ପ୍ରଦର୍ଶନ କରି ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନଙ୍କ ହ୍ୱିଲଚେୟାର କ୍ରିକେଟ ପ୍ରତି ଥିବା ଆଗ୍ରହ ଓ ପ୍ରଦର୍ଶନକୁ ସମ୍ମାନ କରିବାକୁ ଯାଇ ଗୁଜରାଟ ମିନେରାଲ ଡେଭେଲପମେଣ୍ଟ କର୍ପୋରେସନ (ଜିଏମଡିସି)ର ସିଏସଆର ଶାଖା ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଭିଟି) ଏହି ଦୁଇ ଯୁବକଙ୍କୁ କ୍ରିକେଟ ଖେଳିବା ପାଇଁ ମୋଟରାଇଜଡ୍ ହ୍ୱିଲଚେୟାର ଏବଂ ସ୍ୱତନ୍ତ୍ର କ୍ରିକେଟ କିଟ ପ୍ରଦାନ କରିଛି। ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସମାରୋହରେ ଜିଲ୍ଲାପାଳ ଶ୍ରୀ ଅବଦାଲ ଏମ. ଅଖତାର ଏହି ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଏବଂ ଜିଏମଡିସିର ବୈତରଣୀ ପଶ୍ଚିମ କୋଇଲା ବ୍ଲକ ପ୍ରୋଜେକ୍ଟ ମୁଖ୍ୟ ଶ୍ରୀ ସୁଶୀଳ ମିନହାସ ଉପସ୍ଥିତ ଥିଲେ।ଉଭୟ ଯୁବକମାନେ ହ୍ୱିଲଚେୟାର କ୍ରିକେଟ୍ ଇଣ୍ଡିଆ ଏବଂ ଡିଫରେଣ୍ଟଲି-ଏବଲ୍ଡ କ୍ରିକେଟ୍ କାଉନସିଲ୍ ଅଫ୍ ଇଣ୍ଡିଆ ଭଳି ପ୍ରମୁଖ ସଂସ୍ଥା ଦ୍ୱାରା ଆୟୋଜିତ ବିଭିନ୍ନ ଜାତୀୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଆସୁଛନ୍ତି। ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଭିଟି)ର ଏହି ସହାୟତା ପାଇଁ ଉଭୟ ଯୁବ କ୍ରିକେଟର ଜିଲ୍ଲାପାଳ ଏବଂ ଜିଏମଡିସିକୁ ଧନ୍ୟବାଦ ଦେଇଛନ୍ତି।

# ଅବସର ନେଲେ ଟେନିସ କୁଇନ୍ ଭିଟୋଭା



ନ୍ୟୁୟର୍କ, ୨୬।୮ (ଏଜେନ୍ସି) : ଦୁଇଥର ୱିମ୍ବଲଡନ୍ ଟାଇଟଲ୍ ହାସଲ କରିଥିବା ଚେକ୍ ଗଣରାଜ୍ୟର ମହିଳା ଟେନିସ ଖେଳାଳି ପେଟ୍ରା ଭିଟୋଭା ଅବସର ଘୋଷଣା କରିଛନ୍ତି। ଟେନିସ ଜଗତର ଲଳନା ଭିଟୋଭା ଅବସର ନେବା ବେଳେ କାନ୍ଦିଥିଲେ। ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରେ ସେ ଡାଏନ୍ ପେରିଙ୍କ ନିକଟରୁ ହାରିଯିବା ପରେ ଟେନିସକୁ ଅଲବିଦା କରିଥିଲେ। ଗତବର୍ଷ ଜୁଲାଇରେ ସେ ପୁତ୍ର ସନ୍ତାନର ମା ହୋଇଥିଲେ। ୧୭ ମାସ ପରେ କଠିନ ପରିଶ୍ରମ କରି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ଫେରିଥିଲେ । ୨୦୧୧ ରେ ମାରିଆ ସାରାପୋଭାଙ୍କୁ ହରାଇ ୱିମ୍ବଲଡନ୍ ଟାଇଟଲ ଜିତିଥିଲେ। ୨୦୧୪ରେ ୟୁଗେନି ବୌଚାର୍ଡଙ୍କୁ ହରାଇ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇଥିଲେ। ୨୦୧୯ ଫାଇନାଲରେ ନାଓମି ଓସାକା ତାଙ୍କୁ ପରାଜିତ କରିଥିଲେ ।

୨୦୧୬ରେ ଜଣେ ଆତତାୟୀ ଘରେ ପଶି ଭିଟୋଭାଙ୍କୁ ଛୁରୀରେ ଆକ୍ରମଣ କରିଥିଲା । ଏଥିରୁ ମୁକୁଳିବା ପାଇଁ ତାଙ୍କୁ ସର୍ଜରୀ କରିବାକୁ ପଡିଥିଲା । ଭିଟୋଭାଙ୍କ ପାଖରେ ୩୫ ମିଲିୟନ୍ ଡଲାର ରହିଛି । ୨୦୧୫ରେ ବିବାହ କରିବା ପରେ ସେ ୨୦୧୬ରେ ଚେକ୍ ଗଣରାଜ୍ୟର ହକି ଖେଳାଳି ରାଇକେ ମିଡଲେଙ୍କ ଠାରୁ ଅଲଗା ହୋଇଯାଇଥିଲେ । କୋଚ୍ ଜିରି ୱାନେକଙ୍କ ସହ ୨୦୨୩ରେ ବିବାହ କରିଥିଲେ । ଭିଟୋଭାଙ୍କୁ ଟେନିସ ପ୍ରେମୀ ଜଣେ ଭଲ ଖେଳାଳି ଓ ଗ୍ଲାମର ମହିଳା ଭାବେ ମନେ ରଖିବେ ।

# ସମସ୍ତେ ଜାଣନ୍ତି କିନ୍ତୁ କେହି କହିବେନି : ମନୋଜ ତିୱାରୀ



ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ପୂର୍ବତନ ଭାରତୀୟ କ୍ରିକେଟ୍‌ର ମନୋଜ ତିୱାରି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଉପରେ ପକ୍ଷପାତ ଅଭିଯୋଗ ଲଗାଇଛନ୍ତି। ଧୋନୀଙ୍କ ଅଧିନାୟିକତ୍ୱରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲା । ସେ ସମୟରେ ମନୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ଆହତ ସମସ୍ୟା ଯୋଗୁଁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ବେଶି ଦିନ ଆଗକୁ ବଢିପାରିନଥିଲା । ଅନ୍ତର୍ଜାତୀୟ କ୍ୟାରିୟରେ ସେ କେବଳ ୧୨ ଟି ଦିନିକିଆ ଓ ୩ ଟି ଟି-୨୦ ମ୍ୟାଚ ଖେଳିଥିଲେ। ମନୋଜ ତିୱାରି କହିଛନ୍ତି ତାଙ୍କୁ କେବେବି ଧୋନୀଙ୍କ ସମର୍ଥନ ମିଳିନଥିଲା। ତିୱାରି ୨୦୧୫ରେ ଜିମ୍ବାୱେରେ ଶେଷ ଥର ଭାରତ ପାଇଁ ଦିନିକିଆ ମ୍ୟାଚ ଖେଳିଥିଲେ। ସେତେବେଳେ ଧୋନୀ ଓ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା। ଆଜିଙ୍କ୍ୟ ରାହାଣେ ଯୁବ ଦଳର ନେତୃତ୍ୱ ନେଇଥିଲେ। ମନୋଜ ତିୱାରିଙ୍କ ବଡ ବ୍ୟତିକ୍ରମ ହେଉଛି ଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଶତକ ପରେ ହିଁ ଦିନିକିଆ ଦଳରେ ସ୍ଥାନ ମିଳିଲା ନାହିଁ। ଏହା ସହ ସେ ଶ୍ରୀଲଙ୍କା ଗସ୍ତରେ ଦଳକୁ ଫେରି ବୋଲିଂରେ ଭଲ ପ୍ରଦର୍ଶନ କରି ୪ ୱିକେଟ୍ ନେଇଥିଲେ। ଶତକ ସତ୍ତ୍ୱେ କାହିଁକି ତାଙ୍କୁ ଦଳରେ ସ୍ଥାନ ମିଳିଲା ନାହିଁ ବୋଲି ପ୍ରଶ୍ନର ଉତ୍ତର ଦେବା ସ୍ଥିତିରେ ମୁଁ ନଥିବା କହିଛନ୍ତି ମନୋଜ ତିୱାରି। ଏହି ପ୍ରଶ୍ନର ଉତ୍ତର ମହେନ୍ଦ୍ର ସିଂ ଧୋନୀ, କୋଚ୍ ଡନକାନ ଫ୍ଲେଚର ଓ ଚୟନକର୍ତ୍ତା ଦେଇପାରିବେ। ଏବେ ସୁଦ୍ଧା ଏହାର ଉତ୍ତର ମୋତେ ବି ମିଳିନାହିଁ। ଯଦି ଭବିଷ୍ୟତରେ ଧୋନୀଙ୍କୁ ଭେଟିବେ, ତାଙ୍କୁ ପ୍ରଶ୍ନ କଲେ ଉଚିତ ହେବ। ଟିମ୍ ଇଣ୍ଡିଆର ଅନେକ ଖେଳାଳି ଓ ଚେନ୍ନାଇ ସୁପର କିଙ୍ଗ୍ସର କିଛି ଖେଳାଳି ଧୋନୀଙ୍କୁ ଆଗକୁ ବଢାଇବାକୁ ଶ୍ରେୟ ଦେଇଛନ୍ତି। ତିୱାରି କହିଛନ୍ତି ବ୍ୟକ୍ତି ଓ ଧାରଣା ଏପରି ଜିନିଷ ଯାହା ଲୋକଙ୍କ ସହ ଯାଏ କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ ଜଣେ। ତାଙ୍କ କାର୍ଯ୍ୟକାଳରେ ଅନ୍ୟ କିଛି ଖେଳାଳି ବି ଅଛନ୍ତି। ଅନେକ ଖେଳାଳି ଅଛନ୍ତି ଯେଉଁମାନେ ପକ୍ଷପାତିତା କଥା ଜାଣନ୍ତି।ସେମାନଙ୍କ ପାଖରେ ଭିନ୍ନ କାହାଣୀ ଅଛି । ମୁଁ କେବଳ ମୋ ସହ ଯାହା ଘଟିଥିଲା ସେ ବିଷୟରେ ଅଭିଜ୍ଞତା ଶେୟାର କରିବି। ଯଦି ସେ ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଥାନ୍ତେ , ତେବେ ସେ ନିଶ୍ଚିତ ଭାବେ ମୋତେ ମଧ୍ୟ ପ୍ରୋତ୍ସାହିତ କରିଥାନ୍ତେ। ମୁଁ ସେହି ସମୟରେ ଭଲ ପ୍ରଦର୍ଶନ କରୁଥିଲି । କିନ୍ତୁ ତାଙ୍କ ଯୋଗୁଁ ମୋ କ୍ୟାରିୟରେ ପୂର୍ଣ୍ଣଚ୍ଛେଦ ପଡିଗଲା। ମୁଁ ସବୁବେଳେଭାବେ ପ୍ଲେଇଂ ୧୧ କିମ୍ବା ଦଳରେ ସ୍ଥାନରେ ପାଇବା ପାଇଁ ପ୍ରଦର୍ଶନ ହେଉଛି ସବୁଠୁ ବଡ ମାନଦଣ୍ଡ । କିନ୍ତୁ ମୋ କ୍ଷେତ୍ରରେ ଏହା ହୋଇନଥିଲା। ମୁଁ ଅନ୍ୟମାନଙ୍କ ବିଷୟରେ କହିବା ଉଚିତ ହେବ ନାହିଁ ବୋଲି ତିୱାରି କହିଛନ୍ତି।



# ୨୯ ରୁ ସିନିୟର, ସବଜୁନିୟର ତାଇକୋଣ୍ଡୋ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : କଟକର ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୨୯ ତାରିଖରୁ ଜାତୀୟ ସିନିୟର ଏବଂ ସବ୍‌ଜୁନିୟର ତାଇକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି । ସବଜୁନିୟର ବିଭାଗରେ ୬୦୦ ରୁ ଉର୍ଦ୍ଧ୍ୱ ଏବଂ ସିନିୟର ବିଭାଗରେ ୫୦୦ ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ପଦକ ହାସଲ କରିଥିବା ପ୍ରତିଯୋଗୀ ଆଗକୁ ଚୀନରେ ହେବାକୁ ଥିବା ବିଶ୍ୱ ତାଇକୋଣ୍ଡୋ ଚାମ୍ପିଅନ୍‌ସିପ୍ ଏବଂ ଏସିଆନ ଗେମ୍ସ ପାଇଁ ମନୋନୀତ ହେବେ। ରାଜ୍ୟ ତାଇକୋଣ୍ଡୋର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି ।


ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ରୋହିତଙ୍କ ପାଇଁ ବ୍ରୋଙ୍କୋ ଟେଷ୍ଟ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ୨୦୨୭ରେ ଦିନିକିଆ ବିଶ୍ୱ କପ୍ ଆୟୋଜିତ ହେବ । ସେତେବେଳକୁ ରୋହିତ ଶର୍ମାଙ୍କ ବୟସ ୪୦ ହୋଇସାରିଥିବ। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସକ୍ରିୟ ଥିବେ କି ନାହିଁ ତାହା କେହି ଜାଣନାହାଁନ୍ତି । ତେବେ ଦଳକୁଫେରିବାକୁ ହେଲେ ରୋହିତ ଶର୍ମାଙ୍କୁ ବ୍ରୋଙ୍କୋ ଟେଷ୍ଟର ସମ୍ମୁଖୀନ ହେବାକୁ ପଡିବ। ଏଭଳି ଏକ ନିୟମ ଆଣିଛି ବିସିସିଆଇ। ଭାରତ ଓ ଇଂଲଣ୍ଡ ଟେଷ୍ଟ ସମ୍ପର୍କରେ ବୋଲରଙ୍କ ଫିଟ୍‌ନେସ୍ ସମ୍ପର୍କିତ ସମସ୍ୟା ଯୋଗୁଁ ବୋଡ ପକ୍ଷରୁ ବ୍ରୋଙ୍କୋ ଟେଷ୍ଟ ଲାଗୁ ହୋଇଛି । ଏହାର ଉଦ୍ଦେଶ୍ୟ ହାଇ ଲେବଲ୍ ଫିଟ୍‌ନେସ୍ ଟେଷ୍ଟ ବଜାୟ ରଖିବା । ଏହି ନିୟମକୁ ନେଇ ଏବେ ଚାରିଆଡୁ ପ୍ରଶ୍ନ ଉଠିଛି । ପୂର୍ବତନ ଭାରତୀୟ ବ୍ୟାଟର ମନୋଜ ତିୱାରିଙ୍କ ମତରେ ବିସିସିଆଇ ଏହି ନିମୟ ଆରମ୍ଭ କରିଛି । ଯଦ୍ୱାରା ରୋହିତ ଶର୍ମା ଦିନିକିଆ ବିଶ୍ୱ କପ୍ ୨୦୨୭ ପୂର୍ବରୁ କ୍ରିକେଟ୍‌ରୁ ସନ୍ୟାସ ନେଇଯିବେ। ସମସ୍ତେ ଜାଣିଛନ୍ତି ଭାରତୀୟ ଦଳରେ ରୋହିତ ଶର୍ମା ଫିଟ୍ ଖେଳାଳି ନୁହଁନ୍ତି । ମାତ୍ର ତାଙ୍କର ପ୍ରଦର୍ଶନ ଏପରି ତାଙ୍କୁ କେହି ବେଞ୍ଚରେ ବସାଇ ପାରିବେ ନାହିଁ। ମନୋଜ ତିୱାରିଙ୍କ କହିବା କଥା ଏହି କାରଣ ପାଇଁ ହିଁ ବ୍ରୋଙ୍କୋ ଟେଷ୍ଟ ଆରମ୍ଭ କରାଯାଇଛି । ରୋହିତଙ୍କ ବୟସ ଏବେ ୩୮ ବର୍ଷ। ତେବେ ୨୦୨୭ ବିଶ୍ୱ କପ୍‌ରେ ବିରାଟ କୋହଲିଙ୍କୁ ଦଳରୁ ବାହାରେ ରଖିବା ଅସମ୍ଭବ । ରୋହିତ ଶର୍ମାଙ୍କୁ ନେଇ ସନ୍ଦେହ ରହିଛି । ବ୍ରୋଙ୍କୋ ଟେଷ୍ଟ ଏଇଥି ପାଇଁ କରାଯାଉଛି । ଯଦ୍ୱାରା ରୋହତ ଶର୍ମାଙ୍କ ପରି ଖେଳାଳିଙ୍କୁ ଦଳ ବାହାରେ ରଖାଯାଇପାରିବ। ବ୍ରୋଙ୍କୋ ଟେଷ୍ଟ ହେଉଛି ସବୁଠୁ କଠିନ ଫିଟନେସ ଟେଷ୍ଟ ମଧ୍ୟରୁ ଅନ୍ୟତମ। ମାତ୍ର ପ୍ରଶ୍ନ ଉଠୁଛି ଏବେ କାହିଁକି ଏହି ଟେଷ୍ଟ ଆରମ୍ଭ କରାଯାଉଛି। ନୂଆ କୋଚ୍ ଗମ୍ଭୀର ସିଜନ୍ ଆରମ୍ଭରୁ ଏହି ନିୟମ କାହିଁକି ଲାଗୁ କଲେ ନାହିଁ। ବର୍ତ୍ତମାନ ଏହା କାହାର ନିଷ୍ପତ୍ତି । ଏହି ନିୟମ ଏବେ କିଏ ଆରମ୍ଭ କଲା ? ଏମିତି ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ। ଯାହା ଲାଗୁଛି ରୋହତଙ୍କୁ ଦଳରେ ରହିବା ପାଇଁ ହେଲେ ଆଗକୁ କଠିନ ପରିଶ୍ରମ କରିବାକୁ ପଡିବ। ଖେଳାଳିଙ୍କୁ ଫିଟ୍ ରଖିବା ପାଇଁ ଏହି ନିୟମ ଲାଗୁ ହୋଇଛି। କିନ୍ତୁ ଏହା ବି ସତ୍ୟ ଯେ କିଛି ଖେଳାଳିଙ୍କୁ ଦଳରେ ବାହାର କରିବା ପାଇଁ ଏହି ନିୟମ ଲାଗୁ ହୋଇଛି। ୨୦୧୧ ମଧ୍ୟ ଠିକ୍ ଏମିତି ହୋଇଥିଲା। ସେହି ସମୟରେ ଦଳରେ ଗମ୍ଭୀର, ସେହ୍ୱାଗ, ଯୁବରାଜ ଅନ୍ୟ ଖେଳାଳିମାନେ ଭଲ ପ୍ରଦର୍ଶନ କରୁଥିଲେ। ୨୦୧୧ରେ ଦଳ ବିଶ୍ୱ ଚାମ୍ପିଅନ ହେବା ପରେ ବିସିସିଆଇ ୟୋ ୟୋ ଟେଷ୍ଟ ଲାଗୁ କରିଥିଲା ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି